ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୦
୨୮ ଅକ୍ଟୋବର, ୨୦୨୫ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 170
28th October, 2025 Tuesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି**
**ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ । ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ ।

# ଦୁର୍ବଳ ଅବସ୍ଥାରେ ଓଡ଼ିଶା ପହଞ୍ଚିବ 'ମନ୍ଥା'

**ଭୁବନେଶ୍ୱର,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଧୀରେ ଧୀରେ ଉପକୂଳ ମୁହାଁ ହେଉଛି ବାତ୍ୟା 'ମନ୍ଥା'। ଆନ୍ଧ୍ରପ୍ରଦେଶର ମଛିଲିପଟନମ-କଳିଙ୍ଗପଟନମ ମଧ୍ୟବର୍ତ୍ତୀ ଅଞ୍ଚଳ କାକିନାଡା ନିକଟରେ ଏହା ସ୍ଥଳଭାଗ ଛୁଇଁବ। ତେବେ ଓଡ଼ିଶାରେ ବାତ୍ୟା ପହଞ୍ଚିବା ବେଳକୁ ଦୁର୍ବଳ ହୋଇଯାଇଥିବ। ଭାରତ ପାଣିପାଗ ବିଭାଗ(ଆଇଏମଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି।




ଶ୍ରୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, 'ମନ୍ଥା' ଭୀଷଣ ବାତ୍ୟା ରୂପରେ ଲ୍ୟାଣ୍ଡଫଲ କରିବ। କିନ୍ତୁ ଓଡ଼ିଶାରେ ପହଞ୍ଚିବା ସମୟରେ ଦୁର୍ବଳ ହୋଇଯିବ। ଓଡ଼ିଶାରେ ଦୁର୍ବଳ ହେଉଥିବାରୁ ପବନର ବେଗ ଘଣ୍ଟାପ୍ରତି ୬୦ରୁ ୭୦ କିଲୋମିଟର ମଧ୍ୟରେ ରହିବ। ଦକ୍ଷିଣ ଓଡ଼ିଶା ଦେଇ ଏହା ଛତିଶଗଡ଼ ମୁହାଁ ହେବ। ମାଲକାନଗିରି, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ବାତ୍ୟାର ପ୍ରଭାବ ଅଧିକ ରହିବ। ବିଶେଷ କରି ୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ଭିତରେ ବାତ୍ୟାର ପ୍ରଭାବ ବେଶୀ ହେବ।

ଅନ୍ୟପକ୍ଷରେ ସାମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ମାଲକାନଗିରି ଜିଲ୍ଲାରେ ଏବେ କୋକୁଆ ଭୟ। ଲୋକେ ଭୟଭିତ ନହେବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୨୮ ଓ ୨୯ ତାରିଖ ବାତ୍ୟାର ପ୍ରଭାବ ଜିଲ୍ଲାରେ ପଡୁଥିବାରୁ କେହି ଘରୁ ପଦାକୁ ନବାହାରିବା ପାଇଁ ଏକ ପ୍ରକାର ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲାର (ଶେଷ ପୃଷ୍ଠା ଦେଖନ୍ତୁ)

## ଦୁଇଦିନ ସ୍କୁଲ ବନ୍ଦ

**ଭୁବନେଶ୍ୱର,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ପାଇଁ ଖୋର୍ଦ୍ଧା ଜିଲ୍ଲାରେ ଦୁଇ ଦିନ ଛୁଟି ଘୋଷଣା। ସୋମାବାର ଛୁଟି ଘୋଷଣା କରିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ। ଘୋଷଣା ଅନୁସାରେ ୨୮ ତାରିଖ ଅର୍ଥାତ ମଙ୍ଗଳବାର ଏବଂ ୨୯ ତାରିଖ ବୁଧବାର ଜିଲ୍ଲାରେ ସବୁ ସରକାରୀ ଓ ବେସରକାରୀ ସ୍କୁଲ କଲେଜ ବନ୍ଦ ରହିବ। ସେହିଭଳି ଜିଲ୍ଲାରେ ସବୁ ଅଙ୍ଗନୱାଡ଼ି ମଧ୍ୟ ବନ୍ଦ ରହିବ। ଏହାକୁ ମିଶାଇଲେ ବର୍ତ୍ତମାନ ସୁଦ୍ଧା ବାତ୍ୟା ମନ୍ଥାକୁ ନଜରରେ ରଖି ସତର୍କତା (ଶେଷ ପୃଷ୍ଠା ଦେଖନ୍ତୁ)

# ୧୨ ରାଜ୍ୟରେ ଏସ୍ଆଇଆର୍



**ନୂଆଦିଲ୍ଲୀ,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ନିର୍ବାଚନ କମିଶନ ଏକ ବଡ଼ ଘୋଷଣା କରିଛନ୍ତି। ଦେଶର ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର୍) କରାଯିବ ବୋଲି ଘୋଷଣା କରାଯାଇଛି।

ସୋମବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ବିହାରରେ ଏସଆଇଆର ସଫଳ ଭାବରେ କାର୍ଯ୍ୟକାରୀ ହେବା ପରେ, ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ଏବେ ଦେଶର ଅନ୍ୟ ମନୋନୀତ ରାଜ୍ୟରେ କାର୍ଯ୍ୟକାରୀ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ଏସଆଇଆର ପରେ, ଦେଶର ସମସ୍ତ ୩୬ଟି ରାଜ୍ୟ ନିର୍ବାଚନ କମିଶନରଙ୍କ ସହିତ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା, ଯାହା ପରେ ଆମେ ଏକ ନିଷ୍ପତ୍ତିରେ ପହଞ୍ଚିଛୁ ।

ଜ୍ଞାନେଶ କୁମାର ଆହୁରି କହିଛନ୍ତି ଯେ ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ଏବେ ମନୋନୀତ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଆରମ୍ଭ ହେବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ତାଲିକାରେ ଯୋଗ୍ୟ ଭୋଟରମାନଙ୍କୁ ଯୋଡିବା ଏବଂ ଅଯୋଗ୍ୟ କିମ୍ବା ଡୁପ୍ଲିକେଟ ନାମଗୁଡ଼ିକୁ ହଟାଇବା। ଏହା ଉଲ୍ଲେଖନୀୟ ଯେ ଭୋଟର ତାଲିକାରେ ତ୍ରୁଟି ବିଷୟରେ ସମସ୍ତ ରାଜନୈତିକ ଦଳଙ୍କ ଅଭିଯୋଗ ସତ୍ତ୍ୱେ ୧୯୫୧ରୁ ୨୦୦୪ ମଧ୍ୟରେ ଏପରି ସଂଶୋଧନ ୮ଥର କରାଯାଇଥିଲା।

ସିଇସି ଜ୍ଞାନେଶ କୁମାର କହିଛନ୍ତି ଯେ ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ଆଣ୍ଡାମାନ ଏବଂ ନିକୋବର, ଛତିଶଗଡ, ଗୋଆ, ଗୁଜୁରାଟ, କେରଳ, ଲକ୍ଷ୍ମୀଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବ। ମୁଖ୍ୟ ନିର୍ବାଚନ କମିସନର ଆହୁରି କହିଛନ୍ତି ଯେ ଏସଆଇଆର କରାଯାଉଥିବା ରାଜ୍ୟଗୁଡ଼ିକର ଭୋଟର ତାଲିକା ଆଜି ରାତି (ଶେଷ ପୃଷ୍ଠା ଦେଖନ୍ତୁ)

# ଚାଷୀଙ୍କୁ ପିଟିପିଟି ଥାର୍ ଚଢ଼ାଇ ମାରିଦେଲେ ବିଜେପି ନେତା

**ଭୋପାଳ,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ବରତାର ସବୁ ସୀମା ଟପି ଯାଇଛନ୍ତି ଜଣେ ବିଜେପି ନେତା। ଦଳ କ୍ଷମତାରେ ଥିବାରୁ ବିଜେପି ନେତା ଜଣଙ୍କ ଜଘନ୍ୟକାଣ୍ଡ ଘଟାଇଛନ୍ତି। ମଧ୍ୟପ୍ରଦେଶର ଗୁନା ଜିଲ୍ଲା ଅନ୍ତର୍ଗତ ଗଣେଶପୁରା ଗାଁରେ ଆତଙ୍କ ଓ ଭୟର ପରିବେଶ ସୃଷ୍ଟି କରିଛନ୍ତି ସ୍ଥାନୀୟ ଅଞ୍ଚଳର ଜଣେ ବିଜେପି ନେତା।

ପୂରା ଘଟଣା ଜମିଜମା ବିବାଦରୁ ଆରମ୍ଭ ହୋଇଥିବା ବେଳେ ଗାଁ ରକ୍ତରଞ୍ଜିତ ହୋଇଛି। ବିଜେପି ନେତା ମହେନ୍ଦ୍ର ନଗର ଘଟାଇଛନ୍ତି ଭୟଙ୍କର ହତ୍ୟାକାଣ୍ଡ। ସେ ଜଣେ ଚାଷୀଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ପ୍ରଥମେ ସେ ଚାଷୀଙ୍କୁ ନିଜର ସମର୍ଥକଙ୍କ ସହ ଅତ୍ୟନ୍ତ ଅମାନୁଷିକ ଢଙ୍ଗରେ ମାଡମାରି ହାତ ଗୋଡ ସହିତ ଅଣ୍ଟା ଭାଙ୍ଗି ଦେଇଥିଲେ। ଏହାପରେ ରକ୍ତାକ୍ତ ଅବସ୍ଥାରେ ପଡି ରହିଥିବା ଚାଷୀଙ୍କ ଉପରେ ଥାର ଗାଡ଼ି ଚଢ଼ାଇ ପୂରା ଅଞ୍ଚଳରରେ ନିଜର ଦବଦବା ଦେଖାଇଥିଲେ। ମହେନ୍ଦ୍ର ନଗର ହେଉଛନ୍ତି ବିଜେପି ବୁଥ କମିଟି ସଭାପତି। ସେ ଗୁନା କୃଷକ ମୋର୍ଚ୍ଚାର ପୂର୍ବତନ ସଦସ୍ୟ। ସ୍ଥାନୀୟ ଅଞ୍ଚଳରେ ସେ ବିଜେପିର ଜଣେ ଟାଣୁଆ ନେତା ଭାବେ ପରିଚିତ।

ରବିବାର ୪୦ ବର୍ଷୀୟ ଚାଷୀ ରାମସ୍ୱରୂପ ଧାଖଡ ଓ ତାଙ୍କ ପତ୍ନୀଙ୍କ ସହ ନିଜର ଚାଷ ଜମିକୁ ଯାଉଥିଲେ। ଏହି ସମୟରେ ବିଜେପି ନେତା ମହେନ୍ଦ୍ର ଓ ତାଙ୍କର କିଛି ସହଯୋଗୀ ହଠାତ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ମହେନ୍ଦ୍ର ଓ ତାଙ୍କ ସହ ଥିବା ୧୩ରୁ ୧୪ ଜଣ ଲୋକ ମିଳିତ ଭାବେ ରାମସ୍ୱରୂପଙ୍କୁ କାଠ ଫାଳିଆ ଓ ଲୁହାରଡରେ ମାଡ ମାରିଥିଲେ। ଏହାପରେ ତାଙ୍କ ଉପରେ ମହେନ୍ଦ୍ର ନିଜର ଥାର ଗାଡିକୁ ଚଢ଼ାଇ ଦେଇଥିଲେ।

ରାମସ୍ୱରୂପଙ୍କୁ ଆକ୍ରମଣରୁ ରକ୍ଷା କରିବା ପାଇଁ ତାଙ୍କ ଝିଅମାନେ ଚେଷ୍ଟା କରିଥିଲେ। ହେଲେ ସେମାନଙ୍କୁ ମଧ୍ୟ ବିଜେପି ନେତା ଓ ତାଙ୍କ ସହଯୋଗୀମାନେ ଗାଁ ଲୋକଙ୍କ ସାମ୍ନାରେ ପ୍ରବଳ ମାଡ ମାରିଥିଲେ। ଅଭିଯୁକ୍ତମାନେ କାଠ ଫାଳିଆ, ଲୁହା ରଡ, ମାରଣା ଅସ୍ତ୍ର ଧରିଥିଲେ। ସେମାନେ ଆତଙ୍କ ସୃଷ୍ଟି କରିବାକୁ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲେ।

ରାମ ସ୍ୱରୂପଙ୍କ ଜଣେ ଝିଅ କାନ୍ଦିକାନ୍ଦି କହିଛନ୍ତି, "ଯେତେବେଳେ ମୁଁ ମୋ ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲି (ଶେଷ ପୃଷ୍ଠା ଦେଖନ୍ତୁ)

# ମୁଖ୍ୟ ସଚିବମାନଙ୍କୁ ସୁପ୍ରିମକୋର୍ଟଙ୍କ ହାଜର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଲା କୁକୁର ପ୍ରସଙ୍ଗରେ ଅସନ୍ତୋଷ ଝାଡିଛନ୍ତି ସୁପ୍ରିମକୋର୍ଟ। ଦିନକୁ ଦିନ ବୁଲା କୁକୁରଙ୍କ ଆକ୍ରମଣ ବଢୁଥିବାରୁ ସେମାନଙ୍କୁ ଧରିବା, ବନ୍ଧ୍ୟାକରଣ କରିବା ଓ ଉପଯୁକ୍ତ ସ୍ଥାନରେ ଛାଡିବା ପାଇଁ ସୁପ୍ରିମକୋର୍ଟ

**ବୁଲା କୁକୁର ବନ୍ଧ୍ୟାକରଣ ମାମଲା**



ଅଗଷ୍ଟ ମାସରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାପରେ ୨ ରାଜ୍ୟ ଓ ଦିଲ୍ଲୀ ଏମସିଡିକୁ ଛାଡି ଆଉ କେହି ବି କ'ଣ ସବୁ ପଦକ୍ଷେପ ନେଇଛନ୍ତି, ତା'ର ତଥ୍ୟ ସୁପ୍ରିମକୋର୍ଟରେ ଦାଖଲ କରି ନାହାନ୍ତି। ସୁପ୍ରିମକୋର୍ଟଙ୍କୁ ନିର୍ଦ୍ଦେଶକୁ ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ଶାସିତ ଗାଲେଇ ଦେଇଛନ୍ତି। ତେଣୁ ଆଜି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିସହ ତେଲଙ୍ଗାନା (ଶେଷ ପୃଷ୍ଠା ଦେଖନ୍ତୁ)

### ମହିଳା ସଶକ୍ତିକରଣ ନାଁରେ କର୍ମୀ-ଠିକାଦାର ତୋଷଣ ସାର ହେଲା

# ଭୂତକୋଠି ପାଲଟିଲାଣି ଶୀତଳ ଭଣ୍ଡାର ଓ ସ୍ୱାବଲମ୍ବୀ ଗୃହ

**କେନ୍ଦ୍ରାପଡ଼ା,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

କଥାରେ ଅଛି ବାହା ପରେ ବେଦୀ ମୁହଁ ପୋଡ଼ା । ଠିକ୍ ସେହିଭଳି ମହିଳାଙ୍କ ସଶକ୍ତ ପାଇଁ ଜିଲ୍ଲାରେ କରାଯାଇଥିବା ଶୀତଳ ଭଣ୍ଡାର ଓ ସ୍ୱାବଲମ୍ବୀ ଗୃହଗୁଡ଼ିକର ଖୋଜଖବର ନାହିଁ । କେବଳ ଏହାର ଉଦ୍‌ଘାଟନୀ ଉତ୍ସବ ଏବଂ ଫଟୋ ଓ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଆଉ କେହି ଏସବୁର ଖବର ରଖିଲେନାହିଁ । ଫଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୀତଳ ଭଣ୍ଡାର ଓ ସ୍ୱାବଲମ୍ବୀ ଗୃହ କ୍ରମେ ଭୂତକୋଠିରେ ପରିଣତ ହୋଇଛି । ବିଗତ ବିଜେଡ଼ି ସରକାର ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରାଇବା ନାଁରେ ପାଣି ଭଳି କୋଟିକୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରଛନ୍ତି । ହେଲେ ଗୋଦରା କେଡ଼େ ଯେତେ ମାଡ଼େ ନ୍ୟାୟରେ ସରକାର ମିଶନଶକ୍ତି ଜରିଆରେ ଯାହା ଖର୍ଚ୍ଚ କଲେ ସେଥିରେ ମହିଳାଙ୍କ ସ୍ୱାର୍ଥ କମ୍, କର୍ମୀ-ଠିକାଦାର, ଯନ୍ତ୍ରୀ, ପଦାଧିକାରୀ ଓ ନେତାଙ୍କ ଫାଇଦା ଅଧିକ ହେଲା । ମିଶନ ଶକ୍ତି ଜରିଆରେ ଯେତେ ସ୍ୱଳ୍ପ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର ଓ ସ୍ୱାବଲମ୍ବୀ ଗୃହ ନିର୍ମାଣ ହୋଇଥିଲା ସେଥିରୁ ଠିକାଦାର, ଯନ୍ତ୍ରୀ, ପଦାଧିକାରୀ ଓ ନେତା ନିଜ ନିଜର ପିସି ଗଣ୍ଡାକ ପାଇବା ସାର ହେଲା ସିନା ହେଲେ ଗୋଟିଏ ପରେ ଗୋଟିଏ ଏହା ଅଚଳ ହେବାରେ ଲାଗିଲା । ଆଉ ଏବେ ସବୁ ଅଚଳ । ଜିଲ୍ଲା ସଦର ମହକୁମା ସଂଲଗ୍ନ କେନ୍ଦ୍ରାପଡ଼ା ବ୍ଲକ୍ ର ଗୁଲନଗର ପଂଚାୟତ ରେ ବନ୍ଦ ହୋଇଯାଇଥିବା ଏକ ସ୍କୁଲ୍ ବିଲ୍ଡିଂକୁ ମିଶନ ଶକ୍ତିର ସ୍ୱାବଲମ୍ବିନୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଜଙ୍ଗଲ ଧ୍ୱଂସର କାରଣ ସାଜିଥିବା ବିଭାଗ ହାତରେ ଜଙ୍ଗଲ ସୃଷ୍ଟି !

**ମହାକାଳପଡ଼ା,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଙ୍ଗଲ ସୁରକ୍ଷା ଓ ବିକାଶ ଦାୟିତ୍ୱରେ ଥିବା ମହାକାଳପଡ଼ା ବନ ବିଭାଗ ଜଙ୍ଗଲ ଧ୍ୱଂସର କାରଣ ସାଜିଥିବା ଅଭିଯୋଗ ହୋଇ ଆସୁଛି । ତେବେ ଏହି ଅପବାଦରୁ ମୁକୁଳିବା ପାଇଁ ବନ ବିଭାଗ ବରଜ ବାହାକୁଦ ନିକଟରେ ଥିବା ନଦୀ ପଠାରେ ଆରମ୍ଭ କରିଛି ବୃକ୍ଷରୋପଣ । ବର୍ଷର ଅଧା କାଳ ପାଣିରେ ବୁଡ଼ି ରହୁଥିବା ପ୍ରାୟ ୨୫ହେକ୍ଟର ଜମିରେ ଏହି ବୃକ୍ଷରୋପଣ କରାଯାଉଛି । ଯେଉଁଥିରେ ଝାଉଁ, ରାଇ, କେରୁଆଁ ଆଦି ବୃକ୍ଷର ଚାରା ଲଗାଯାଉଛି । ଏଥିପାଇଁ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି । ଯେଉଁ ବନ ବିଭାଗ ଲକ୍ଷାଧିକ ଟଙ୍କାର ବଟି ଆଦାୟ କରି ଚିଙ୍ଗୁଡ଼ି ଘେରୀ, କୋଠାବାଡ଼ି, ଧାନଚାଷ, ମଇଁଷି ଚାଷ, ବାଲିମାଟି ଚାଲାଣ ଆଦିକୁ ପ୍ରୋତ୍ସାହିତ କରି ଆସୁଛି ସେହି ବନ ବିଭାଗର ହଠାତ୍ ଜଙ୍ଗଲ ସୃଷ୍ଟି କରିବାର (ଶେଷ ପୃଷ୍ଠା ଦେଖନ୍ତୁ)

## ବାଇକରୁ ଖସି ଯୁବକ ମୃତ

**ମାର୍ଶାଘାଇ,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥ ମଶାକଣୀ ଛକ ନିକଟରେ ଗତ ୨୩ ତାରିଖ ରାତିରେ ବାଇକରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଯୁବକ ମାର୍ଶାଘାଇ ଥାନା ଗୋପିନାଥପୁର ଗ୍ରାମର ସୁବାସ ଭୂଷଣ କରଙ୍କ ସାନପୁଅ ଅଧିର(୩୯)। ଅଧିର ତାଙ୍କ ବଡଭାଇ ବାଇକ ପଛରେ ବସି ଆସୁଥିବା ବେଳେ ମଶାକଣୀ ନିକଟରେ ଖସିପଡି ଗୁରୁତର ଆହତ ହୋଇ ଚିକିତ୍ସା ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିବାନେଇ ଅଭିଯୋଗ ହୋଇଥିଲା। ଏଥିନେଇ ପୋଲିସ (୩୩୦/୨୫)ରେ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡିଛି।




# ସବୁ ତାପଜ ପାଉଁଶ କାମରେ ଲାଗୁନି

**ଭୁବନେଶ୍ୱର,୨୭।୧୦: ତଥ୍ୟ**

ରାଜ୍ୟରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଅନ୍ୟାନ୍ୟ କଳ କାରଖାନାରୁ ଯେତିକି ପରିମାଣର ପାଉଁଶ ବାହାରୁଛି ତାହା ସମ୍ପୂର୍ଣ୍ଣ ବିନିଯୋଗ ହୋଇପାରୁ ନାହିଁ । ବାହାରୁଥିବା ପାଉଁଶର ସିଂହଭାଗ ସଡକ ନିର୍ମାଣରେ ବ୍ୟବହାର ହେଉଛି ।



ରାଜ୍ୟର ବିଭିନ୍ନ ଜିଲ୍ଲା ବିଶେଷକରି କଳାହାଣ୍ଡି, ରାୟଗଡା, ସୁନ୍ଦରଗଡ, ଝାରସୁଗୁଡା, ଯାଜପୁର, ଅନୁଗୁଳ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର, ଇସ୍ପାତ କାରଖାନା, ଆଲୁମିନିୟମ କାରଖାନାଗୁଡିକରୁ ବର୍ଷକୁ ୪୫ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ପାଉଁଶ ବାହାରୁଛି । ଏହିସବୁ କଳ କାରଖାନା ମଧ୍ୟରେ ରାଷ୍ଟ୍ରାୟତ ସଂସ୍ଥା ଏନଟିପିସି, ନାଲ୍‌କୋ ଓ ଓପିଜିସି ଆଦି ରହିଛନ୍ତି ।

ବାହାରୁଥିବା ଏହି ପାଉଁଶକୁ ବ୍ୟବହାର ଏବେ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ପାଉଁଶରୁ ଇଟା ପ୍ରସ୍ତୁତ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସରକାର ପ୍ରୋତ୍ସାହନ ଯୋଗାଇଦେବା ସହିତ ଇଟା ତିଆରି କାରଖାନାରେ ମାଗଣାରେ ପାଉଁଶ ପହଞ୍ଚାଇବାର ବ୍ୟବସ୍ଥା ରହିଛି । ପାଉଁଶ ତିଆରି ଇଟା ପରିବେଶ ଅନୁକୂଳ ଓ ଶସ୍ତା ହୋଇଥିବାରୁ ଉଦ୍ୟୋଗୀମାନେ ମଧ୍ୟ ଏଥିପାଇଁ ଆଗେଇ ଆସୁଛନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଉଁଶରୁ ଇଟା, ଟାଇଲ୍ ଓ ବ୍ଲକ ଆଦି ପ୍ରସ୍ତୁତିରେ ୭ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ପାଉଁଶ ବିନିଯୋଗ ହେଉଛି ।

ସେହିଭଳି ସିମେଣ୍ଟ କାରଖାନାରେ ପାଖପାଖି ୫ ନିୟୁତ ଟନ୍ ପାଉଁଶ ବ୍ୟବହାର ହେଉଥିବାବେଳେ ଖାଲୁଆ ଅଞ୍ଚଳ ପୋତିବାରେ ପାଖାପାଖି ୮ ନିୟୁତ ଟନ୍ ପାଉଁ ବ୍ୟହାର ହେଉଛି । ତେବେ ସବୁଠାରୁ ଅଧିକ ପାଖପାଖି ୧୫ ନିୟୁତ ଟନ୍ ପାଉଁଶ ସଡକ ନିର୍ମାଣରେ ବ୍ୟବହାର ହେଉଛି । ବର୍ଦ୍ଧିତ ପାଉଁଶର ସ୍ଥିତିକୁ ଦେଖି ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଅଧିକରୁ ଅଧିକ ପାଉଁଶ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି ।

ସେହିଭଳି ବିଭିନ୍ନ ନିର୍ମାଣସ୍ଥଳୀରେ ବ୍ୟବହାର ହେଉଥିବା ରେଡି ଟୁ (ଶେଷ ପୃଷ୍ଠା ଦେଖନ୍ତୁ)

## ଡ୍ରମ୍ଫର ଧକ୍କାରେ ଲୁନା ଚାଳକ ଗୁରୁତର

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ଥାର୍ଡ ଆଇଆରବି ବାଟାଲିୟନ ସାମ୍ନାରେ ଥିବା ୫୩ ନମ୍ବର ଜାତୀୟ ରାଜପଥ ସୋମବାର ସକାଳୁ ଏକ ଦୁର୍ଘଟଣା ଘଟିଥିଲା । ଲୁନା ଓ ଡ୍ରମ୍ଫର ମଧ୍ୟରେ ହୋଇଥିବା ଧକ୍କାରେ ଜଣେ ଲୁନା ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ବଞ୍ଚା ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ନାଏକ ଟାଟା ପ୍ଲାଣ୍ଟରେ ଡ୍ୟୁଟି କରିବା ପାଇଁ ଯାଉଥିବା ବେଳେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଡ୍ରମ୍ଫର (ରେଜିଷ୍ଟ୍ରେସନ୍ ନଂ. ଓଆର୦୯ ଜେ




୪୩୧୩) ସହିତ ଧକ୍କା ଲାଗିଥିଲା । ଧକ୍କାର ଫଳରେ ପ୍ରଫୁଲ୍ଲ ନାଏକ ରାସ୍ତାରେ ପଡି ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକମାନେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିବାରୁ ଡାକ୍ତରମାନେ ତୁରନ୍ତ କଟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଏହା ସମ୍ପର୍କରେ ସୁକିନ୍ଦା ପୋଲିସ ଘଟଣାସ୍ଥଳ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ ଗ୍ରାମରେ ଜଣେ ୪୬ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ନିଜକୁ ସୂଚନା ଅଧିକାର କର୍ମୀ ବୋଲାଉଥିବା ସେହି ଗ୍ରାମର ସମୀର ନାୟକଙ୍କ ବିରୁଦ୍ଧରେ ମହୁଲପାଲୀ ଥାନାରେ ଗତ ୨୦ ତାରିଖ ଦିନ ଏକ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ ପୋଲିସ ଶୁକ୍ରବାର ରାତ୍ରିରେ ତାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ।

ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ଗ୍ରାମର ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ସୁଯୋଗ ଦେଖି ଗତ ୨୦ ତାରିଖ ଦିନ ସମୀର ତାଙ୍କ ଘରେ ପଶି ତାଙ୍କ ସହିତ ଜୋରଜବରଦସ୍ତି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ ତେବେ ମହିଳାଙ୍କ ଜୋରଦାର ପ୍ରତିରୋଧ ଯୋଗୁଁ ସେ ଏଥିରେ ସଫଳ ହୋଇ ନ ପାରିବାରୁ ସେ ରାଗିଯାଇ ସମ୍ପୃକ୍ତ ମହିଳାଙ୍କୁ ଏକ ଲୁହା ଛଡ଼ ସାହାର୍ଯ୍ୟରେ ନିସ୍ତୁକ ମାଡ ମାରିଥିଲେ । ମାଡ ଖାଇ ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପାଟି ଶୁଣି ତାଙ୍କର ଭାଇ ବୋହୂ ଘଟଣାସ୍ଥଳରେ ପହଞ୍ଚି ସମୀରର କବଳରୁ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବା ବେଳେ ସମୀର ତାଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି । ଏ ବାବଦରେ ପିଡୀତା ମହିଳା ଜଣକ ଗତ ୨୦ ତାରିଖ ଦିନ ମହୁଲପାଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୩୬/ ୨୦୨୫ରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୬, ୩୩୩, ୨୯୬, ୧୧୫(୨) ଏବଂ ୩୫୧(୨)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପକ୍ଷରେ ମାଡ ଖାଇ ଗୁରୁତର ଆହତ ହୋଇଥିବା ମହିଳା ଜଣକ କୁଚିଣ୍ଡା ଡାକ୍ତରଖାନାରେ ତିନି ଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ପୋଲିସ ଗତ ଗୁରୁବାର ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ରେ ବୟାନ ରେକର୍ଡ କରିବା ସହିତ ଗତ ଶୁକ୍ରବାର କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ଡାକ୍ତରୀ ମାଇନା କରାଇଥିଲ । ଏହା ପରେ ସେହି ଶୁକ୍ରବାର ରାତ୍ରିରେ ହିଁ ଅଭିଯୁକ୍ତ ସମୀରକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା ଏବଂ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ତେବେ ସମୀର କୁଚିଣ୍ଡା ଏନଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ପାର୍କରୁ ଫାଇବର ପ୍ଲେଟ ଚୋରି କରିଥିବା ବାବଦରେ କୁଚିଣ୍ଡା ଏନଏସି ଇଓ ପୂର୍ବରୁ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ । ଏ ବାବଦରେ ଥାନାରେ କେସ ନଂ ୨୯୨/ ୨୦୨୫ରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୨(୨)ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଥିଲା । କୁଚିଣ୍ଡା ପୋଲିସ ଅଭିଯୁକ୍ତ ସମୀରର ଅର୍ଡ଼ାବାହାଲ ଘରେ ଚଢ଼ାଉ କରି ସେଠାରୁ ୧୫୦ଟି ଫାଇଭର ପ୍ଲେଟ ଜବତ କରିଛି । ଏହି ଘଟଣା ବର୍ତ୍ତମାନ କୁଚିଣ୍ଡା ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି ।

## ଏନ୍‌ଏସିରେ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଲଟିଛି ସାତସପନ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସରକାର ରାଜ୍ୟରେ ଥିବା ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବାମାନଙ୍କ ସୁବିଧା ଓ ସରଳ ଜୀବନଯାପନ ନିମନ୍ତେ ବିଭିନ୍ନ ଯୋଜନା ସହିତ ଭତ୍ତା ପ୍ରଦାନ କରିବା ପାଇଁ ନିୟମ ପ୍ରଣୟନ କରିଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ କରି ଭିନ୍ନକ୍ଷମମାନଙ୍କ ପରୀକ୍ଷାନିରୀକ୍ଷା କରି ସେମାନଙ୍କୁ ସେମାନଙ୍କର କେତେ ପ୍ରତିଶତ ଭିନ୍ନକ୍ଷମ ସେହି ଅନୁସାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯକ୍ଷଇଛି । ସେହିପରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ସେମାନଙ୍କର ଆଧାର ଓ ଭୋଟର ପରିଚୟ ପତ୍ର କିମ୍ବା ସ୍କୁଲ ସାର୍ଟିଫିକେଟରେ ଥିବା ଜନ୍ମ ମସିହା ଅନୁସାରେ ଭତ୍ତା ପାଇବାକୁ ହକଦାର । ଅନ୍ୟ ପକ୍ଷରେ ସ୍ୱାମୀର ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କଲେ ବିଧବାଭତ୍ତା ପାଇବା ପାଇଁ ସମସ୍ତ




ସଠିକ କାଗଜପତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ୍‌ଏସିରେ ପ୍ରଦାନ କରିଥିଲେ ମଧ୍ୟ ଭତ୍ତା ପାଇବାକୁ ବର୍ଷ ବର୍ଷ ଧରି ଚାତକ ପରି ଚାହିଁ ବସିବାକୁ ପଡ଼ିଥିବା ବେଳେ ବିଭାଗୀୟ ଅଧିକାରୀ ଓ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି । ଏଥିସହିତ ନିଜର ଦଳୀୟ ଓ ସମ୍ପର୍କୀୟଙ୍କ ଭତ୍ତା କରିବାରେ ଲାଗିପଡିଛନ୍ତି କାମଚଳା ଅଧକ୍ଷ । ତେଣୁ ପ୍ରୀୟାପ୍ରିତି ପାଇଁ ଭତ୍ତାରୁ ବଞ୍ଚିତ ହେଉଛନ୍ତି ଭତ୍ତା ପାଇବାକୁ ଥିବା ଭତ୍ତାଧାରୀମାନେ । ଏହାକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ହେଉଥିବା ବେଳେ ଯଦି ଆଗାମୀ ଦିନରେ ଏହାର ସମାଧାନ ନ କରାଯାଏ ତେବେ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ମହିଳାମାନେ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି କହିଛନ୍ତି । ଅନ୍ୟ ପକ୍ଷରେ ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭତ୍ତା ନିମନ୍ତେ କୌଣସି ନିର୍ଦ୍ଦେଶ ଆସିନାହିଁ ତେବେ ଗତ ୩ରୁ ୪ ମାସ ମଧ୍ୟରେ ପାଉଥିବା ନୂତନ ଭତ୍ତା କିପରି ଭାବେ ପ୍ରଦାନ କରାଯାଉଛି ତାହା ଏବେ ପ୍ରଶ୍ନ ଉଠିଛି । କାର୍ଯ୍ୟକାରୀ ଅଧକ୍ଷ ନିଜ ପଦବୀର ଅପବ୍ୟବହାର କରୁଛନ୍ତି ବୋଲି କହିବା ସହ ଅନ୍ୟ ଦଳର ଭତ୍ତାଧାରୀଙ୍କୁ ଭତ୍ତା ପ୍ରଦାନ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଭତ୍ତାକାର୍ଯ୍ୟ କରିଥିବା କାର୍ଯ୍ୟକାରୀମାନଙ୍କୁ । ଏଥିସହିତ ନିର୍ବାଚିତ ଅଧକ୍ଷଙ୍କୁ କଳ ବଳ କୌଶଳ କରି ଅନାସ୍ଥାରେ ପରାଜିତ କରି କାମଚଳା ଅଧକ୍ଷ ହେବାର ପ୍ରାୟ ଏକ ବର୍ଷ ହେବାକୁ ବସିଲାଣି ମାତ୍ର ନିୟମ ଅନୁସାରେ ନୂତନ ଅଧକ୍ଷ ନିର୍ବାଚନ ନ କରାଇବା ନେଇ ଏନ୍‌ଏସିର କାର୍ଯ୍ୟଶୈଳୀକୁ ନେଇ ଯେତେ ଚର୍ଚ୍ଚା ହେଲେ ମଧ୍ୟ ନିଜ ଦଳର ପତିଆରା କ୍ରମସ କମ ହେଉଥିବାରୁ ନିର୍ବାଚନ କରିବା ପାଇଁ ଭୟ କରୁଛନ୍ତି ଶାସକଦଳ । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଚିହ୍ନଟ ଭିନ୍ନକ୍ଷମମାନଙ୍କୁ ଯଦି ଭତ୍ତା ପ୍ରଦାନ ନ କରି ପାରିବ ତେବେ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ କରି ଜନସାଧାରଣଙ୍କୁ ପ୍ରହସନ କାହିଁକି କରାଯାଉଛି ବୋଲି କହିଛନ୍ତି ଭତ୍ତା ପାଇବାକୁ ଥିବା ଭିନ୍ନକ୍ଷମମାନେ । ଏଥିସହିତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳ ଓ ନୀଳଗିରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି ନୀଳଗିରିବାସୀ ।

## ବୋଲେରୋ ଧକ୍କାରେ ଏକ୍ସିଲ୍ ଚାଳକ ଗୁରୁତର



**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ବ୍ଲକର କଞ୍ଚୁରୁ ଗ୍ରାମ ନିକଟ ରାସ୍ତାରେ ବୋଲେରୋ ଧକ୍କାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଯୁବକ ଜଣକ ହେଲେ ମାଣିକ୍ୟପୁର ଗ୍ରାମର ବାବୁଲି ନାୟକ(୪୩) । ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳେ ବାବୁଲି ବୁଗୁଡାରୁ ଏକ୍ସିଲ୍ ଯୋଗେ ଗାଁକୁ ଫେରୁଥିବା ବେଳେ କଞ୍ଚୁରୁ ଗ୍ରାମର କୁକୁଡା ଫାର୍ମ ନିକଟରେ ସାମନା ପଟୁ ଆସୁଥିବା ଏକ ବୋଲେରୋ ଗାଡ଼ି ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ଚାଲିଯାଇଥିଲା । ସେ ତାଙ୍କର ଏକ୍ସିଲ୍ ଗାଡି ସହ ରାସ୍ତାକଡକୁ ଫୋପାଡି ହୋଇ ପଡିଥିଲେ । ତାଙ୍କୁ ଆହତ ଅବସ୍ଥାରେ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ବାମ ପାଦ ଓ ମୁହଁରେ ମଧ୍ୟ ଆଘାତ ଲାଗିଥିଲା । ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ଶୈବପୀଠ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ପୁଣ୍ୟ ଓ ଧର୍ମ ମାସ କାର୍ତ୍ତିକର ତୃତୀୟ ସୋମବାର ସତ୍ତ୍ୱେ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା । ପ୍ରାତଃକାଳରରୁ ହିଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା । ଭକ୍ତମାନେ ପାହାଚ୍ ଚଢ଼ି କିମ୍ବା ଘାଟି ରାସ୍ତାରେ ଯାଇ ବୁଦ୍ଧଖୋଲ ପାହାଡ଼ ଉପରିସ୍ଥ ପଞ୍ଚ ଶମ୍ଭୁଙ୍କ ଦର୍ଶନ ଲାଭ କରିଥିଲେ । ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ବିଭିନ୍ନ ସ୍ଥାନରେ ଲୋକେ ରୋଷେଇ କରି ଭୋଜିଭାତ ଆସର ଜମେଇ ମେଘୁଆ ପାଗର ମଜା ନେଉଥିବା ବେଳେ ହଠାତ୍ ଅପରାହ୍ନରେ ଅସରାଏ ବର୍ଷା ହେବାରୁ ସମସ୍ତଙ୍କୁ କିଛିଟା ହଟହଟାର ସମ୍ମୁଖୀନ ହେବାକୁ ପଡିଥିଲା । ବର୍ଷା ଥମିଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲେ ବି ବୁଦ୍ଧଖୋଲ ଅଭିମୁଖେ ଶ୍ରଦ୍ଧାଳୁଙ୍କ ଯାତ୍ରାରେ ହ୍ରାସ ଘଟିଥିଲା । ତେବେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ନିୟୋଜିତ ରହିଥିଲେ ।

## ଏସିଡ୍ ଆକ୍ରମଣ ରୋକିବାକୁ ସଚେତନତା

**ଜଗତସିଂହପୁର:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଅଦାଲତର ସମ୍ମିଳନୀ ସଭାଗୃହରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧୀକରଣର ତରଫରୁ ନାଲସା ଯୋଜନା ଅନୁଯାୟୀ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଆଇନ ସେବା ଯୋଜନା ୨୦୧୬, ଦଣ୍ଡବିଧାନ ଆଇନ୍ ଏବଂ ଓଡିଶା ପିଡିତା କ୍ଷତି ପୂରଣ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପୋକ୍‌ସୋ ଅଦଲତାର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍ଏକେ ଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ପୋକ୍‌ସୋ ଅଦଳତାର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜଦ୍ୱିତୀ ମହାନ୍ତି, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ସବ ଜଜ୍ ରାକେଶ କୁମାର ମୁଦୁଲି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ପ୍ରମୁଖ ଏବଂ ଆଇନଜୀବୀବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲା ଜଜ୍ ଶ୍ରୀ ପ୍ରତିହାରୀ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏସିଡ୍ ଆକ୍ରମଣର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସହାୟତା ଏବଂ କ୍ଷତିପୂରଣ ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ । ତତ୍ ସହିତ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ସହ ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ଏହି ବିଷୟରେ ପୁନଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।

## ଅସହାୟ ବିଧବା ମହିଳାଙ୍କୁ ଜୀବନରୁ ମାରିବାକୁ ଧମକ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାର ବିଧବା ମହିଳା ଓ ବରିଷ୍ଠ ନାଗରିକ ନିମନ୍ତେ ଆଇନ କଡା କଡା କରିଥିବା ବେଳେ ପ୍ରଶାସନ ଅବହେଳାରୁ ଏହି ବିଧବା ମହିଳାଙ୍କୁ ଜଣେ ବ୍ୟକ୍ତି ହଇରାଣ ହରକତ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଚାହାପଡା ପଞ୍ଚାୟତ ଜଇଲୋ ଗ୍ରାମରେ ଓ ସ୍ୱର୍ଗତ ବଟକୃଷ ମହାରଣାଙ୍କ ପତ୍ନୀ ମୁକ୍ତା ମହାରଣା (୭୭) ଜହଲ ଗ୍ରାମରେ ରହୁଛନ୍ତି । କିନ୍ତୁ ଏହି ଗ୍ରାମର ସ୍ୱର୍ଗତ ବଂଶୀଧର ମହାରଣାଙ୍କ ପୁତ୍ର ଭରତ ମହାରଣା (୪୫) ବିଧବା ମହିଳା ମୁକ୍ତାଙ୍କୁ ଘରବାରି ଓ ଜମି ସମ୍ପତିକୁ ତାଙ୍କ ନାମରେ କରିବା ପାଇଁ ଧମକ ଦେବା ସହ



ଜୀବନରୁ ମାରିଦେବାକୁ କହୁଥିଲା । ଯାହାକୁ ନେଇ ଅସହାୟ ବିଧବା ମହିଳା ମୁକ୍ତା ଥାନାରେ ଗତ ୨୬.୭.୨୫ରେ ଅଭିଯୋଗ କରିଥିଲେ । ଏ ନେଇ ଗ୍ରାମର ଭଦ୍ରଲୋକ ଓ ପୋଲିସଙ୍କ ସହ ବୁଝାସୁଝା କରି ଘରକୁ ଫେରି ଆସିଥିଲେ । ପୁନର୍ବାର ଗତ ୨୬.୧୦.୨୫ ସକାଳ ୮ ଘଟିକା ସମୟରେ ଭରତ ମହାରଣା ମୁକ୍ତା ଗାଳି ଗୁଲଜ କରିବା ସହ ଚୁଟିକୁ ଧରି ଘୋଷାଡି ଘୋଷାଡି ଘର ବାହାରକୁ ନେଇ ଆସିଥିଲା । ପରେ ବିଧବା ମହିଳା ମୁକ୍ତା ମାହାଙ୍ଗା ମେଡିକାଲରେ ପହଞ୍ଚି ଚିକିତ୍ସା କରିବା ସହ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ଥାନା ପକ୍ଷରୁ ଏ ପର୍ଯ୍ୟନ୍ତ ବିଧବା ମହିଳା ମୁକ୍ତାଙ୍କୁ ସହଯୋଗ କରୁନଥିବା ସେ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏବେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଘରେ ନ ରହି ସମ୍ପର୍କୀୟ ପୁତୁରାଙ୍କ ଘରେ ରହୁଛନ୍ତି । ଏ ନେଇ ଦାୟିତ୍ୱରେ ଥିବା ଏଏସଆଇ ଦିଗମ୍ବର ମୁଦୁଲିଙ୍କୁ ପଚାରିବାରୁ ଅଭିଯୋଗ ପାଇଛି । ଉଭୟ ପକ୍ଷଙ୍କୁ ଡକା ଯାଇଥିବା କହିଥିଲେ । ଅପର ପକ୍ଷରେ ଭରତ ମହାରଣାଙ୍କୁ ଯୋଗାଯୋଗ କରିବାରୁ ମୋତେ ବଟକୃଷ୍ଣ ମହାରଣା ପୁଅ କରି ନେଇଥିଲେ କିନ୍ତୁ ମୋ ନିକଟରେ ତାଙ୍କର ପୁଅ ବୋଲି କୌଣସି ପ୍ରମାଣପତ୍ର ନାହିଁ ବୋଲି ସ୍ୱୀକାର କରିଥିଲେ ।

## ବାଣିଜ୍ୟ

## ପତଞ୍ଜଳି ଯୋଗପୀଠରେ ଚିକିତ୍ସା ବିଜ୍ଞାନରେ ନୂତନ ମାଇଲଖୁଣ୍ଟ ହାସଲ

**ହରିଦ୍ୱାର: ଏକ୍ସପ୍ରେସ ନ୍ୟୁଜ୍**

ଆଜି ପତଞ୍ଜଳି ଯୋଗପୀଠରେ ଚିକିତ୍ସା ବିଜ୍ଞାନରେ ଏକ ନୂତନ ଯୁଗର ଶୁଭାରମ୍ଭ ହୋଇଛି । ସ୍ୱାମୀ ରାମଦେବ ଜୀ ମହାରାଜ ଏବଂ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ, ବୈଦିକ ରୀତିନୀତି, ଯଜ୍ଞ ଏବଂ ଅଗ୍ନିହୋତ୍ର ସମାରୋହ ସହିତ ପତଞ୍ଜଳି ଜରୁରୀକାଳୀନ ଏବଂ କ୍ରିଟିକାଲ୍ କେୟାର୍ ହସ୍ପିଟାଲକୁ ଅନୌପଚାରିକ ଭାବରେ ଉଦଘାଟନ କରାଯାଇଛି । ଏହି ଅବସରରେ, ସ୍ୱାମୀ ରାମଦେବ ଜୀ କହିଥିଲେ ଯେ ଆଜି ଚିକିତ୍ସା ବିଜ୍ଞାନର ଇତିହାସରେ ଏକ ନୂତନ ଅଧ୍ୟାୟ । ପତଞ୍ଜଳିଙ୍କ ଏହି ପଦକ୍ଷେପ ସମାନତା ଏବଂ କରୁଣା ସହିତ ସମସ୍ତ ରୋଗୀଙ୍କୁ ସେବା କରିବା ପାଇଁ ଉତ୍ସର୍ଗୀକୃତ ଏକ ଗଣତାନ୍ତ୍ରିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପ୍ରତିପାଦନ କରେ । ସେ ଆହୁରି ଘୋଷଣା କଲେ ଯେ ହରିଦ୍ୱାରର ହସ୍ପିଟାଲ କେବଳ ଆରମ୍ଭ, ଦିଲ୍ଲୀ-ଏନସିଆର ଅଞ୍ଚଳରେ ପ୍ରତିଷ୍ଠିତ ହେବାକୁଥିବା ଏକ ବହୁତ ବଡ଼ ସୁବିଧା ପାଇଁ ଯୋଜନା ସହିତ । ସେ ଜୋର ଦେଇଥିଲେ ଯେ ଏହା ଏକ କର୍ପୋରେଟ୍ ହସ୍ପିଟାଲ ହେବ ନାହିଁ, ବରଂ ଲାଭ ଅପେକ୍ଷା କେବଳ ରୋଗୀଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଏକ ସମବାୟ ହସ୍ପିଟାଲ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମର ଲକ୍ଷ୍ୟ ଏକ ସମନ୍ୱିତ ଔଷଧ ବ୍ୟବସ୍ଥା ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ।

ତେବେ ସ୍ୱାମୀ ଜୀ କହିଥିଲେ ଯେ ପତଞ୍ଜଳି ବହୁ ଦିନ ଧରି ଏକ ବ୍ୟବସ୍ଥା ଅପେକ୍ଷା କରିଥିଲେ ଯେଉଁଠାରେ ଆଧୁନିକ ଚିକିତ୍ସା ବିଜ୍ଞାନ କେବଳ ଜରୁରୀକାଳୀନ ପରିସ୍ଥିତିରେ ନିୟୋଜିତ ହେବ । ସେ ଉଲ୍ଲେଖ କରିଥିଲେ ଯେ ଏହି ନୂତନ ପଦ୍ଧତି ଆୟୁର୍ବେଦ ଏବଂ ପ୍ରାକୃତିକ ଚିକିତ୍ସା ସହିତ ଆଧୁନିକ ଔଷଧକୁ ସତର୍କତାର ସହିତ ମିଶ୍ରଣ କରି ଏକ ବିଶ୍ୱ ମାନଦଣ୍ଡ ସ୍ଥାପନ କରିବ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ହସ୍ପିଟାଲ ସମର୍ପିତ ଚିକିତ୍ସା ବୃତ୍ତିଗତଙ୍କ ତ୍ରିଗୁଣକୁ ଏକତ୍ରିତ କରିଛି: ବିଶେଷଜ୍ଞ ଆୟୁର୍ବେଦିକ ଚିକିତ୍ସକ, ଦକ୍ଷ ଆଧୁନିକ ଚିକିତ୍ସା ଡାକ୍ତର ଏବଂ ଦକ୍ଷ ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ, ଯେଉଁମାନେ ତାଲିମପ୍ରାପ୍ତ ପାରାମେଡିକାଲ୍ କର୍ମଚାରୀ ଏବଂ ଉନ୍ନତ ରୋଗ ନିର୍ଣ୍ଣୟ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ । ହସ୍ପିଟାଲଟି କର୍କଟ ଅସ୍ତ୍ରପଚାର ବ୍ୟତୀତ ସମସ୍ତ ପ୍ରମୁଖ ଅସ୍ତ୍ରପଚାର କରିବାକୁ ସମ୍ପୂର୍ଣ୍ଣ ସଜ୍ଜିତ, ଯାହା ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯୋଜନା କରାଯାଇଛି । ଏହା ମସ୍ତିଷ୍କ, ହୃଦୟ ଏବଂ ମେରୁଦଣ୍ଡ ସହିତ ଜଡିତ ଜଟିଳ ପ୍ରକ୍ରିୟା ମଧ୍ୟ କରିବ । ଏମ୍ଆରଆଇ, ସିଟି ସ୍କାନ, ଏକ୍ସ-ରେ, ଅଲ୍ଟ୍ରାସାଉଣ୍ଡ ଏବଂ ପାଥୋଲୋଜିକାଲ ପରୀକ୍ଷଣ ସମେତ ଉନ୍ନତ ରୋଗ ନିର୍ଣ୍ଣୟ ସୁବିଧା ଉପଲବ୍ଧ ଏବଂ ଚିକିତ୍ସା ଉତ୍କର୍ଷତାର ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରେ । ପ୍ରତିଦିନ ଶହ ଶହ ଅସ୍ତ୍ରପଚାର ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଚିକିତ୍ସା କରାଯିବ । ଏହା ସହିତ, ରୋଗୀମାନେ ଅବାସ୍ତବ ହସ୍ପିଟାଲ ମୂଲ୍ୟ କିମ୍ବା ପ୍ୟାକେଜ୍ ଯୋଜନାର ସମ୍ମୁଖୀନ ହେବେ ନାହିଁ । ସ୍ୱାମୀ ଜୀ ଏହି ସ୍ମାରକୀ ପଦକ୍ଷେପ ପଛରେ ଆଚାର୍ଯ୍ୟ ବାଳକୃଷ୍ଣ ଜୀଙ୍କ ଅକ୍ଲାନ୍ତ ପ୍ରୟାସକୁ ମଧ୍ୟ ସ୍ୱୀକାର କରିଛନ୍ତି ।

ଏହି ଅବସରରେ, ଆଚାର୍ଯ୍ୟ ବାଳକୃଷ୍ଣ ଜୀ କହିଥିଲେ ଯେ ବାସ୍ତବରେ, ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନର ପ୍ରାୟ ୨୦% ଆବଶ୍ୟକ । ଯଦି ଆମେ ୮୦% ପାରମ୍ପରିକ ଔଷଧ ବ୍ୟବସ୍ଥାକୁ ଏକୀକୃତ କରୁ, ତେବେ ଆମେ ମାତ୍ର ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟସେବାରେ ବିପ୍ଳବ ଆଣିପାରିବା । ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ ଆଧୁନିକ ଔଷଧକୁ ଜଟିଳ ଚିକିତ୍ସା ପାଇଁ ବ୍ୟବହାର କରାଯିବା ଉଚିତ, ଯେତେବେଳେ କି ଦୀର୍ଘକାଳୀନ ଏବଂ ଜଟିଳ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦ ଏବଂ ଯୋଗକୁ ଗ୍ରହଣ କରାଯିବା ଉଚିତ । ଚରକ ଏବଂ ସୁଶ୍ରୁତ ସଂହିତାଙ୍କ କଥା ଉଲ୍ଲେଖ କରି, ଆଚାର୍ଯ୍ୟ ଜୀ କହିଥିଲେ ଯେ ଜଣେ ଡାକ୍ତରଙ୍କ ଶପଥ ରୋଗୀଙ୍କୁ ସୁସ୍ଥ କରିବା ଉପରେ କେନ୍ଦ୍ରିତ, ଏକ ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା ପ୍ରତି ଆନୁଗତ୍ୟ ଉପରେ ନୁହେଁ । ଉଦ୍ଦେଶ୍ୟ କେବେବି ଚିକିତ୍ସା ମଧ୍ୟରେ ବିଭାଜନ ସୃଷ୍ଟି କରିବା ନୁହେଁ, ବରଂ କେବଳ ରୋଗୀଙ୍କୁ ଚିକିତ୍ସା କରିବା । ତଥାପି, ଆଜି କେତେ ଜଣ ଡାକ୍ତର ପ୍ରକୃତରେ ସେହି କରୁଣାପୂର୍ଣ୍ଣ ଆତ୍ମାକୁ ଗ୍ରହଣ କରନ୍ତି ତାହା ଅନିଶ୍ଚିତ ରହିଛି ।

ଆଚାର୍ଯ୍ୟ ଜୀ ପତଞ୍ଜଳିର ସ୍ୱତନ୍ତ୍ର କ୍ଷମତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଆମର ପ୍ରତିଷ୍ଠାନ କେବଳ ଏକ ହସ୍ପିଟାଲ ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାନ ମଧ୍ୟ ଅନ୍ତର୍ଭୁକ୍ତ । ଆମେ ଯୋଗ ଏବଂ ଆୟୁର୍ବେଦକୁ ପ୍ରମାଣ-ଭିତ୍ତିକ ବିଷୟ ଭାବରେ ପ୍ରତିଷ୍ଠାନ କରିଛୁ । ଆମର ବ୍ୟାପକ କ୍ଲିନିକାଲ୍ ତଥ୍ୟ, ପ୍ରମାଣିତ ବାୟୋସେଫଟି ସ୍ତର-୨ ପ୍ରୟୋଗଶାଳା ଏବଂ ଇନ-ଭିଭୋ ଏବଂ ଇନ-ଭିଟ୍ରୋ ଅଧ୍ୟୟନ ପାଇଁ ଅତ୍ୟାଧୁନିକ ଗବେଷଣା ସୁବିଧା ଆମର ପଦକ୍ଷେପ ପାଇଁ ବୈଜ୍ଞାନିକ ବୈଧତା ପ୍ରଦାନ କରେ । ଏହା ବ୍ୟତୀତ, ଆମେ ନ୍ୟୁକ୍ଲିୟର ଔଷଧ ଏବଂ ବ୍ୟକ୍ତିଗତ ଔଷଧରେ ଅଗ୍ରଣୀ ଗବେଷଣା କରୁଛୁ, ଯାହା ଅନ୍ୟ କୌଣସି ସଂସ୍ଥା ଦ୍ୱାରା ଅତୁଳନୀୟ । ଡକ୍ଟର ସୁନୀଲ ଆହୁଜା, ଡକ୍ଟର ଏନପି ସିଂହ, ଡକ୍ଟର ସାଧ୍ୱୀ ଦେବପ୍ରିୟା, ସୁଶ୍ରୀ ଅଂଶୁଲ ଶର୍ମା, ସୁଶ୍ରୀ ପାରୁଲ ଶର୍ମା, ଡକ୍ଟର ସଭ୍ରାନ୍ତ, ବ୍ରିଗେଡିୟର ଟିସିଙ୍କ ସମେତ ଅନେକ ସମ୍ମାନିତ ବୃତ୍ତିଗତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ କରାଯାଇଥିଲା ।

## ଜଳେଶ୍ୱର ସହରରେ ଅବାଧ ଭାରିଯାନ ଚଳାଚଳୟ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ପାର୍ବଣ ଋତୁରେ ଜଳେଶ୍ୱର ମ୍ୟୁନିସିପାଲଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ନଗର ମଧ୍ୟରେ ଭାରିଯାନ ଚଳାଚଳ ନେଇ ନିଷେଧାଜ୍ଞା ଜାରି କରିଥିଲେ । କିନ୍ତୁ କୌଣସି ଠୋଷ ପଦକ୍ଷେପ ନ ନେବାରୁ ସକାଳେ, ସନ୍ଧ୍ୟାରେ ଗହଳି ସମୟରେ ବହୁ ଡମ୍ଫର, ଟ୍ରକ୍, କଣ୍ଟେନର, ବାଲି ଗାଡ଼ି ଅବାଧରେ ଚଳାଚଳ ସହିତ ଅବୈଧ ପାର୍କିଂ ମଧ୍ୟ କରୁଛନ୍ତି । ଫଳରେ ବଡ଼ ବଜାର, ମାଛ ହାଟ, ଥାନ, ହାଟ ରାସ୍ତା, ଗେଟ ବଜାର ଠାରେ ସଦାବେଳେ ଟ୍ରାଫିକ ଜାମ୍ ରହୁଛିୟନିୟମ ପ୍ରଣୟନ କରିଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସହର ବାସୀ ଦାବି କରିଛନ୍ତି ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶିଶୁଶ୍ରମିକ ଉଦ୍ଧାର

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଦାନଗଦି ବଜାରରୁ ଦୁଇ ଜଣ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କରଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଶିଶୁ ସୁରକ୍ଷା ୟୁନିଟ୍‌ର ତପନ କୁମାର ପାତ୍ର, ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନା, ଦାନଗଦି ପୋଲିସ ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଓ ବିଶ୍ୱଜିତ ମାଝୀଙ୍କ ଦଳ ଏକ ସଂଯୁକ୍ତ ଚଢ଼ାଉ କରି ଇମ୍ରାନ ଗ୍ୟାରେଜରୁ ଶିଶୁ ଦୁଇଜଣଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ଦୁଇ ଶିଶୁଙ୍କ ବୟସ୍ କ୍ରମେ ୧୪ ଓ ୧୨ ବର୍ଷ । ଗତ ଏକ ବର୍ଷ ଧରି ସେମାନେ ଏହି ଗ୍ୟାରେଜରେ ଦିନକୁ ୧୨ ଘଣ୍ଟାରୁ ଅଧିକ ସମୟ କାମ କରୁଥିଲେ । ସେମାନଙ୍କୁ ଗ୍ୟାରେଜ ମାଲିକ



ମହମ୍ମଦ ମୁରସିଦ ଅନସାରୀ ପ୍ରତିଦିନ ୧୦୦ ଟଙ୍କା ହିସାବରେ ମାସିକ ୩,୦୦୦ ଟଙ୍କା ଦେଉଥାନ୍ତି ବୋଲି ଶିଶୁମାନେ ଜଣାଇଛନ୍ତି । ଉଦ୍ଧାର ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଜଣେ ମୟୂରଭଞ୍ଜ ଓ ଅନ୍ୟଜଣ ଯାଜପୁର ଜିଲ୍ଲାର ଥିବା ଜଣାପଡ଼ିଛି । ଶିଶୁ ଦୁଇଜଣଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରି ଉକ୍ତ ବାଳାଶ୍ରମରେ ଥଇଥାନ କରାଯାଇଛି । ଶିଶୁ ଶ୍ରମ ନିଯୋଜନ ଆଇନ ଅନୁସାରେ ଗୁରୁତର ଅପରାଧ ହେଲେ ମଧ୍ୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ନିକଟରେ ଏପରି ଘଟଣା ଘଟିଥିବା ଦେଖି ସମାଜରେ ଚର୍ଚ୍ଚା ଚାଲିଛି । ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ କହିଛନ୍ତି, ଏପରି ଶିଶୁଶ୍ରମ ଘଟଣା ମାତ୍ର ଆଇନ ଭଙ୍ଗ ନୁହେଁ, ଶିଶୁମାନଙ୍କ ଶିକ୍ଷା ଓ ଶୈଶବ ଅଧିକାର ଉପରେ ଗୁରୁତର ଆଘାତ ।

## ‘ଦି ଗର୍ଲଫ୍ରେଣ୍ଡ’ର ଟ୍ରେଲର ରିଲିଜ୍

**ଚେନ୍ନାଇ: ଏକ୍ସପ୍ରେସ ନ୍ୟୁଜ୍**

ସିନେମାଫିନେମା ଟିଭିଫିବି

ଦକ୍ଷିଣ ସିନେମା ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ ‘ଥାମା’ ନିକଟରେ ରିଲିଜ୍ ହୋଇଥିଲା । ଯାହା ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି । ଏହି ସମୟରେ, ଅଭିନେତ୍ରୀ ପୁଣି ଥରେ ବଡ଼ ପରଦାରେ ଚହଳ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି ।

ତାଙ୍କର ରୋମାଣ୍ଟିକ ଡ୍ରାମା ଫିଲ୍ମ ‘ଦି ଗର୍ଲଫ୍ରେଣ୍ଡ’ର ବହୁ ପ୍ରତୀକ୍ଷିତ ଟ୍ରେଲର ରିଲିଜ୍ ହୋଇଛି । ଫିଲ୍ମର ନିର୍ମାତା ଶନିବାର ଟ୍ରେଲର ରିଲିଜ୍ କରିଛନ୍ତି । ଏହାକୁ ନେଇ ଦର୍ଶକଙ୍କ ଠାରୁ ଜବରଦସ୍ତ ପ୍ରତିକ୍ରିୟା ମିଳୁଛି ।

ରଶ୍ମିକା ନିଜେ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଟ୍ରେଲରଟି ସେୟାର କରି ଲେଖିଛନ୍ତି, ‘ଏହା କୌଣସି ସାଧାରଣ ପ୍ରେମ କାହାଣୀ ନୁହେଁ, ଏହା ଆପଣଙ୍କୁ ଭାବିବାକୁ ବାଧ କରିବ ।’ ୨ ମିନିଟ୍ ୩୯ ସେକେଣ୍ଡର ଏହି ଟ୍ରେଲରଟି ଏକ ଗଭୀର ଏବଂ ଜଟିଳ ପ୍ରେମ କାହାଣୀ କହେ, ଯାହା ସ୍ପଷ୍ଟ ଭାବରେ ପ୍ରେମ, ଯନ୍ତ୍ରଣା ଏବଂ ସମ୍ପର୍କର ଜଟିଳତାକୁ ପ୍ରଦର୍ଶନ କରୁଛି । ଫିଲ୍ମରେ ରଶ୍ମିକା ଭୁମା ଭୂମିକାରେ ଅଭିନୟ କରିଛନ୍ତି ।




ଯେତେବେଳେ ଧିକ୍ଷିତ ଶେଟ୍ଟୀ ବିକ୍ରମ ଭୂମିକାରେ ଅଭିନୟ କରିଛନ୍ତି । ଟ୍ରେଲରଟି ଭୁମା ତାଙ୍କ ପ୍ରେମିକ ବିକ୍ରମଙ୍କୁ ପଚାରିବା ସହିତ ଆରମ୍ଭ ହେଉଛି, ‘ଆମେ ବ୍ରେକ୍ ନେଇପାରିବା କି ?’ ଯାହାର ଉତ୍ତରରେ ବିକ୍ରମ କ୍ରୋଧର ସହିତ ଉତ୍ତର ଦେଉଛନ୍ତି, ‘ବ୍ରେକ୍ ଅର୍ଥ ବ୍ରେକ୍ ।’ ଟ୍ରେଲରରେ ବିକ୍ରମଙ୍କୁ ଜଣେ ଟୋକ୍ସିକ୍, ଡୋମିନେଟିଂ ଏବଂ ସନ୍ଦେହୀ ପ୍ରେମିକ ଭାବରେ ଚିତ୍ରଣ କରୁଛି ଯିଏ ସମ୍ପର୍କରେ ନିୟନ୍ତ୍ରଣ ବଜାୟ ରଖିବାକୁ ଚାହାନ୍ତି । ଯେତେବେଳେ ଭୁମା ଜଣେ ଶାନ୍ତ ଏବଂ ସରଳ ମହିଳା ଯିଏ ସମ୍ପର୍କର ଚାପରେ ଶ୍ୱାସରୁଦ୍ଧ ହେଉଛନ୍ତି । କାହାଣୀଟିରେ ଏକ ଭାବପ୍ରବଣ ଘଟଣା ମଧ୍ୟ ରହିଛି, ଯେଉଁଠାରେ ବିକ୍ରମ ହଠାତ୍ ଭୁମାଙ୍କୁ ପ୍ରସ୍ତାବ ଦେଇ କହୁଛନ୍ତି, ‘ପରଦିନ ଏକ ଶୁଭ ସମୟ, ଆସନ ବିବାହ କରିବା ।’ ତଥାପି, ଭୁମା ତାଙ୍କର ତରବରିଆ ଭାବ ନେଇ ଅସନ୍ତୁଷ୍ଟ ମନେ ହେଉଛନ୍ତି । ଏହି ଚଳଚ୍ଚିତ୍ରଟି ରାହୁଲ ରବିନ୍ଦ୍ରନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଲେଖାଯାଇଛି । ଯିଏ ସମ୍ପର୍କର ସତ୍ୟ ଏବଂ ଭାବପ୍ରବଣ ଜଟିଳତାକୁ ସୂକ୍ଷ୍ମ ଭାବରେ ଚିତ୍ରଣ କରିଛନ୍ତି । ଚଳଚ୍ଚିତ୍ରର ସଙ୍ଗୀତ ହେଶାମ ଅବଦୁଲ ୱାହାବଙ୍କ ଦ୍ୱାରା ରଚିତ, ଯିଏ ପୂର୍ବରୁ ଅନେକ ବ୍ଲକବଷ୍ଟର ଚଳଚ୍ଚିତ୍ର ପାଇଁ ସଙ୍ଗୀତ ରଚନା କରିଛନ୍ତି । କ୍ରିଷ୍ଣନ ବସନ୍ତ ସିନେମାଟୋଗ୍ରାଫି ପରିଚାଳନା କରିଥିଲେ । ‘ଦି ଗର୍ଲଫ୍ରେଣ୍ଡ’ ତେଲୁଗୁ, ହିନ୍ଦୀ, ତାମିଲ, କନ୍ନଡ ଏବଂ ମାଲାୟଲମ ଭାଷାରେ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରରେ ରଶ୍ମିକା ମନ୍ଦାନା, ଧିକ୍ଷିତା ସେଟ୍ଟୀ, ରାଓ ରମେଶ ଏବଂ ରୋହିଣୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରଟି ୭ ନଭେମ୍ବର ୨୦୨୫ରେ ସିନେମା ହଲରେ ମୁକ୍ତିଲାଭ କରିବାର ଯୋଜନା ରହିଛି ଏବଂ ଦର୍ଶକଙ୍କୁ ଏକ ନୂଆ ଧରଣର ପ୍ରେମ କାହାଣୀ ସମ୍ପର୍କରେ କହିବ ।

## ପୀର ଜାହାନିଆଁ ବାଲିଯାତ୍ରା ପ୍ରସ୍ତୁତି

**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପର୍ଯ୍ୟଟନସ୍ଥଳୀ ପୀର ଜାହାନିଆଁ କୈଲ୍ୟାଣୀ ମଣ୍ଡପରେ ପ୍ରଶାସନର ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷା ଆରତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆସନ୍ତା ନଭେମ୍ବର ୫ ଓ ୬ ତାରିଖରେ ଜାହାନିଆଁ ପୀଠରେ ବହୁ ପୁରାତନ ବାଲିଯାତ୍ରା ହେବାକୁଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକରେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ନିମାପଡା ଏସଡିପିଓ ପ୍ରଭାତ ରଞ୍ଜନ ମଲ୍ଲିକ୍, ଉପାଧକ୍ଷ ଦୁର୍ଯ୍ୟୟ ମିଶ୍ର, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ସରପଞ୍ଚ ଖିରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ବାଲିଯାତ୍ରା କିପରି ଶୃଙ୍ଖଳିତ ହେବ ଓ ଆଇନି ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ର, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବ୍ରତ୍ର ତ୍ରିପାଠୀ ଓ ଜଙ୍ଗଲ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ତାଡ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଓ ଜଳଯୋଗାଣ ବିଭାଗର ଅଧିକାରୀମାନେ ଯୋଗଦେଇ ସେମାନେ ସେମାନଙ୍କ ବିଭାଗର ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ



**୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ଭାବ୍ୟ ବାତ୍ୟା ବିଷୟରେ ଗଣମାଧ୍ୟମରେ ଆଲୋଚନା ହେଉଥିବାରୁ ନିଆଳି ବ୍ଲକର ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ଏଇ ୮ ଦିନ ପୂର୍ବରୁ ଯେତେବେଳେ ବିଦେଶୀ ପାଣିପାଗ ବିଭାଗ ବାତ୍ୟା ବିଷୟରେ ସୂଚନା ଦେଇଥିଲା, ସେତେବେଳେ ଆମ ପାଣିପାଗ ବିଭାଗ ତାହା ଉପରେ ବିଶେଷ ଗୁରୁତ୍ୱ ଦେଇନଥିଲା । ଦିନକୁ ଦିନ ପାଣିପାଗରେ ପରିବର୍ତ୍ତନ ଦେଖାଯାଉଥିବାରୁ ବର୍ତ୍ତମାନ ପାଣିପାଗ ବିଭାଗ ଯେଉଁ ସୂଚନା ଦେଉଛି, ତାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଲାଣି । ୨୮ ତାରିଖ ଦିନ ଏହି ବାତ୍ୟା ଓଡିଶା ଉପକୂଳ ଛୁଇଁ ଚାଲିଯିବା ନେଇ ପ୍ରଚାର ହେଉଥିବାରୁ ବାତ୍ୟା ପ୍ରପୀଡିତ ଅଞ୍ଚଳ ଭାବେ ପରିଚିତ ନିଆଳି ବ୍ଲକରେ ଚାଷୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଲାଣି । ଗତ ୧୯୯୯ ମସିହା ଅକ୍ଟୋବର ୨୯ର ମହାବାତ୍ୟାକୁ ଆଜି ପର୍ଯ୍ୟନ୍ତ ଭୁଲି ନାହାନ୍ତି ନିଆଳି ବ୍ଲକ ବାସୀ । ଏହି ମହାବାତ୍ୟା ଉଜାଡିଥିଲା କେତେ ଘର ସଂସାର । ଘର ର ଛପର ଥିଲା ନା ଗଛର ପତର । ସବୁ କିଛି ନେଇଯାଇଥିଲା ସେହି ମହାବାତ୍ୟା । ପୁଣି ସେହି ଅକ୍ଟୋବର ମାସରେ ଏକ ବାତ୍ୟା ନାଁ ଶୁଣିଲା ବେଳେ ନିଆଳି ବ୍ଲକବାସୀଙ୍କ ମନରେ ଛନକା ପସିବା ସହ ଆତଙ୍କିତ ହୋଇପଡିଛନ୍ତି । ଆଜି ବ୍ଲକର ବିଭିନ୍ନ ପଞ୍ଚାୟତରେ ହାଟବାରି ଯୋଗୁଁ ପରିବା ଦର ଆକାଶଛୁଆଁ ହୋଇଯାଇଛି । ୧୯୯୯ ମସିହା ମହାବାତ୍ୟାକୁ ନିଆଳି ବ୍ଲକ ବାସୀ ସମ୍ମୁଖିନ ହୋଇଥିଲେ, ତଥାପି ଜନଜୀବନ ହାନି ଏବଂ କ୍ଷୟକ୍ଷତି ବିଷୟରେ ଚିନ୍ତା କରି ଆଶଙ୍କା ଭିତରେ ରହିଛନ୍ତି । ବର୍ତ୍ତମାନ ଧାନ ଥୋର ମୁହାଁ ହୋଇଥିବାରୁ ବାତ୍ୟା ନାଁ ଶୁଣି ଚାଷୀକୂଳ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ଛ ଯଦି ପବନ, ବର୍ଷା ହୁଏ, ତେବେ ଧାନ ସଂପୂର୍ଣ୍ଣ ନଷ୍ଟ ହୋଇଯିବାକୁ ଏଡାଇ ଦିଆଯାଇନପାରେ । ନିଆଳି ବ୍ଲକର ୨୩ଟି ଗ୍ରାମପଞ୍ଚାୟତର ୮୦ ଭାଗ ଲୋକମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବାରୁ ବାତ୍ୟା ନାଁ ଶୁଣି ଭାଙ୍ଗିପଡିଛନ୍ତି । ସେହିପରି ଯେଉଁ ପରିବା ଚାଷୀମାନେ ବାଇଗଣ, ଜହ୍ନି, ଭେଣ୍ଡି, କଲରା, ପୋଇ, ପୋଟଳ, ଫୁଲ କୋବି ଇତ୍ୟାଦି ଚାଷ କରିଛନ୍ତି, ସେମାନେ ମଧ୍ୟ ଏବେଠାରୁ ବାତ୍ୟା ନାଁ ଶୁଣି ମୁଣ୍ଡରେ ହାତ ଦେଲେଣି ଛ ତେବେ ଆଗକୁ ବାତ୍ୟାର ରୂପ କିପରି ହେବ, ତାହା ଆଗାମୀ ଦିନରେ ହିଁ

## ଆଜିର ରାଶିଫଳ

| ତାରିଖ<br>୨୮.୧୦.୨୦୨୫ | ମଙ୍ଗଳବାର– ଷଷ୍ଠୀ<br>ନକ୍ଷତ୍ର– ପୂର୍ବାଷାଢ଼ା, ଧନୁଚନ୍ଦ୍ର |
|---|---|

| | |
|---|---|
| ମେଷ | : ଭଲ କାମ କରି ସୁଖ ପାଇବେ । |
| ବୃଷ | : ପୂଜାର୍ଚ୍ଚନେ ସୁଖ ମିଳିବ । |
| ମିଥୁନ | : ଯାନବାହନରେ ଆଘାତ ପାଇପାରନ୍ତି । |
| କର୍କଟ | : ଦିନଟି ସୁଖର ଦିନ ହେବ । |
| ସିଂହ | : ଲାଗି ରହିଥିବା ଅସୁବିଧା ଦୂର ହେବ । |
| କନ୍ୟା | : ଅଯଥାରେ ଖର୍ଚ୍ଚାନ୍ତରେ ପଡ଼ିବେ । |
| ତୁଳା | : ଅପବାଦ ମୁଣ୍ଡାଇବେ । |
| ବିଛା | : ସୁଖ ଖବର ପ୍ରାପ୍ତି ହେବେ । |
| ଧନୁ | : ଚକ୍ଷୁ ପୀଡ଼ା କଷ୍ଟ ଦେବ । |
| ମକର | : ଦ୍ରବ୍ୟ ଲାଭ ଯୋଗ ରହିଛି । |
| କୁମ୍ଭ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ମୀନ | : ଆର୍ଥିକ ସୁଖ ପାଇବେ । |

## ହାତୀ ଆକ୍ରମଣରେ ମହିଳା ଗୁରୁତର

**ବେତନଟୀ, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ରେଞ୍ଜ ଅଧୀନ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରେ ରବିବାର ଅପରାହ୍ଣରେ ଛେଳି ଚରାଉଥିବା ଜଣେ ମହିଳା ଦାନ୍ତା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି । ଏହି ମହିଳାଙ୍କ ଘର ଏହି ଜଙ୍ଗଲ ନିକଟ ଜାମୁଗଧା ଗ୍ରାମରେ ହୋଇଥିବା ବେଳେ ଯୋଗେଶ୍ୱର ମହାନ୍ତ ଙ୍କ ପତ୍ନୀ ସୁଶିଳା ମହାନ୍ତ (୪୫) ବୋଲି ଜଣା ପଡିଛି । ଘଟଣାରୁ ପ୍ରକାଶ ବାରିପଦା ରେଞ୍ଜ ଅଞ୍ଚଳରୁ ଏକ ଦାନ୍ତାହାତୀ ରବିବାର ଦିନ କୃଷ୍ଣଚନ୍ଦ୍ରପୁର ଫୋରେଷ୍ଟ ଅଞ୍ଚଳକୁ ପ୍ରବେଶ କରିଥିଲା । ମହିଳା ଜଣକ ସ୍ୱାମୀଙ୍କ ସହିତ ଯାଇ ଗଣ୍ଡିଗଧା ଜଙ୍ଗଲରେ ଛେଳି ଚରାଉଥିବା ବେଳେ ହଠାତ ଏକ ଦାନ୍ତା ଜଙ୍ଗଲରୁ ମହିଳାଙ୍କ ଅଡକୁ ମାଡି ଆସିଥିଲା । ମହିଳା ଜଣକ ନିଜ ଜୀବନକୁ ରକ୍ଷା କରିବା ପାଇଁ ଦଉଡିବାକୁ ଉଦ୍ୟମ କରୁଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଘଟଣା ସ୍ଥଳରୁ ବାରିପଦା ପିଆରଏମ ମେଡିକାଲ କଲେଜରେ ଚିକତ୍ସା ପାଇଁ ଭର୍ତ୍ତି କରାଯାଇଥିବାର ସୂଚନା ମିଳିଛି ।

## ବୋରାପଦା ଜଙ୍ଗଲରେ ବାଘ ଆତଙ୍କ

**ଢେଙ୍କାନାଳ, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଂଚଳରେ କିଛିଦିନ ହେବ ବାଘ ଆତଙ୍କ ଦେଖାଦେଇଛି । ମାତ୍ର ଏହା ମହାବଳ ବାଘ ହୋଇଥିବାର ଗୁଜବ ଚାରିଆଡେ ହୋଇଥିବାବେଳେ ବାଘଟି ଅଦ୍ୟାବଧୀ କାହାରି କିଛି କ୍ଷତି ନକରିବା ଘଟଣା ବିଶିଷ୍ଟ ବ୍ୟକ୍ତି ମହଲରେ ଆଶ୍ଚର୍ଯ୍ୟ ପ୍ରକଟ ହୋଇଛି । କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ଭୁବନ ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡାହାଡ, ମହାବୀରୋଡ ଆଦି ଅଞ୍ଚଳରେ ଉକ୍ତ ବାଘଟି ଘୁରି ବୁଲୁଥିବାର ଖବର ପ୍ରସାରିତ ପରେ ଗତକାଲି ଢେଙ୍କାନାଳ ସହର ଉପକଣ୍ଠେ ଅଞ୍ଚଳରେ ଏହି ବାଘ ଆତଙ୍କ ଦେଖାଦେଇଛି। ଢେଙ୍କାନାଳ ସହରର ବୋରାପଦା ଜଙ୍ଗଲ ନିକଟରେ ଘୁରୁବୁଲୁଛି ଏହି ବାଘ।ବାଘର ରଡି ଶୁଣିଛନ୍ତି ବୋରାପଦା ଜଙ୍ଗଲ ମଧ୍ୟେର ଗଜଲକ୍ଷ୍ମୀ ପ୍ୟାଲେସ୍‌ରେ ରହୁଥିବା ରାଜ ପରିବାର ସଦସ୍ୟ। କିଛି ଲୋକ ଜଙ୍ଗଲ ନିକଟରେ ବାଘଟି ଘୁରିବୁଲୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରୁଥିବା ଦେଖିବାକୁ ମିଳିଛି ।ବାଘ ବୁଲୁଥିବା ଖବରପାଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ବୋରାପଦା ଓ ଆଖପାଖ ଅଞ୍ଚଳର ଲୋକେ। ଖବରପାଇ ବୋରାପଦା ଜଙ୍ଗଲ ନିକଟରେ ପହଁଚି ଡ୍ରୋନ ସହାୟତାର ବାଘକୁ ଖୋଜୁଛି ବନବିଭାଗ। ସହର ଉପକଣ୍ଠେର ପ୍ରଥମ ଥର ପାଇଁ ବାଘ ବୁଲୁଥିବା ଶୁଣିବାକୁ ମିଳୁଥିବାରୁ ତାର ଗତିବିଧି ଉପେର ନଜର ରଖିବାକୁ ଦାବି କରିଛନ୍ତି ସହରବାସୀ । ନଚେତ୍ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି ।

## ଦୁଃଖ ଓ ଯନ୍ତ୍ରଣା ସହ ସଂଘର୍ଷ କରୁଛନ୍ତି ପାତି ସିଂ

**ବାଲେଶ୍ୱର, ୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

'ପ୍ରଥମେ ସ୍ୱାମୀ ଛାଡ଼ି ଆରପାରିକୁ ଚାଲିଗଲେଛ ପୁଅବୋହୂ ଓ ନାତି ସହ ଦୁଃଖସୁଖରେ ରହୁଥିଲି । ହେଲେ ଦଇବ ବି ଏତିକି ସହିପାରିଲା ନାହିଁ । କିଛି ବର୍ଷ ତଳେ ବୋହୂ ରୋଗରେ ପଡ଼ି ଯମ ନେଇଗଲା । ଏହାର କିଛିମାସ ପରେ ପୁଅ ବି ଦୁର୍ଘଟଣାରେ ଚାଲିଗଲା । ୧୦ ବର୍ଷ ତଳେ ଗୋଡ଼ ଉପରେ ଗଛ ପଡ଼ିଯାଇଥିଲା । ତଥାପି କଷ୍ଟେମଷ୍ଟେ ଚାଲିପାରୁଥିଲି । ହେଲେ ଧୀରେ ଧୀରେ ଅକାମି ହେବାରୁ ଆଉ ଚାଲିପାରିଲି ନାହିଁ । ଶେଷରେ ଡାହାଣ ଗୋଡ଼ର ପାଦକୁ କାଟିବାକୁ ପଡ଼ିଲା । ଏବେ ଭତ୍ତା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଛି ।' କୋହଭରା ସ୍ୱରରେ ଏହା କହିଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତ ଆଲଦା ଗ୍ରାମର ପାତି ସିଂ ।



ପାତି ସିଂ(୭୫)ଙ୍କ ପରିବାର କହିଲେ କେବଳ ଏବେ ଦିବ୍ୟାଙ୍ଗ ନାତି । ଅତ୍ୟନ୍ତ ଦୁର୍ଦ୍ଦିନ ଭିତରେ ଜୀବନ କାଟୁଛନ୍ତି । ମୁଣ୍ଡ ଉପରେ ଛାତ ନାହିଁ । ଅଧାଭଙ୍ଗା ପଲିଥିନ୍ ତଳେ ନାତିକୁ ଧରି ଖରା ବର୍ଷାରେ ରହୁଛନ୍ତି । ରୋଜଗାର କହିଲେ ମାତ୍ର ହଜାରେ ଭତ୍ତା ଟଙ୍କା । ଏଥିରେ ଦୁଇ ପ୍ରାଣୀ ଚଳୁଛନ୍ତି । ତାହା ବି ଯେତିକି ମିଳିବା କଥା ପାତିଙ୍କୁ ମିଳୁନାହିଁ । ଆଉ ଏହି ଭତ୍ତା ଟଙ୍କା ଆଣିବା ପାଇଁ ପାତିଙ୍କୁ ୫ କିମି ଦୂରକୁ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଆଣିବାକୁ ପଡୁଛି । ଯଦି କେହି ଭତ୍ତା ଆଣି ଦେଉଛନ୍ତି, ଏହା ବାବଦକୁ ପାତିଙ୍କୁ ୨ ଶହ ଟଙ୍କା ଦେବାକୁ ପଡୁଛି । ଏହା ସହିତ ପୁଣି ଖାଇବା ଖର୍ଚ୍ଚ ବି ତାଙ୍କୁ ଉଠାଇବାକୁ ପଡୁଛି । ଫଳରେ କାହାକୁ ନ କହି ପାତି ଗୁରୁଣ୍ଡି ଗୁରୁଣ୍ଡି ଯାଇ ଭତ୍ତା ଆଣୁଛନ୍ତି । ତେବେ ନାତି ଦିବ୍ୟାଙ୍ଗ ହୋଇ ବି ତାଙ୍କୁ ଭତ୍ତା ମିଳୁନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଅସହାୟକୁ ଘରେ ଆଣି ଭତ୍ତା ଓ କଣ୍ଟ୍ରୋଲ ସାମଗ୍ରୀ ଦେବାକୁ ସରକାରଙ୍କ ବ୍ୟବସ୍ଥା ଥିଲେ ବି ପାତିଙ୍କୁ ଏହି ସୁବିଧା ମିଳୁନାହିଁ । ସବୁ ବ୍ୟବସ୍ଥା ଯେପରି ତାଙ୍କ ପାଇଁ ବାଟବଣା ହୋଇଛି । ଥିଲାବାଲା ଆବାସ ଘର ହାତଉଛନ୍ତି, ହେଲେ ପାତିଙ୍କୁ ଘର ମିଳୁନାହ । ସବୁ ଯୋଜନା ଓ ବ୍ୟବସ୍ଥା ଯେପରି ତାଙ୍କ ପାଇଁ ଫେଲ୍ ମାରିଛି । ବଡ଼ କଥା ହେଲା, ସ୍ଥାନୀୟ ଲୋକ ପ୍ରତିନିଧି ବି ତାଙ୍କ ପ୍ରତି ଆଖି ବୁଜି ଦେଇଛନ୍ତି । ଫଳରେ ନିଜ ଭାଗ୍ୟକୁ ଆଦରି ପାତି ଦୁଃଖ ଓ ଯନ୍ତ୍ରଣା ସହ ସଂଘର୍ଷ କରୁଛନ୍ତି । ପ୍ରଶାସନ ପକ୍ଷରୁ ପାତିଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।

## ଅପରିଚିତ ଯୁବକଙ୍କ ମୃତଦେହ ଉଦ୍ଧାର

**ଦଶପଲ୍ଲା, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଥର ପୁଞ୍ଜା କେନାଲ ପାଖ ମଶାଣି ଠାରୁ ପ୍ରାୟ ଅଧ କିଲୋମିଟର ଦୂର ଏକ ଆମ୍ବ ଗଛ ପାଖ ଖାଲ ଭିତରେ ଗୋଟିଏ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । ଶବଟି ଅଳ୍ପ ପାଣିରେ ପଡ଼ିଥିଲେ ମଧ୍ୟ ପଚି ଯାଇ ଥିବାରୁ ତାହା ୨–୩ ଦିନ ତଳର ବୋଲି ଅନୁମାନ କରାଯାଉଛି । ଏପରିକି ବାହାରେ କେଉଁଠି ହତ୍ୟା କରା ଯାଇ ସେ ଯାଗାରେ ଆଣି ଫିଙ୍ଗି ଦିଆ ଯାଇଥିବା ମଧ୍ୟ ଅନୁମାନ କରା ଯାଉଛି । ଶବଟି ଦେହରେ ଗୋଟିଏ ଗଞ୍ଜି ଥିବାବେଳେ ଅଣ୍ଟା ତକକୁ ଉଲଗ୍ନ ଅଛି । ଆନୁମାନିକ ବୟସ ୨୫ ରୁ ୩୦ ଭିତରେ ହୋଇପାରେ । ଦଶପଲ୍ଲା ପୋଲିସ ନିକଟରେ ଖବର ପହଞ୍ଚିବା ପରେ ଆଇଆଇସି ବିନୟ ରଞ୍ଜନ ପରିଡା ଶବ ନିକଟରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି ।

## ଧାନବିଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କୋଣାର୍କ, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଥାନା ଅଧିନ ଅଚ୍ୟୁତପୁର ପଞ୍ଚାୟତର ଆଲପୁରୁ ଗ୍ରାମରୁ ଏକ ଅଜଣା ମୃତଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛିଛ ସୂଚନା ମୁତାବକ ଆଲପୁରୁ ଗ୍ରାମର ଅର୍ଜୁନ ଦାସଙ୍କ ବିଲରେ ଏକ ଅଜଣା ମୃତଦେହ ପଡ଼ିଥିବାର ଗ୍ରାମବାସି ଦେଖିବାକୁ ପାଇଥିଲେ । ଏହା ଦେଖି ତୁରନ୍ତ କୋଣାର୍କ ପୋଲିସିକୁ ଅବଗତ କରାଇଥିଲେ । ଖବରପାଇ ପୋଲିସି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ୨୬/୨୫ ରେ ମାମଲା ରୁଜୁକରି ବ୍ୟବଛେଦ ନିମନ୍ତେ ପୁରୀ ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

## ପୋଲିସର ମୋଟର ସାଇକେଲକୁ ଭାଙ୍ଗି ଦେଲେ ଦୁର୍ବୃତ୍ତ

**ଅନୁଗୋଳ, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ଜିଲ୍ଲା ଜରପଡା ଥାନା ପୋଲିସକୁ ନିର୍ଘୁମ ମାଡ । ଏଥିରେ ଜରପଡା ଥାନାର ଜଣେ କନେଷ୍ଟବଳଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଜଣେ ଏସଆଇ ଆହତ ହୋଇଛନ୍ତି । ଏହାସହ ପୋଲିସର ମୋଟର ସାଇକେଲକୁ ମଧ୍ୟ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ । ଆହତ ଦୁଇଜଣ ହେଲେ ଜରପଡା ଥାନାର ଏସଆଇ ଲଳିତ ମୋହନ ବିଶ୍ୱାଳ ଓ କନେଷ୍ଟବଲ ରମାକାନ୍ତ ମାଝୀ । ଜରପଡା ଷ୍ଟେସନରେ ଟ୍ରେନ ମାଧ୍ୟମରେ ଘରୋଇ କୋଇଲା ପରିବହନକୁ ନେଇ ମେଟା ଓ ଯସୁଦା ମଧ୍ୟରେ ଦୀର୍ଘ ଦିନ ହେଲେ ବିବାଦ ଲାଗିରହିଛି । କିଛିଦିନ ତଳେ କୋଇଲା ପରିବହନ ରାସ୍ତା କାମକୁ ନେଇ ଉଭୟ ଏସୁଦା ଓ ମେଟା କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ଝଗଡା ହେବା ସହିତ ଘଟଣା ଥାନା ପର୍ଯ୍ୟନ୍ତ ଯାଇଥିଲା । ଜମି ଚିହ୍ନଟ ପରେ କାର୍ଯ୍ୟ କରିବା ପାଇଁ ପୋଲିସ ସେମାନଙ୍କୁ କହିବା ସହିତ କାମକୁ ବନ୍ଦ କରିଦେଇଥିଲେ । ଗତକାଲି ଅପରାହ୍ଣରେ ଜରପଡା ଥାନାର ଏସଆଇ ଲଳିତ ମୋହନ ବିଶ୍ୱାଳ ଓ କନେଷ୍ଟବଲ ରମାକାନ୍ତ ମାଝୀ ସେଠାରେ କାମ ହେଉଥିବା ଖବର ପାଇ କାମକୁ ବନ୍ଦ କରିଥିଲେ । ସେହି ସମୟରେ ହଠାତ କିଛି ଯୁବକ ତାଙ୍କୁ ହକି ଷ୍ଟିକରେ ମାଡ଼ ମାରିଥିଲେ । ଫଳରେ ଏସଆଇ ଲଳିତ ମୋହନ ବିଶ୍ୱାଳ ଆହତ ହୋଇଥିବା ବେଳେ କନେଷ୍ଟବଲ ରମାକାନ୍ତ ମାଝୀଙ୍କ ମୁଣ୍ଡ ଫାଟିଯାଇଛି । ଖବର ପାଇ ଜରପଡା ଥାନା ଅଧିକାରୀ ଓ ପୋଲିସ କର୍ମଚାରୀ ମାନେ ପହଁଚି ଆହତ ଦୁଇ ପୋଲିସ କର୍ମଚାରୀଙ୍କ ଚିକିତ୍ସା କରାଇବା ସହିତ ଘଟଣାର ଛାନବିନ ଚଳାଇଛନ୍ତି ଛ ପ୍ରାଥମିକ ତଦନ୍ତରୁ ମେଟା କମ୍ପାନୀର କିଛି କର୍ମଚାରୀ ମାଡ଼ ମାରିଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

## କଳିଙ୍ଗା ଘାଟିରୁ ହଟିଲା ବିପଦପୂର୍ଣ୍ଣ ପଥର

**ଘୁ. ଉଦୟଗିରି, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ**

କନ୍ଧମାଳ ଓ ଗଞ୍ଜାମ ଜିଲା ସିମାନ୍ତରେ ଥିବା କଳିଙ୍ଗା ଘାଟି ଭୁସ୍ଖଳନକୁ ଏକମାସ ୧୧ ଦିନ ବିତିଯାଇଥିଲେ ସୁଧା ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ । ଫଳରେ କନ୍ଧମାଳ ଜିଲ୍ଲା ସହ ଅନ୍ୟାନ୍ୟ ଜିଲ୍ଲାକୁ ଯାନବାହାନ ଚଳାଚଳ ବନ୍ଦ ରହିଛି । ଲୋକମାନେ ଏବେ ଅନ୍ୟରାସ୍ତା ଦେଇ ଯାତାୟତ କରୁଥିବାରୁ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ଅଧିକ ରାସ୍ତା ବୁଲି ଯାଉଥିବାରୁ ବହୁ ସମୟ ମଧ୍ୟ ଲାଗୁଛ । ଏସବୁକୁ ଦୃଷ୍ଟୀରେ ରଖି ଜାତୀୟ ରାଜପଥ ବିଭାଗ ଏବଂ ଉଭୟ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଘାଟି ରାସ୍ତା ଦେଇ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କାମ ସରିଥିବା ବେଳେ ବାଧକ ସାଜିଥିଲା ସେହି ଭୂସ୍ଖଳନ ସ୍ଥାନର ଉପର ମୁଣ୍ଡରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବଡ ବଡ ପଥର । ତେବେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପଥର ଗୁଡିକୁ ବ୍ଲାଷ୍ଟ କରାଯାଇଛି । ସାଇଡ ୱାଲ କାମ ସରିଲା ପରେ ଉକ୍ତ ରାସ୍ତା ଦେଇ ଯାତାୟତ ପୁଣି ଖୁବ ଶିଘ୍ର ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ଅନ୍ୟପଟେ କଳିଙ୍ଗା ଘାଟି ରାସ୍ତା ବନ୍ଦ ଥିବାରୁ ଅଞ୍ଚଳରେ ତାର ପ୍ରଭାବ ପଡିଥିବା ବେଳେ କଳିଙ୍ଗା ଓ ଦୁର୍ଗାପ୍ରସାଦର ହୋଟେଲ ବ୍ୟବସାୟ ଠପ ହୋଇଯାଇଛି ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୭ ଆହତ

**ବ୍ୟାସନଗର, ୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେତେ ଆନନ୍ଦରେ ବ୍ୟାସନଗର ପ୍ରସିଦ୍ଧ କାଳୀପୂଜା ଦେଖି ମା'ଙ୍କ ଆଶୀର୍ବାଦ ନେବାକୁ ଆସିଥିଲେ ପରିବାର ଲୋକେ ହେଲେ ବାଟରେ କାଳ ଜଗିଥିଲା ନେଇଗଲା ଜୀବନ । ଏଭଳି ଏକ ଘଟଣା ଘଟିଛି ଯାଜପୁର ଜିଲ୍ଲା କୋରେଇ ଥାନା ଖଣ୍ଡୁଆଳୀ ଛକରେ । କାଳୀପୂଜା ଦେଖିବାକୁ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ କୋରେଇ ବ୍ଲକ୍ ବଳଦିଆ ଅଂଚଳର କିଛି ଲୋକ ମେଳି ହୋଇ ଯାଜପୁର ରୋଡ଼ କାଳୀପୂଜା ଦେଖି ବାକୁ ଆସୁଥିବା ବେଳେ ନୂଆଗଡ ଗୋଲେଇ ନିକଟରେ ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ବଳଦିଆ ଗ୍ରାମର ମମତା ସାମଲ(୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ଆକାଶ ମଲ୍ଲିକ(୧୨), ଅଂଶୁ ଚୈଧୁରୀ(୧୫), ପିଙ୍କି ମାଝୀ(୧୪), କାଳିକା ସାମଲ(୬୬), ରାଜା ସାମଲ(୨୨), ତୁଳସୀ ମଲ୍ଲିକ (୩୬), ରୋଜି ମଲ୍ଲିକ (୧୭) ପ୍ରମୁଖ ଆହତ ହୋଇ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତେବେ ଅଂଶୁ ଚୌଧୁରୀ ଏବଂ ପିଙ୍କି ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇବା ସହିତ ଘଟଣାସ୍ଥଳରେ ପ୍ରକାଶ ପାଇଥିବା ଉତ୍ତେଜନା ରୋକିବାରେ ସକ୍ଷମ ହୋଇଛନ୍ତି ।

## ବୃଦ୍ଧାଙ୍କ ମୃତ୍ୟୁ ସନ୍ଦେହଜନକ

**ଫୁଲନଖରା, ୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ କାକଟପୁର ଶାଖା କେନାଲର ମୂଳକୋଦିଣ୍ଡାରୁ ଏକ ବୃଦ୍ଧାଙ୍କ ମୃତଦେହ କଟକ ସଦର ଥାନା ପୋଲିସ ଜବତ କରିଛି । ସେ ହେଲେ ନିକଟସ୍ଥ ଉଷୁମା ଗ୍ରାମର ବୁଲି ଭୋଇ(୭୫) । ମିଳିଥିବା ସୂଚନା ଅନୁଯାଇ ବୁଲିଙ୍କ ବିକୃତ ମସ୍ତିଷ୍କ ଥିବାରୁ ନିଜ ନିତ୍ୟକର୍ମ କିଛି କରିପାରୁନଥିଲେ । ତେଣୁ ସେ କିଛି ଦିନ ହେବ ବେଳେ ବେଳେ କେଉଁ ସ୍ଥାନକୁ ବୁଲି ପଳାଇଯାନ୍ତି ଏନେଇ ଘରଲୋକ ପ୍ରକାଶ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ କଟକ ସଦର ଥାନା ପୋଲିସ ପହଞ୍ଚି ବୁଲିର ମୃତ ଦେହକୁ ବ୍ୟବଛେଦ ପାଇଁ କଟକ ଏସିବି ମେଡିକାଲ ଆଣ୍ଡ ହସ୍ପିଟାଲ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବୃଦ୍ଧାଙ୍କ ମୃତ୍ୟୁଙ୍କୁ ନେଇ ସାଧାରଣରେ ସନ୍ଦେହ ସନ୍ଦେହ ସୃଷ୍ଟି ହୋଇଛି ।

## ଗୋ ଚାଲାଣର କେନ୍ଦ୍ରବିନ୍ଦୁ ସାଜିଛି କଙ୍କଡ଼ାହାଡ଼ ଅଞ୍ଚଳ

**ଢେଙ୍କାନାଳ, ୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳ ସାଜିଛି ଗୋ ମାଫିଆଙ୍କ କେନ୍ଦ୍ରବିନ୍ଦୁ । ଢେଙ୍କାନାଳର ଭୁବନ, ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକ ଗୁଡ଼ିକେର ଯେତେ ଗୋ ଚାଲାଣ ଚାଲୁଛି ତାହା ବଶେଷ କରି ଏହି ଅଞ୍ଚଳ ଦେଇ ଗୋ–ଚାଲାଣ ହୋଇ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟକୁ ଯାଉଛି । କଙ୍କଡ଼ାହାଡ଼ ଦେଇ କେନ୍ଦୁଝରର ଘାଟି ପବର୍ତମାଳା ମଧ ଦେଇ ଗୋ–ମାଫିଆମାନେ ଏହି ଚାଲାଣ କରିଆସୁଛନ୍ତି । ଏହି ଅଞ୍ଚଳ ପାହାଡ଼ ପର୍ବତ ଜଙ୍ଗଲ ଘେରରେ ରହିଥିବା ବେଳେ ଏହି ଦୁଇ ରାଜ୍ୟର କିଛି ମୁସଲିମ ବେପାରୀ ଅନନ୍ତପୁର ସଂରକ୍ଷଣ ଜଙ୍ଗଲ ଦେଇ ଆସିଥାନ୍ତି । ଏହି ଅଞ୍ଚଳରୁ କିଛି କୁଚକ୍ରାନ୍ତି ଲୋକଙ୍କୁ ଅଥର୍ର ପ୍ରଲୋଭନ ଦେଖାଇ ଗୁଣ୍ଡା ସାଜି ଗୋ ତସ୍କରୀ କରୁଥିବା ଦେଖିବାକୁ ମିଳିଛି । ବିଶେଷକରି କଙ୍କଡ଼ାହାଡ଼ କଣ୍ଟାପାଳ କଲୋନିରେ ଗୋ ମାଫିଆ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି । ଏହି ଅଞ୍ଚଳର କେଣ ଗ୍ରାମ ଚଉକିଆ ମାଫିଆମାନଙ୍କ ସହିତ କିଛି ଅର୍ଥପାଇ ପୋଲିସକୁ ଚକ୍ମା ଦେଇ ଗୋପନୀୟ ଭାବେ କେନ୍ଦୁଝର ଜିଲ୍ଲା ଅଞ୍ଚଳରେ ଗୋ ଚାଲାଣ ବେଳେ ଗାଡ଼ିକୁ ଛାଡୁଥିବା ଦେଖିବାକୁ ମିଳୁଛି । କିଛି ସାମ୍ବାଦିକ ଏହାର ବରୋଧ କରିବାରୁ ତାଙ୍କୁ ଜୀବନରୁ ମାରଦେବା ପାଇଁ ଧମକଚମକ ଦେବାରେ ମଧ ପଛାଉ ନାହାଁନ୍ତି ଗୋ–ମାଫିଆମାନଙ୍କ ହାତବାରିଶି ସାଜିଥିବା ଗ୍ରାମ ଚଉକିଆ । ପୁଲିସ ଡିପାର୍ଟମେଣ୍ଟରେ ରହି ଏହିପରି କର୍ମ କରିବା କେତେ ଦୂର ଠିକ । ଏହି କଥା ପ୍ରଘଟ ହେବା ପେର ଏହା ବୁଦ୍ଧିଜୀବୀ ମହଲରେ ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି ।

## ପୁରୀ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ୨୮ ଓ ୨୯ ବନ୍ଦ

**ଗୋପ, ୨୭।୧୦ : ଏକ୍ସପ୍ରେସ୍ ନ୍ୟୁଜ୍**

ସାମ୍ଭାବ୍ୟ ବାତ୍ୟାକୁ ଆଖିରେ ରଖି ଜିଲ୍ଲାପାଳ ପୁରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଦୟ ନିର୍ଦ୍ଦେଶ ଅନୁଯାୟୀ, ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ ପ୍ରକାରର ସ୍କୁଲ ୨୮ ଏବଂ ୨୯ ଅକ୍ଟୋବର ୨୦୨୫ରେ ବନ୍ଦ ରହିବ । ତଥାପି, ଶିକ୍ଷକମାନେ ସ୍କୁଲରେ ଯୋଗଦେବେ ଏବଂ ଆବଶ୍ୟକ ହେଲେ ବ୍ଲକ/ଜିଲ୍ଲା ପ୍ରଶାସନ ଏବଂ ପିଆରଆଇ ସଦସ୍ୟମାନଙ୍କୁ ଆବଶ୍ୟକୀୟ ସହଯୋଗ କରିବେ ।

### ଯାଜପୁର: ଐତିହ୍ୟ, ଶିଳ୍ପ ଓ ସଂସ୍କୃତିର ସଙ୍ଗମଭୂମି

# ଜିଲ୍ଲାର ଉନ୍ନତିକରଣ ଘୋଷଣା କାର୍ଯ୍ୟକାରୀ ହେବ କେବେ ?

**କଳିଙ୍ଗନଗର, ୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା– ଓଡିଶାର ୩୦ଟି ଜିଲ୍ଲା ମଧ୍ୟରେ ଯାଜପୁର ଏକ ବିଶିଷ୍ଟ ଓ ପ୍ରମୁଖ ଜିଲ୍ଲା, ଯାହାର ପ୍ରାଚୀନତା, ସାହିତ୍ୟ–ସଂସ୍କୃତି, ଶିଳ୍ପ–ଶୈଳୀ ଓ ଆଧୁନିକ ଶିଳ୍ପାୟନ ଦୁହିଁ ପାଇଁ ପରିଚିତ । ଏକପଟେ ପ୍ରାଚୀନ ଐତିହ୍ୟ, ମନ୍ଦିର, ବୌଦ୍ଧ–ଜୈନ ସ୍ଥାପତ୍ୟ ଅନ୍ୟପଟେ ଆଧୁନିକ ଶିଳ୍ପ, ଖଣିଜ ସମ୍ପଦ ଓ କାରଖାନା । ପ୍ରାୟ ୨,୯୦୦ ବର୍ଗ କିଲୋମିଟର ଅଞ୍ଚଳ ଫଳରେ ପ୍ରସାରିତ ଏହି ଜିଲ୍ଲାର ଜନସଂଖ୍ୟା ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଉତ୍ତରରେ କେନ୍ଦୁଝର, ପୂର୍ବରେ ଭଦ୍ରକ, ପଶ୍ଚିମରେ ଢ଼ଙ୍କାପଡ଼ା ଓ ଦକ୍ଷିଣରେ କଟକ ଜିଲ୍ଲା ଅବସ୍ଥିତ । ଉତ୍ତରରେ ବୈତରଣୀ, ବ୍ରାହ୍ମଣି ନଦୀ ଏହି ଜିଲ୍ଲାକୁ ଜଳ, ଜୀବନ ଓ ସଂସ୍କୃତିର ନଦୀରେ ବାନ୍ଧି ରଖିଛି । ପ୍ରାଚୀନ କାଳରେ ଯାଜପୁରକୁ ବିରଜା କ୍ଷେତ୍ର ଭାବେ ପରିଚିତ କରାଯାଉଥିଲା । ସୋମବଂଶୀ ରାଜବଂଶର ରାଜଧାନୀ ଥିଲା ଏଠା । ନାଭିଗୟ ଭାବେ ମଧ୍ୟ ଏହି ଅଞ୍ଚଳର ପବିତ୍ରତା ବର୍ଣ୍ଣିତ । ବିରଜା ମା' ମନ୍ଦିର– ଏହା ୧୮ଟି ଶକ୍ତିପୀଠ ମଧ୍ୟରୁ ଗୋଟିଏ, ଯେଉଁଠି ମା' ବିରଜାଙ୍କୁ ଦୁର୍ଗା ରୂପରେ ପୂଜା କରାଯାଏ । ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୁଏ । ବୌଦ୍ଧ ତ୍ରିଭୁଜ–ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ପୁରାତନ ସ୍ତୂପ ଓ ବିହାରଗୁଡ଼ିକ ବିଶ୍ୱସ୍ତରରେ ପର୍ଯ୍ୟଟକ, ଗବେଷକଙ୍କୁ ଆକର୍ଷଣ କରୁଛି । ଜୈନ ଓ ଶିବ ସ୍ଥାପତ୍ୟ– ଯାଜପୁରରେ ପ୍ରାଚୀନ ଜୈନ ମୂର୍ତ୍ତି, ପାଳ ବଂଶର ସମାଧି ଓ ଶିବ ମନ୍ଦିରଗୁଡ଼ିକ ଆଜିବି ସୁରକ୍ଷିତ । ଆଜିର ଯାଜପୁରର ପରିଚୟ କଳିଙ୍ଗନଗର । ଓଡିଶାର ଶିଳ୍ପ ରାଜଧାନୀ କଳିଙ୍ଗନଗରରେ ବର୍ତ୍ତମାନ ପ୍ରାୟ ୫୦ରୁ ଅଧିକ ଛୋଟ ବଡ଼ କାରଖାନା ଚାଲୁଅଛି । ସୁକିନ୍ଦାରେ କ୍ରୋମାଇଟ୍ ମାଇନିଙ୍ଗ ସ୍ଥାନୀୟ ଲୋକଙ୍କ ପାଇଁ ବଡ଼ ନିଯୁକ୍ତି ଉତ୍ସ ହୋଇଛି । ପ୍ରାୟ ୭,୦୦୦ ଲୋକ ପ୍ରତ୍ୟକ୍ଷ ଭାବେ ଖଣନ କାମରେ ନିଯୁକ୍ତ ଅଛନ୍ତି, ଯେତେବେଳେ ଲକ୍ଷାଧିକ ଲୋକ ପରୋକ୍ଷ ଭାବେ ବ୍ୟବସାୟ, ପରିବହନ ଓ ସେବାରେ ନିର୍ଭର କରୁଛନ୍ତି । କେତେକ ପ୍ରକଳ୍ପରୁ ମାତ୍ର ୧,୦୦୦ ଲୋକଙ୍କୁ ସିଧା ଚାକିରି ଓ ୪,୦୦୦ ପରୋକ୍ଷ ରୂପେ ଲାଭ ପାଉଥିବା ତଥ୍ୟ ମିଳିଛି । ସୁକିନ୍ଦା ମାଇନିଂ ଆଜି ସ୍ଥାନୀୟ ଆର୍ଥିକତାର ଏକ ମୁଖ୍ୟ ଆଧାର । କେବଳ ଶିଳ୍ପ ନୁହେଁ, ସୁକିନ୍ଦା କ୍ରୋମିଟ ଖଣି – ବିଶ୍ୱର ସବୁଠୁ ବଡ଼ କ୍ରୋମିଟ ଆଭାର– ଏଠାରେ ୯୬% ଉନ୍ନତମାନର କ୍ରୋମାଇଟ ଅଛି । ଏହା ରାଜ୍ୟ ଓ ଦେଶର ଅର୍ଥନୀତିକୁ ବଡ଼ ସମର୍ଥନ ଦେଉଛି । ହେଲେ, ଶିଳ୍ପାୟନ ସହିତ ପରିବେଶ ପ୍ରଦୂଷଣ, ଜମି–ଜୀବିକା ସମସ୍ୟା, ଚାଷୀ–ଶ୍ରମିକ ଅସନ୍ତୋଷ ଭଳି ବିବାଦ ମଧ୍ୟ ସୃଷ୍ଟି ହେଉଛି । ୨୦୦୬ ମସିହାର କଳିଙ୍ଗନଗର ଗୁଳିକାଣ୍ଡ ଏହାର ଏକ ଦୁଃଖଦ ପୃଷ୍ଠା ।









ଶିଳ୍ପାୟନରେ ଯାଜପୁରର ଅଗ୍ରଣୀ ପଦକ୍ଷେପ ଥିଲେ ମଧ୍ୟ, କୃଷି ଆଜିବି ଏଠିର ମୁଖ୍ୟ ଜୀବନରେଖା । ଧାନ – ପ୍ରାଧାନ୍ୟ କୃଷି ହୋଇଥିଲେ ବି ବିରି, ମୁଗ, ବାଦାମ ଓ ପନିପରିବା– ଅର୍ଥନୀତିକୁ ସହାୟ ହୁଏଛବୈତରଣୀ ନଦୀର ସିଚାଇ ପ୍ରକଳ୍ପ – ଚାଷୀମାନଙ୍କୁ ସୁବିଧାମାଛ ଚାଷ– ବୈତରଣୀ, ବ୍ରହ୍ମଣି ଓ ପୋଖରୀଗୁଡ଼ିକ ମାଛ ଉତ୍ପାଦନରେ ଉଲ୍ଲେଖନୀୟ । ଯାଜପୁରକୁ ପର୍ଯ୍ୟଟନର ହବ ବୋଲି କୁହାଯାଏ କାରଣ ଏଠାରେ ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ସ୍ଥଳଗୁଡ଼ିକ ଅନେକ ଅଛି । ବୌଦ୍ଧ ତ୍ରିଭୁଜ– ରତ୍ନଗିରି, ଉଦୟଗିରି ଓ ଲଳିତଗିରି– ଏଠାର ସବୁଠାରୁ ପ୍ରସିଦ୍ଧ ସ୍ଥାନ, ଯେଉଁଠି ପୁରୁଣା ବୌଦ୍ଧ ବିହାର ଓ ସ୍ତୂପର ଅବଶେଷ ମିଳିଥାଏ । ଏହି ସ୍ଥାନଗୁଡ଼ିକୁ ଦେଖିବାକୁ ଦେଶରୁ ଓ ବିଦେଶରୁ ପର୍ଯ୍ୟଟକ ଆସନ୍ତି । ସେଥିପାଇଁ ଯାଜପୁରକୁ ଓଡିଶାର ପର୍ଯ୍ୟଟନର ଏକ ବିଶେଷ କେନ୍ଦ୍ର ବୋଲି ଗଣାଯାଏ । ରାଜ୍ୟ ଓ ଦେଶର ଅର୍ଥନୀତିରେ ଯୋଗଦାନ ରହିଛ । ଯାଜପୁରକୁ ଧର୍ମୀୟ ଓ ସାଂସ୍କୃତିକ ପର୍ଯ୍ୟଟନର ମୁଖ୍ୟ କେନ୍ଦ୍ର ଭାବରେ ପରିଚିତ କରାଯାଏ । ଏଠାରେ ବିରଜା ମା' ମନ୍ଦିର, ବୈତରଣୀ ନଦୀ ପାଶରେ ଦାଶଶ୍ୱମେଧ ଘାଟ, ଯମ ମା' ସାତଭଉଣୀ ମନ୍ଦିର, କୁଆଖିଆର ଗଣେଶ ମନ୍ଦିର, ଗୋଖେନଶ୍ୱର ମନ୍ଦିର, ଯଖପୁରାର ବିଶ୍ୱସାର ବାଗେଇ ଶିବ ମନ୍ଦିର, ରାମ ମନ୍ଦିର, ଶଙ୍ଖାଚିଲାର ହେଙ୍ଗୁଳା ମନ୍ଦିର, କାତରପୁରାର ଦକ୍ଷିଣକାଳୀ ମନ୍ଦିର, ନାଗାଳିର ପୁରାତନ ସ୍ଥାପତ୍ୟ, ଓଳାଶୁଣୀ ଗୁମ୍ଫା ଓ ଚଣ୍ଡିଖୋଲର ମହାବିନାୟକ ମନ୍ଦିର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ ପ୍ରତ୍ୟେକ ସ୍ଥାନରେ ଦେବୀ–ଦେବତାଙ୍କର ମନୋହର ପ୍ରତିଷ୍ଠା ଓ ଐତିହ୍ୟବାହି ସ୍ଥାପତ୍ୟ କଳାର ଦ୍ରଶ୍ୟ ଦେଖିବାକୁ ମିଳେ । ଏହି କାରଣରୁ ଯାଜପୁରକୁ ମନ୍ଦିର ମାଳିନୀ ବି କୁହାଯାଏ । ପର୍ଯ୍ୟଟନ ବିଭାଗର ତଥ୍ୟ ଅନୁସାରେ, ପ୍ରତିବର୍ଷ ଦେଶ–ବିଦେଶରୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଏହି ପବିତ୍ର ଭୂମିକୁ ଦର୍ଶନ କରିବାକୁ ଆସନ୍ତି । ଯାଜପୁର ଜିଲ୍ଲାରେ ରାସ୍ତାଘାଟର ଉନ୍ନତି କରଣ ଅଭାବ ଖାଲଖମା, ବଡ଼ ବଡ଼ ଗାଡ଼, ରାସ୍ତା ଉପରେ ପାଣି, ଡ୍ରେନେଜ ନାହିଁ, ଟ୍ରାଫିକ ସମସ୍ୟା, ପର୍କିଙ୍ଗ ସମସ୍ୟା, ଦୁର୍ଘଟଣା ଜୋନ, ଉପରେ କେନ୍ଦ୍ର ସରକାର ଧ୍ୟାନ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି ପରିବେଶ ପ୍ରଦୂଷଣ– କାରଖାନାର କୋଇଲା– କେମିକାଲ ପ୍ରଭାବରେ ଧାନ ଫସଲ ନଷ୍ଟ, ପାଣି ପ୍ରଦୂଷିତ । ବେକାରି– ଶିଳ୍ପାୟନ ସତ୍ତ୍ୱେ ସ୍ଥାନୀୟ ଯୁବମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ନମିଳିବା । ପାଥେୟ ସମସ୍ୟା– ଅନେକ ଗ୍ରାମରେ ରାସ୍ତା–ପାଣି–ବିଜୁଳି ସୁବିଧାର ଅଭାବ । ସଂସ୍କୃତିକ ସ୍ଥଳ ସୁରକ୍ଷା– ବୌଦ୍ଧ ସ୍ତୂପ ଓ ପୁରାତନ ମନ୍ଦିରଗୁଡ଼ିକର ପୁନରୁଦ୍ଧାରରେ ଅବହେଳା । ଏପରି କିଛି ସମସ୍ୟା ଉପରେ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଯାଜପୁର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

: ଏବେ ଧାନ ପାଚିଆସିବାର ସମୟ । ପବନର ବେଗ ଏବଂ ବର୍ଷାର ପରିମାଣ ବଢ଼ିଲେ ଏହା ନିଶ୍ଚିତ ଭାବରେ ଧାନଚାଷକୁ କ୍ଷତିଗ୍ରସ୍ତ କରାଇବ। ଠିକ୍ ଅମଳ ପୂର୍ବରୁ ଝଡ଼ବର୍ଷା ହେଲେ ଧାନ ଗଛରେ ଅଗାଡ଼ି ପରିମାଣ ନିଶ୍ଚତ ଭାବରେ ବଢ଼ିବ । ଯେଉଁସବୁ ଜିଲ୍ଲାରେ ଧାନ ପାଚି ଆସିଥିଲା ଏବଂ ପାଣିପାଗ ଭଲ ରହିଥିଲେ ଚାଷୀମାନେ ଆଉ କିଛିଦିନ ଅପେକ୍ଷା କରିଥାନ୍ତେ ଧାନ କାଟିବାକୁ, ସେମାନେ ବାତ୍ୟା ଭୟରେ ଅନେକ ଜାଗାରେ ଦରପାଚିଲା ଧାନକୁ ମଧ୍ୟ ପ୍ରାଣ ବିକଳରେ କାଟି ପକାଇଛନ୍ତି । ଏସବୁ ଧାନକୁ ମଣ୍ଡିରେ ବିକ୍ରି କରିବା ସମୟରେ ନିଶ୍ଚିତ ଭାବରେ ଚାଷୀମାନେ କଟ୍‌ନି ଛଟ୍‌ନିର ଅତ୍ୟଧିକ ଶିକାର ହେବା ସୁନିଶ୍ଚିତ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୮ ଅକ୍ଟୋବର, ୨୦୨୫ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍

## ବାତ୍ୟା ପରବର୍ତ୍ତୀ ମୁକାବିଲା ଅଧିକ ଗୁରୁତ୍ୱପୂର୍ଣ୍ଣ

**ବା**ତ୍ୟା 'ମନ୍ଥା' ଯେତେ ପାଖେଇ ଆସୁଛି ଲୋକଙ୍କ ମନରେ ଆତଙ୍କ ସେତିକି ବଢ଼ୁଛି । ସୋମବାରଠାରୁ ପାଗ ବଦଳିଯାଇଛି । ବାତ୍ୟା ଆସିବାର ଆଭାସ ମିଳିଗଲାଣି । ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ୨୮ ତାରିଖ ସନ୍ଧ୍ୟା କିମ୍ବା ରାତିରେ କାକିନାଡ଼ା ପାଖାପାଖି ମଛଲିପଟନମ୍ ଓ କଳିଙ୍ଗପଟନମ୍ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ ଏ ବାତ୍ୟା । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ୯୦ରୁ ୧୦୦ କିଲୋମିଟର ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୧୧୦ କିଲୋମିଟର ମଧ୍ୟ ହୋଇପାରେ ।

ବାତ୍ୟା 'ମନ୍ଥା' ସିଧାସଳଖ ଆମ ରାଜ୍ୟକୁ ନ ଛୁଇଁଲେ ମଧ୍ୟ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବାତ୍ୟା ପ୍ରଭାବରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଏବଂ ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ା ଏସବୁ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

ଯଦି ବାତ୍ୟା 'ମନ୍ଥା' ତା'ର ଗତିପଥ ବଦଳାଇ ଓଡ଼ିଶା ଆଡ଼କୁ ସାମାନ୍ୟ ମୁହାଁଏ ତା'ହେଲେ ମଧ୍ୟ ପବନର ବେଗ ଏବଂ ବର୍ଷା ଅଧିକ ହୋଇପାରେ ।

ଏବେ ଧାନ ପାଚିଆସିବାର ସମୟ । ପବନର ବେଗ ଏବଂ ବର୍ଷାର ପରିମାଣ ବଢ଼ିଲେ ଏହା ନିଶ୍ଚିତ ଭାବରେ ଧାନଚାଷକୁ କ୍ଷତିଗ୍ରସ୍ତ କରାଇବ। ଠିକ୍ ଅମଳ ପୂର୍ବରୁ ଝଡ଼ବର୍ଷା ହେଲେ ଧାନ ଗଛରେ ଅଗାଡ଼ି ପରିମାଣ ନିଶ୍ଚତ ଭାବରେ ବଢ଼ିବ । ଯେଉଁସବୁ ଜିଲ୍ଲାରେ ଧାନ ପାଚି ଆସିଥିଲା ଏବଂ ପାଣିପାଗ ଭଲ ରହିଥିଲେ ଚାଷୀମାନେ ଆଉ କିଛିଦିନ ଅପେକ୍ଷା କରିଥାନ୍ତେ ଧାନ କାଟିବାକୁ, ସେମାନେ ବାତ୍ୟା ଭୟରେ ଅନେକ ଜାଗାରେ ଦରପାଚିଲା ଧାନକୁ ମଧ୍ୟ ପ୍ରାଣ ବିକଳରେ କାଟି ପକାଇଛନ୍ତି । ଏସବୁ ଧାନକୁ ମଣ୍ଡିରେ ବିକ୍ରି କରିବା ସମୟରେ ନିଶ୍ଚିତ ଭାବରେ ଚାଷୀମାନେ କଟ୍‌ନି ଛଟ୍‌ନିର ଅତ୍ୟଧିକ ଶିକାର ହେବା ସୁନିଶ୍ଚିତ । ତେଣୁ ବାତ୍ୟା 'ମନ୍ଥା' ଚାଷୀମାନଙ୍କ ପାଇଁ ଏକ ଦୁର୍ଯୋଗ ବୋଲି କହିବାକୁ ପଡ଼ିବ । ଏବେ କୋବି ଅମଳର ସମୟ। ବର୍ଷା ହେଲେ କୋବି ଚାଷ ଏବଂ ପରିବା ଚାଷ ମଧ୍ୟ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବ, ଏହା ଫଳରେ ବାତ୍ୟା ପରବର୍ତ୍ତୀ ସମୟରେ ବଜାର ଦର ନିଶ୍ଚିତ ଭାବରେ ଉପରମୁହାଁ ଯେ ହେବ ଏଥିରେ ସନ୍ଦେହ ନାହିଁ ।

ଆଉ ଏକ ବଡ଼ ସମସ୍ୟା ହେଲା ଯଦି ବାତ୍ୟା ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାଘାତ ହୁଏ ତା'ହେଲେ ଏହା କେତେ ଶୀଘ୍ର ସଜଡ଼ା ଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । ଯେହେତୁ ଆମ ରାଜ୍ୟ ଏକ ବାତ୍ୟା ପ୍ରବଣ ରାଜ୍ୟ ସେଇ କାରଣରୁ ବାତ୍ୟା ହେଲେ ବିଦ୍ୟୁତ୍ ସେବା କିଭଳି ନିରବଚ୍ଛିନ୍ନ ରହିବ ସେଦିଗରେ ଅନେକ ଯୋଜନା କରାଯାଇଛି । ଖୋଦ୍ ଭୁବନେଶ୍ୱରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଲୋକଙ୍କୁ ଯୋଗାଇଦେବା ପାଇଁ କେବୁଲର ବ୍ୟବସ୍ଥା କରାଯାଇଛି । ମାଟି ତଳେ ବିଦ୍ୟୁତ୍ କେବୁଲ ବିଛା ଯାଇଛି । ତଥାପି ସାମାନ୍ୟ ପବନରେ ମଧ୍ୟ ବିଦ୍ୟୁତ୍ ଚାଲିଯାଏ ଭୁବନେଶ୍ୱରରେ, ତେଣୁ ଅନ୍ୟାନ୍ୟ ସହର କଥା ଆମେ କ'ଣ କହିବା? ଏଇ କାରଣରୁ ବିଦ୍ୟୁତ୍ ସେବାର ଘରୋଇକରଣ କରାଯିବା ସମୟରେ ଘରୋଇ କମ୍ପାନୀ କିଭଳି ବାତ୍ୟାର ମୁକାବିଲା କରିପାରିବ ଏବଂ ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ପାରିବ ସେ ଦିଗକୁ ଗୁରୁତ୍ୱ ଦିଆଯିବା ଉଚିତ୍ ଥିଲା । କିନ୍ତୁ ଅତୀତରେ ଯେତୋଟି ବଡ଼ ବଡ଼ ବାତ୍ୟା ଆସିଛି ସେଥିରେ ବିଦ୍ୟୁତ୍ ସେବା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ସମୟ ଲାଗିଛି ଏହାକୁ ସ୍ୱାଭାବିକ କରିବା ପାଇଁ । ତେଣୁ ନୂଆ ସରକାର ଏ ଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ଆଉ ଏକ ସମସ୍ୟା ଦେଖାଦେଇପାରେ ଯୋଗାଯୋଗ ଏବଂ ରାସ୍ତାଘାଟ ପୁନର୍ଗଠନର। ଯଦି ଦୈବାତ ପବନ-ବର୍ଷାରେ ରାସ୍ତାଘାଟର କ୍ଷୟକ୍ଷତି ଘଟେ ତା'ହେଲେ ତାକୁ କେତେଶୀଘ୍ର ପୁଣି ସଜଡ଼ା ଯାଇପାରିବ ସେ ଦିଗଟି ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ବାତ୍ୟା ପୂର୍ବବର୍ତ୍ତୀ ପ୍ରସ୍ତୁତି ଠାରୁ ପରବର୍ତ୍ତୀ ମୁକାବିଲା ଅଧିକ ଗୁରୁତ୍ୱପୂର୍ଣ୍ଣ ।

# ଯିଏ ନିଜର ଅତୀତକୁ ଭୁଲି ଯାଆନ୍ତି...



## ତୁଷମ୍ ଇବ ମନ୍ଥନମ୍-ଚକ୍ଷୁକୁଟା କାମ

■ ତୁଷାରକାନ୍ତ

ଏବେ କେନ୍ଦ୍ରରେ ରେଳ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଥିବା ଅଶ୍ୱିନୀ ବୈଷ୍ଣବ ମହାଶୟ ମୂଳତଃ ରାଜସ୍ଥାନର ବାସିନ୍ଦା ହୋଇଥିଲେ ମଧ୍ୟ, ସେ ୧୯୯୪ ମସିହାରେ ସେ ଓଡ଼ିଶା କୋଟାର ଏଆଇଏସ୍ ହୋଇ ଏଠାରେ ଅବସ୍ଥାପିତ ହୋଇଥିଲେ । ପେନସନ ପାଇବାପାଇଁ ଯୋଗ୍ୟତା ହାସଲ କରିବାକୁ ଅତିକମରେ ୨୦ ବର୍ଷ ପାଇଁ ଚାକିରି କରିବାର ଆବଶ୍ୟକତା ଥିଲେ ମଧ୍ୟ, ସେ ତା' ପୂର୍ବରୁ ୨୦୧୦ ମସିହାରେ ଆଇଏଏସ୍ ଚାକିରି ଛାଡ଼ି ଘରୋଇ ବ୍ୟବସାୟିକ ସଂସ୍ଥାରେ ଯୋଗ ଦେଇଥିଲେ ।

ଶ୍ରୀ ବୈଷ୍ଣବଜୀ, ତା୨୮.୬.୨୦୧୯ ରିଖରେ ଓଡ଼ିଶାରୁ ବିଜେପିର ରାଜ୍ୟସଭାର ସଦସ୍ୟ ରୂପେ ମନୋନୀତ ହେବା ପୂର୍ବରୁ, ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାଶୟ ତାଙ୍କୁ ବିଜେଡ଼ିର ରାଜ୍ୟସଭା ସଦସ୍ୟ ପ୍ରାର୍ଥୀରୂପେ ମନୋନୀତ କରିଥିଲେ ମଧ୍ୟ, ସେ ହଠାତ୍ ବିଜେପିର ପ୍ରାର୍ଥୀ ହୋଇଥିଲେ ଓ ବିଜେଡି ସମର୍ଥନରେ ଜିତିବାପରେ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ ।

ପୁନଃଶ୍ଚ, ଦ୍ୱିତୀୟଥର ପାଇଁ ସେ ବିଜେଡ଼ିର ସମର୍ଥନରେ ତା୧୮.୦୨. ୨୦୨୫ ରିଖରେ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭା ପାଇଁ ଜିତାପଟ ହାସଲକରି, କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିଏର ମନ୍ତ୍ରୀ ରହିଛନ୍ତି ।

୨୦୧୯ ମସିହାରେ ଅଶ୍ୱିନୀ ବୈଷ୍ଣବଙ୍କ କ୍ଷେତ୍ରରେ ଘଟିଥିବା ଘଟଣାଟି ଏବେ ପୁଣି କଡ଼ ଲେଉଟାଇଛି । ୨୦୨୪ ମସିହାରେ ହୋଇଥିବା ଓଡ଼ିଶା ବିଧାନସଭା ନିର୍ବାଚନରେ ନୂଆପଡା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ଟିକେଟରେ ନିର୍ବାଚିତ ରାଜେନ୍ଦ୍ର ଢୋଲାକିଆଙ୍କର ତା୮.୯.୨୦୨୫ରିଖରେ ମୃତ୍ୟୁପରେ, ସେଠାରେ ହେବାକୁ ଥିବା ଉପ-ନିର୍ବାଚନରେ, ତାଙ୍କ ପୁଅ ଜୟ ଢୋଲାକିଆ ପ୍ରାର୍ଥୀ ହେବେ ବୋଲି ବିଜେଡି ତରଫରୁ ଯୋଜନା କରାଯାଇଥିଲା ବାବଦରେ ସାମାଜିକ ଗଣମାଧ୍ୟମ 'ଫେସବୁକ'ରୁ ପଢ଼ି, ସେହିଦିନ ହିଁ ମୁଁ ଆଶଙ୍କା ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ଲେଖିଥିଲି, 'ଯଦି ଜୟ ଢୋଲାକିଆ ବିଜେପିରେ ଯୋଗଦାନ ନ କରନ୍ତି ତେବେ ବିଜେଡିର ପ୍ରାର୍ଥୀ ହେବେ' ।

ତା୧୨.୧୦.୨୦୨୫ରିଖର THE TIMS OF INDIA ଭଳି ଗୋଟିଏ ସର୍ବଭାରତୀୟ ଆଗଧାଡ଼ିର ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦଟିଏଥିଲା' ଜୟ ଢୋଲାକିଆ ବିଜେପିରେ ଯୋଗଦାନ କରିପାରନ୍ତି ।

ଏହାପରେ ଜୟ ଢୋଲାକିଆ ବିଜେପିରେ ଯୋଗଦାନ କରି, ନୂଆପଡା ବିଧାନସଭା ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଅବଶ୍ୟ ବିଜେଡ଼ିରୁ ପ୍ରାର୍ଥୀ ହୋଇଥିଲେ ଯେଉଁ 'ପରିବାରବାଦ ଆରୋପ' ଲାଗିଥାଆନ୍ତା, ତାହା ସେ ବିଜେପିର ପ୍ରାର୍ଥୀ ହେବାରୁ ଆଉ ପ୍ରଯୁଜ୍ୟ ନୁହେଁ ।

୨୦୧୯ ମସିହାରେ ନବୀନ ପଟ୍ଟନାୟକ ଯେଉଁ ପରିସ୍ଥିତିରେ ଶ୍ରୀ ବୈଷ୍ଣବ ମହାଶୟଙ୍କୁ ସମର୍ଥନ କରିଥିଲେ, ଏବେ ଆପାତତଃ ସେହିପରି ପରିସ୍ଥିତି ଉପୁଜିଥିବାରୁ, ସେ (ନବୀନଜୀ) ବିଜେପିର ପ୍ରାର୍ଥୀ ଜୟ ଢୋଲାକିଆ ମହାଶୟଙ୍କୁ ସମର୍ଥନ କରିବା ଉଚିତ ।

Association for Democratic Reforms (ADR) ସଂସ୍ଥା ତରଫରୁ '୨୦୨୪ ଲୋକସଭା ନିର୍ବାଚନରେ ଭାଗନେଇଥିବା ପ୍ରାର୍ଥୀମାନଙ୍କ ଆଫିଡେଭିଟ ଗୁଡ଼ିକର ତର୍ଜମା'ରୁ ଜଣାପଡିଛି ଯେ, 'ବିଭିନ୍ନ Criminal (Ordinary Serious Heinous) ଦଫାରେ ଅଭିଯୁକ୍ତ ପ୍ରାର୍ଥୀମାନଙ୍କ ଜିତିବାର ସମ୍ଭାବନା ୧୫.୩% ରହିଥିବା ସ୍ଥଳେ ନିଷ୍କଳଙ୍କ ପ୍ରାର୍ଥୀମାନଙ୍କର ଜିତିବାର ସମ୍ଭାବନା ହାର ମାତ୍ର ୪.୪%' ।

ADR ସଂସ୍ଥାଟି ତରଫରୁ ଏପରି ସବୁ କରାଉଥିବା ପ୍ରଫେସର ଜଗଦୀପ ଛୋକ୍କର ମହାଶୟ ଆଉ ନାହାନ୍ତି ।

ତେଣୁ, ନଭେମ୍ବର ୧୪ ତାରିଖରେ ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାପରେ, ସଂସ୍ଥାଟି ତରଫରୁ ଏଭଳି ତର୍ଜମା ହେବ କି ନାହିଁ କେଜାଣି! ତେବେ ସେଠାର ସମସ୍ତ ବାହୁବଳୀ ବା ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ବିଭିନ୍ନ ଦଳଗୁଡ଼ିକ ତରଫରୁ ଟିକେଟ ଦିଆଯାଇଛି ବୋଲି ଗଣମାଧ୍ୟମ ତରଫରୁ ଜାଣିବାକୁ ମିଳୁଛି ।

ବର୍ତ୍ତମାନର ସେହି ଗଣମାଧ୍ୟମ ବାବଦରେ ସମ୍ୟକ ଆଲୋଚନା:- ଭାରତୀୟ ଗଣମାଧ୍ୟମ ଜଗତର ଭୀଷ୍ମପିତାମହ ତଥା The Indian Express ଗ୍ରୁପର ଏକଦା ସର୍ବେସର୍ବା ରହିଥିବା ରାମନାଥ ଗୋଏଙ୍କାଙ୍କୁ (୩.୪.୧୯୦୪ ରୁ ୫.୧୦.୧୯୯୧) ଜଣେ ମନ୍ତ୍ରୀ 'ଆପଣଙ୍କ ଏହି ସାମ୍ବାଦିକ ଭଲ କାମ କରୁଛନ୍ତି' କରୁଛନ୍ତି ବୋଲି କୁହନ୍ତେ, ସେ ସେହି ସାମ୍ବାଦିକଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ, ଯେହେତୁ ଗଣମାଧ୍ୟମର ଦାୟିତ୍ୱ ହେଉଛି, 'ସରକାରଙ୍କ ଭୁଲଭଟକାକୁ ଖୋଜି ସମାଲୋଚନା କରିବା ଓ ପ୍ରଶ୍ନ ପଚାରିବା, ସରକାରଙ୍କ ତରଫରୁ ପ୍ରଶଂସା ଶୁଣିବାକୁ ନୁହେଁ' । ଅଥଚ, ତା୧୭/ ୧୮.୩.୨୦୨୩ରିଖରେ ନୂଆଦିଲ୍ଲୀର 'ତାଜ ପ୍ୟାଲେସ ହୋଟେଲ'ରେ 'India Today Media Group'ର ଦୁଇଦିନିଆ ବାର୍ଷିକ ସମ୍ମିଳନୀରେ ଏକଦା ମଞ୍ଚରେ ଏକୁଟିଆ ଉପସ୍ଥିତ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦିଜୀଙ୍କୁ, ସଂସ୍ଥାର ମାଲିକ ଅରୁଣ ପୁରୀ ସ୍ୱାଗତ ଜଣାଇ କହିଥିଲେ, 'ପୂର୍ବତନ ସରକାରଗୁଡ଼ିକରେ ଗଣମାଧ୍ୟମଗୁଡ଼ିକୁ ମିଳୁଥିବା ତଥ୍ୟ ଆପଣଙ୍କ ଶାସନରେ ମିଳୁନଥିବାରୁ, ଗଣମାଧ୍ୟମଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଏ ରାଷ୍ଟ୍ରପତି/ମୁଖ୍ୟମନ୍ତ୍ରୀ/ମନ୍ତ୍ରୀ ଇତ୍ୟାଦି ହେବେ, ଆଗରୁ ତାହାର କିଛି ସୂଚନା ମିଳୁନାହିଁ' ।

ସେ ପୁନଃଶ୍ଚ କହିଥିଲେ ଯେ 'ମୁଁ ଏଭଳି କହୁଥିବାରୁ ଆପଣ ମୋର ଧୃଷ୍ଟତାକୁ କ୍ଷମା କରିବେ (ଗୁସ୍ତାଖି ମାଫ୍) ମହାଶୟ । ମୁଁ (ଶ୍ରୀ ପୁରୀ) ଭାବୁଛି ଯେ ଆପଣ 'ଅରୁଣଭାଇ, ମୁଁ (ମୋଦିଜୀ) ଆପଣଙ୍କ ଦୋକାନ କାହିଁକି ଚଳେଇବି' ଭଳି କଥାଟିଏ କହିବେ' । ଆମେ ହୁଏତ ଆପଣଙ୍କର LUCKY CHARMS (An object or person that is thought to bring good luck.) ହୋଇପାରୁ । ଆସନ୍ତା ୨୦୨୪ ମସିହାର ଲୋକସଭା ନିର୍ବାଚନରେ ଆପଣ ପୁନର୍ବାର ବିଜୟ ଲାଭକରି, ପୁଣି ଆମର ଏଭଳି ସମ୍ମିଳନୀରେ ଯେ ଉଦବୋଧନ ଦେବେ, ତାହା ନିଶ୍ଚିତ । ମହାଶୟ,ଏହି ସମ୍ମିଳନୀର ଡାକରା ହେଉଛି 'ଭାରତର କ୍ଷଣ' ଏବଂ ଆପଣ ହେଉଛନ୍ତି, 'ଏହିକ୍ଷଣର ଯୁଗପୁରୁଷ' । (Sir, may be, we are your LUCKY CHARMS. P.Mji, this conclave is on India Moment. Just to be sure, you are the man of the moment. ଏହାପରେ, ମୋଦିଜୀ, ତାଙ୍କ ଭାଷଣର ପ୍ରାରମ୍ଭରେ କହିଥିଲେ 'ଆଜିପାଇଁ ମୁଁ ଆପଣଙ୍କ ଦୋକାନକୁ ଚଳେଇ ଦେଉଛି' ।

ଆମେରିକାର ତୃତୀୟ ରାଷ୍ଟ୍ରପତି ମିଷ୍ଟର ଥୋମାସ ଜେଫରସନ ଏକଦା କହିଥିଲେ, 'ଯେମିତି ପ୍ରଜାଙ୍କୁ ସେମିତି ରାଜା- The government you elect is the government you deserve', ଅର୍ଥାତ, 'ଗୋଟିଏ ସରକାରର 'ଗୁଣବତ୍ତା ଓ ଚରିତ୍ର', ସେଠାର 'ନାଗରିକମାନଙ୍କ ଜୀବନର ମୂଲ୍ୟବୋଧ, ଇଚ୍ଛା ତଥା କାର୍ଯ୍ୟାକଳାପ' ଆଧାରରେ ନିୟନ୍ତ୍ରିତ ହୋଇଥାଏ । ନାଗରିକ ଯଦି 'ସ୍ୱ-ସନ୍ତୁଷ୍ଟ, ସୂଚନା ରହିତ' ଅବସ୍ଥାରେ ରହି 'ସୁ-ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରଚଳନ'ରେ ଭାଗ ନିଅନ୍ତି ନାହିଁ, ତେବେ ସେମାନେ ଏଭଳି ଏକ ସରକାର ବାଛନ୍ତି, ଯିଏ ନାଗରିକଙ୍କ ସମସ୍ୟାଗୁଡ଼ିକ ପ୍ରତି ଉଦାସୀନ ରୁହନ୍ତି । ପ୍ରକାରାନ୍ତରେ, ନାଗରିକମାନେ ଯଦି 'କର୍ମଚଞ୍ଚଳ ଓ ସୂଚନାପ୍ରାପ୍ତ' ହୋଇ ସରକାରଙ୍କଠାରୁ 'ଉତ୍ତରଦାୟିତ୍ୱ ତା' ଦାବି କରନ୍ତି, ତେବେ ସରକାର ସେମାନଙ୍କର (ନାଗରିକମାନଙ୍କର)ଆଶା ଓ ଆକାଂକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ଚେଷ୍ଟା କରନ୍ତି ।'

ଗତ ୨୦ ତାରିଖରେ ସମଗ୍ର ପୃଥିବୀରେ ଦୀପାବଳୀ ଉତ୍ସବ ପାଳିତ ହୋଇଯାଇଛି । 'ବୃହଦାରଣ୍ୟକ ଉପନିଷଦ'ରେଥିବା ସଂସ୍କୃତ ଶ୍ଳୋକଟିର (୧) 'ମୋତେ ଅସତ୍ୟପଥରୁ ସତ୍ୟପଥଆଡ଼କୁ ନେଇ ଚାଲନ୍ତୁ' ଭଳି ପ୍ରାର୍ଥନା ବାସ୍ତବିକ ଜୀବନରେ ଆଉ କେହି କରୁନାହାନ୍ତି, ଯେହେତୁ ସତ୍ୟପଥରେ ରହିଲେ ଆଗକୁ ପାଦେ ବି ଚାଲିବା ବିପଦପୂର୍ଣ୍ଣ । ଏବେ କେବଳ ଅସତ୍ୟର ହିଁ ଜୟ ଓ ମହାତ୍ମାଗାନ୍ଧୀଙ୍କ ଆତ୍ମଜୀବନୀ My Experiments with truth is now a misnomer (ଭୁଲ) । ଯେଉଁଠି, ପୃଥିବୀର ସର୍ବଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଣ୍ଡ ଖୋଲିଲେ ମାତ୍ରେ ଅସତ୍ୟ, ଧମକ, ଅସଭ୍ୟଭାଷାର ଉଦଗୀରଣ, ସେଠାରେ ତୁଇଁ ତୁଇଁ ରାଷ୍ଟ୍ରମୁଖ୍ୟମାନଙ୍କ ବାବଦରେ କାହିଁକି ଅବା ଚିନ୍ତା କରିବା!

(୨) 'ମୋତେ ଅନ୍ଧକାରରୁ ଆଲୋକକୁ ନିଅନ୍ତୁ' ଭଳି ପ୍ରାର୍ଥନାର ଫଳ ହେଉଛି, ମିଷ୍ଟର ଟ୍ରମ୍ପଙ୍କ ଏକଛତ୍ରବାଦୀ, ଫାସିଷ୍ଟ ଶାସନ ବିରୁଦ୍ଧରେ ଆମେରିକାର ବିଭିନ୍ନ ସହରରେ ଲକ୍ଷ ଲକ୍ଷ ଲୋକଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସେ ତାଚ୍ଛଲ୍ୟକରି, Artificial Intelligence ଜରିଆରେ ନିଜକୁ Superman ଚରିତ୍ରରେ ସଜେଇ ତଥା ବିମାନଚାଳକ ହୋଇ ସେହି ଆନ୍ଦୋଳନକାରୀଙ୍କ ଉପରେ ମଣିଷମଳ ବର୍ଷଣ କରାଉଛନ୍ତି । ତୁଇଁ ତୁଇଁ ରାଷ୍ଟ୍ରମୁଖ୍ୟମାନଙ୍କ ବାବଦରେ କଣ ବା କହିବା! ଏହା ଆଲୋକରୁ ଅନ୍ଧକାର ଆଡ଼କୁ ଯିବାର ନିଛକ ପ୍ରମାଣ ନୁହେଁ କି!

(୩) 'ମୋତେ ମୃତ୍ୟୁଠାରୁ ଅମରତ୍ୱ ଆଡକୁ ନେଇଚାଲନ୍ତୁ' ଭଳି ପ୍ରାର୍ଥନାର ଫଳ ହେଉଛି, ମିଷ୍ଟର ଟ୍ରମ୍ପଙ୍କ ହୁଣ୍ଡାମସ୍ତିଆଗୁଣ ଜନିତ ପୃଥିବୀର ଅର୍ଥନୈତିକ ବିପର୍ଯ୍ୟୟରେ ଜନତା ଅମରତ୍ୱ ବଦଳରେ ଘୋର ଅସୁବିଧାର ସମ୍ମୁଖୀନ । ଟାରିଫ ପ୍ରଚଳନ ଉପରେ, ଅନାନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ଉଦ୍ଦେଶ୍ୟରେ ସେ କହିଥିବା 'Kiss my ass- ମୋ ପଛପଟକୁ ଚାଟ' ଅପମାନଜନକ ଆକ୍ଷେପକୁ ପୃଥିବୀର ଅନ୍ୟ କେହି ଜଣେହେଲେ ରାଷ୍ଟ୍ରମୁଖ୍ୟ ବିରୋଧ ନ କରିବା 'ମୃତ୍ୟୁରୁ ଅମରତ୍ୱକୁ ଗତି ଅଥବା ଓଲଟାଗତି?' 'ମୋରି ମୁଣିରେ'! (I am telling you, these countries are calling us up, 'kissing my ass, 'Trump said during a speech at the National Republican Congressional Committee dinner on 08.04.2015- ଏପରିକି, ସେ 'Kiss my leg ନ କହି, Kiss my Buttock କହିଥିଲେ' ।)

(୪) 'ଓମ୍ ଶାନ୍ତି ଶାନ୍ତି ଶାନ୍ତି' ବିରାଜମାନ ନା ସେହି ଟ୍ରମ୍ପ ବ୍ୟକ୍ତିଙ୍କର ଯୋଗୁଁ ତଥା ଅନ୍ୟ ସମସ୍ତ ରାଷ୍ଟ୍ରମୁଖ୍ୟମାନଙ୍କ ଅବିମୃଶ୍ୟକାରିତାପଣିଆ ଯୋଗୁଁ, ଆଜି ପୃଥିବୀର ସବୁଠାରେ କେବଳ ଅଶାନ୍ତି, ଅଶାନ୍ତି, ଅଶାନ୍ତିର ମାହୋଲ?

ତଥାପି ବି ଜୀବନଥିବା ପର୍ଯ୍ୟନ୍ତ ଆଶାଥାଏ ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ଆଜିର ଦୀପାବଳି ଉତ୍ସବ ପାଳନ ଅବସରରେ ସମଗ୍ର ବ୍ରହ୍ମାଣ୍ଡର ମଙ୍ଗଳକଳ୍ପେ ଉପନିଷେଦର ଏଭଳି ମହାନ ବାର୍ତ୍ତାଟି ବାସ୍ତବକ୍ଷେତ୍ରରେ କିଛିମାତ୍ରାରେ ହେଲେ ଉପଲବ୍ଧ ହେଉ ଏତିକି ପ୍ରାର୍ଥନା କରାଯାଉ ।

ସ୍ୱାଧୀନୋତ୍ତର ଭାରତବର୍ଷରେ, ସମ୍ବିଧାନର ମୁଖବନ୍ଧର ପ୍ରାରମ୍ଭରେ ରହିଥିବା 'ଆମେ ଭାରତବାସୀ ପାଇଛନ୍ତି କେତେ ତଥା ହରେଇଛନ୍ତି କେତେ' ବାବଦରେ ଜାଣିବାକୁ, ବର୍ତ୍ତମାନର ଭାରତୀୟ ଗଣମାଧ୍ୟମର ଅନ୍ୟତମ ବରିଷ୍ଠ ତଥା ଗରିଷ୍ଠ ପ୍ରତିନିଧି ପ୍ରେମ ଶଙ୍କର ଝା'ଙ୍କ ଦ୍ୱାରା ଲିଖିତ ତଥା ଏହି ୨୦୨୫ ମସିହାରେ ପ୍ରକାଶିତ 'The Dismantling of India's Democracy,1947 to 2025' ଶୀର୍ଷକ ବହିଟିକୁ ତା ୯.୧୦.୨୦୨୫ ରିଖରୁ ପଢିବା ଆରମ୍ଭକରି ଯେତିକି ବୁଝିଛି, ତାହା ହେଉଛି 'ଗଣତାନ୍ତ୍ରିକ ଖୁଣ୍ଟ ଗୁଡିକର ମୁଣ୍ଡଧାରତାଗଣ ନିଜ ନିଜର ସ୍ୱାର୍ଥପାଇଁ,' ସ୍ୱାଧୀନତାପ୍ରାପ୍ତିର ପରଠାରୁ କ୍ରମେ କ୍ରମେ, ସମ୍ବିଧାନର 'ଆମେ-We the people'ଙ୍କୁ 'ଯଥାଯଥ ନାଗରିକ ହେବାକୁ ସୁଯୋଗ ନଦେଇ, ଥୋମାସ ଜେଫରସନ କହିଥିବା 'ଉଦାସୀନ ନାଗରିକ' ବନେଇ ଦେଇଛନ୍ତି । 'ନିର୍ବାଚନରେ ଅଜସ୍ର ଖର୍ଚ୍ଚ ହେଉଥିଲେ ମଧ୍ୟ ଆମେ ସେଥିପ୍ରତି ଉଦାସୀନ ରହି ନେତାମାନେ ଆହୁରି ଖର୍ଚ୍ଚ କରନ୍ତୁ ଭଳି ମାନସିକତାଧାରୀ ହୋଇଯିବା' ହିଁ ଏହାର ଚାକ୍ଷୁଷ ପ୍ରମାଣ । ADRର ବିଶ୍ଳେଷଣ ମୁତାବକ, 'ଯେଉଁଠି ଭଲଲୋକଙ୍କ ତୁଳନାରେ ଖରାପ ଲୋକ ଭୋଟ ପାଇବାର ସମ୍ଭାବନା ଚାରିଗୁଣ ଅଧିକ' ତଥା 'ଆମେ ନାଗରିକମାନଙ୍କୁ ଯାହା କରି ଦିଆଯାଇଛି', ସେଥିରୁ କିପରି ଅବା ଭଲ ସମାଜଟିଏର ଆଶା କରାଯାଇ ପାରିବ?

ମୋ. ୮୮୯୫୮୫୭୩୧୮

# ଦ୍ରୁତବେଗରେ ଶୁଖୁଛି ଗଙ୍ଗା

■ ସୌଭାଗ୍ୟ ରଞ୍ଜନ ମହାନ୍ତି ■

କୋଟି କୋଟି ଭାରତୀୟଙ୍କର ଜୀବନରେଖା ଭାବେ ଶହ ଶହ ବର୍ଷ ଧରି ରହିଆସିଥିବା ଗଙ୍ଗା ନଦୀ ଏବେ ଯେଉଁ ହାରରେ ଶୁଖିଯାଉଛି, ତାହା ନଦୀର ଇତିହାସରେ ଅତ୍ୟନ୍ତ ଅଭୂତପୂର୍ବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଦ୍ରୁତ ଜଳବାୟୁ ପରିବର୍ତ୍ତନ, ମୌସୁମୀରେ ଅନିୟମିତତା, ଅହରହ ଜଳ ଉତୋଳନ, ନଦୀର ଗତିପଥରୋଧ, ହିମଶୃଙ୍ଗର ସଂକୋଚନ ଗଙ୍ଗାକୁ ଏବେ ମୃତ୍ୟୁ ଆଡକୁ ଟାଣି ନେଇପାରେ। ଯାହାର ପରିଣତି ସ୍ୱରୁପ ଭାରତୀୟ ଉପ ମହାଦେଶ ତଥା ଗଙ୍ଗାକୁ ଏବେ ମୃତ୍ୟୁ ଆଡକୁ ଟାଣି ନେଇପାରେ। ଯାହାର ପରିଣତି ସ୍ୱରୁପ ଭାରତୀୟ ଉପ ମହାଦେଶ ତଥା ଗଙ୍ଗା ଅବବାହିକା ଅଂଚଳରେ ଖାଦ୍ୟ, ଜଳର ଅଭାବ ସାଙ୍ଗକୁ ଜୀବନ ଜୀବିକା ବିପନ୍ନ ହେବା ଆଶଙ୍କା ସୃଷ୍ଟି କରେ। କହିବା ବାହୁଲ୍ୟ ଯେ, ଶତାବ୍ଦୀ ଧରି ଗଙ୍ଗା ଓ ଏହାର ଶାଖାନଦୀଗୁଡିକର ଅବବାହିକାରେ ବିଶ୍ୱର ସବୁଠୁ ଘନ ଜନବସତି ଅଞ୍ଚଳ ଭାବେ ପରିଚିତ। ହିମାଳୟରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବ୍ୟପ୍ତ ଗଙ୍ଗା ୩୫୦ରୁ ଉର୍ଦ୍ଧ୍ୱ ତଥା ଏକ ତୃତୀୟାଂଶ ଭାରତୀୟଙ୍କୁ ଜଳ ଏବଂ ଖାଦ୍ୟ ଯୋଗାଇବା ସହ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। କିନ୍ତୁ ସଦ୍ୟ ଗବେଷଣାରୁ ଯେଉଁ ତଥ୍ୟ ଜଣାଯାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ । ବିଶ୍ଳେଷଣାତ୍ମକ ରିପୋର୍ଟରେ କୁହାଯାଇଛି ଯେ, ଗଙ୍ଗା ଏବେ ଦ୍ରୁତଗତିରେ ସଂକୁଚିତ ହେବାରେ ଲାଗିଛି। ନିକଟ ଦଶନ୍ଧିଗୁଡିରେ ବିଶ୍ୱର ବହୁ ବଡ ବଡ ନଦୀ ମୃତ୍ୟୁ ମୁହାଁ ହୋଇଥିବା ନେଇ ବୈଜ୍ଞାନିକାମାନଙ୍କ ତଥ୍ୟ କହିଥିବାବେଳେ ଗଙ୍ଗାର ବେଗ ଓ ପରିବ୍ୟପ୍ତ ଅପରିବର୍ତ୍ତିତ ରହିଥିଲା। ମାତ୍ର ବୈଜ୍ଞାନିକମାନଙ୍କ ସଦ୍ୟ ପ୍ରତକାଶିତ ରିପୋର୍ଟ ଅନୁଯାୟୀ ଗଙ୍ଗାର ବେଗ ହ୍ରାସ ସହ ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି। ଗଲା ୧୩୦୦ ବର୍ଷ ମଧ୍ୟରେ ଗତ କିଛି ଦଶନ୍ଧି ଧରି ଗଙ୍ଗା ଅବବାହିକା ଗୁରୁତର ମରୁଡି ପରିସ୍ଥିତିର ସମ୍ମୁଖୀନ ହୋଇଆସିଛି । ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଗଙ୍ଗା ନଦୀ ପରିବହନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା । ସେତେବେଳେ ବଡ ବଡ ନୌକା ପଶ୍ଚିମବଙ୍ଗ ଏବଂ ବିହାର ଦେଇ ବାରଣାସୀ, ଆଲାହାବାଦ ସଂଯୋଗ କରିଥିଲା । ଏବେ ଛୋଟ ଛୋଟ ନୌକା ମୁକ୍ତ ଭାବରେ ଚଳପ୍ରଚଳ କଷ୍ଟକର ହୋଇଗଲାଣି । ସେହିପରି କେନାଲରେ କୃଷି କ୍ଷେତ୍ରକୁ ଜଳଯୋଗାଣର ପ୍ରମୁଖ ମାଧ୍ୟମ ଥିବାବେଳେ ଏବେ ଗ୍ରୀଷ୍ମକାଳ ଆଗମନ ପୂର୍ବରୁ କେନାଲଗୁଡିକ ଶୁଖିଲା ପଡୁଛି। ଆହୁରି ମଧ୍ୟ ଗଙ୍ଗା ଅବବାହିକାରେ କୂଅଗୁଡିକ ମଧ୍ୟ ଶୁଖିଗଲାଣି। ଏପରି ପରିସ୍ଥିତି ଉପନ୍ନ ହେଲାଣି ଯେ, କୂପଗୁଡିକରୁ ଟୋପାଟୋପା ଜଳ ବାହରୁଛି । ଗଙ୍ଗା ନଦୀ ଦ୍ରୁତବେଗରେ ଶୁଖିବା ନେଇ ଆନ୍ତର୍ଜାତିକ ପାଣିପାଗ ମଡେଲଗୁଡିକ ପୂର୍ବାନୁମାନ କରିବାରେ ବିଫଳ ହୋଇଥିବାବେଳେ କେନାଲ ଜରିଆରେ କୃଷିକ୍ଷେତ୍ରକୁ ଜଳସେଚନ, କୃଷି ଏବଂ ଶିଳ୍ପ ପାଇଁ ଲଗାମଛଡା ଭୂତ, ଜଳ ଉତୋଳନ, ହଜାର ହଜାର ସଂଖ୍ୟାରେ ବନ୍ଧ ଓ ବ୍ୟାରେଜ ଦ୍ୱାରା ନଦୀର ଗତିପଥ ରୋଧ ଜଳ ଅନ୍ୟତ୍ର ସ୍ଥାନନ୍ତରିତକରଣ ଗଙ୍ଗା ସଂକୋଚନର କାରଣ ବୋଲି କୁହାଯାଏ। ହଜାର ହଜାର ବର୍ଷ ଧରି ଗଙ୍ଗାର ପ୍ରବାହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଥିବା ମୌସୁମୀରେ ଅନିୟମିତତା ଏବେ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ଗଙ୍ଗାରେ ଜଳପ୍ରବାହ ପୁନଶ୍ଚ ପୂର୍ବାବସ୍ଥାକୁ ଫେରିବା ସମ୍ପୂର୍ଣ୍ଣ ଅକ୍ଷମ ମନେ କରାଯାଏ । ସେହିପରି ହିମାଳୟ ଓ ହିମଶୃଙ୍ଗଗୁଡିକ ଗଙ୍ଗାକୁ ଚୀରସ୍ରୋତ ନଦୀର ମାନ୍ୟତା ଦେଇଥିବାବେଳେ ଏବେ ବିଶ୍ୱ ତାପମାତ୍ରା ବୃଦ୍ଧିଯୋଗୁଁ ଗତ ଦୁଇ ଦଶନ୍ଧି ମଧ୍ୟରେ ସେଗୁଡିକ ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ସଂକୁଚିତ ହୋଇଗଲାଣି । ଆହୁରି ମଧ୍ୟ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱର ସର୍ବୋଚ୍ଚ ଏବଂ ସର୍ବବୃହତ ପାର୍ବତ୍ୟମାଳା । ବରଫ ଦ୍ରୁତଗତିରେ ତରଳିବାରେ ଲାଗିଛି । ଫଳରେ ବରଫ ହ୍ରଦଗୁଡିକ ତରଳିବା ଯୋଗୁଁ ଆକସ୍ମିକ ବନ୍ୟାର କାରଣ ହୋଇଛି । ଏହାର ପରିଣତି ହେଉଛି ଗ୍ରୀଷ୍ମକାଳରେ ଗଙ୍ଗାରେ ଜଳପ୍ରବାହ ସ୍ୱଳ୍ପ ରହିବା ଆଶଙ୍କାକୁ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ହିମଶୃଙ୍ଗ ବା ଗ୍ଲାସିୟରଗୁଡିକ 'ଏସିଆ'ର ୱାଟର ଟାୱାର ଭାବେ ବିବେଚିତ ହେଉଥିବା ବେଳେ ଟାୱାରଗୁଡିକ ଶୁଖିଯିବା ଏବଂ ସଂକୁଚିତ ହେବା ଯୋଗୁଁ ଗ୍ରୀଷ୍ମ କାଳାରେ ଗଙ୍ଗା ଏବଂ ଏହାର ଶାଖା ନଦୀଗୁଡିକ ଜଳପ୍ରବାହ ଓ ବେଗରେ ଗୁରୁତ୍ୱ ହରାଉଛି। ଗଙ୍ଗା ଓ ବ୍ରହ୍ମପୁତ୍ର ଅବବାହିକାରେ ଭୂତଳେ ବିଶ୍ୱର ସର୍ବାଧିକ ପରିମାଣର ଜଳ ମହଜୁଦ୍ ଥିବାବେଳେ ଏବେ ଲଗାମଛଡା ଜଳ ଉତୋଳନ ଯୋଗୁଁ ଜଳ ପରିମାଣ ହ୍ରାସ ପାଇବା ସହ ପ୍ରତିବର୍ଷ ୧୫ରୁ ୨୦ ମିମି ଭୂତଳ ଜଳ ସ୍ତର କମିବାରେ ଲାଗିଛି । ଆହୁରି ମଧ୍ୟ ଭୂତଳ ଜଳରେ ଆର୍ସେନିକ ଓ ଫ୍ଲୋରିଡ ପରିମାଣ ବୃଦ୍ଧି ଯୋଗୁଁ ତାହା ଉଭୟ ମାନବ ଓ କୃଷି ପାଇଁ ଗୁରୁତର ଧମକ ସୃଷ୍ଟି କରିଛି । ଏହା ନିସନ୍ଦେହ ଯେ, ଗଙ୍ଗା ହେଉଛି ଏକ ନଦୀଠାରୁ ଆହୁରି ଅଧିକ। ଭାରତୀୟ ସଂସ୍କୃତିରେ ଗଙ୍ଗା ହେଉଛି ଅତ୍ୟନ୍ତ ପବିତ୍ରତାର ପ୍ରତୀକ, ଭାରତୀୟଙ୍କର ଜୀବନରେଖା ଏବଂ ଦକ୍ଷିଣ ଏସୀୟ ତଥା ଭାରତୀୟ ସଭ୍ୟତାର ମୂଳଦୁଆ । କିନ୍ତୁ ଏହା ଏବେ ପୂର୍ବ ତୁଳନାରେ ଦ୍ରୁତ ବେଗରେ ଶୁଖିଯାଉଛି। ଏଥିପ୍ରତି ନିଷ୍କ୍ରିୟତା ଓ ଅବହେଳା ଅଚିନ୍ତନୀୟ। ଗଙ୍ଗାର ସଂକୋଚନ ଓ ଜଳ ପ୍ରବାହ ହ୍ରାସ ନେଇ ଚେତାବନୀ ସମୟ ଅତିବାହିତ ହୋଇଯାଇଛି। ଗଙ୍ଗାରେ ଯେପରି ପୂର୍ବବତ୍ ଜଳ ପ୍ରବାହ ଅକ୍ଷୁଣ୍ଣ ରହେ, ତାହା ସରକାର ନୀତିନିର୍ଦ୍ଧାରକ ଓ ବୈଜ୍ଞାନିକମାନେ ନିଶ୍ଚିତ କରିବା ଉଚିତ । ଆମ ପାଇଁ ନୁହେଁ, ଆମର ଭବିଷ୍ୟତ ବଂଶଧରଙ୍କ ପାଇଁ ଗଙ୍ଗାକୁ ସୁରକ୍ଷିତ ଓ ଚୀରସ୍ରୋତା ରଖିବା ପାଇଁ ସଂକଳ୍ପ ନେବାର ସମୟ ଏବେ ଆସିଛି ।

ମୋ-୭୯୭୮୬୬୬୪୦୩

# ରାମକୃଷ୍ଣ ନନ୍ଦଙ୍କ କାର୍ଯ୍ୟରେ ଓଡ଼ିଆ ଶୈଶବର ଜୀବନ୍ତ ଅଭିଜ୍ଞତା!

■ ଅସିତ ମହାନ୍ତି ■

ରାମକୃଷ୍ଣ ନନ୍ଦଙ୍କୁ (୧୫ ଫେବୃଆରୀ ୧୯୦୬ - ୨୮ ଅକ୍ଟୋବର ୧୯୯୪) ସାର । ଓଡ଼ିଶାରେ ଓଡ଼ିଆ ଶିଶୁ ସାହିତ୍ୟରେ ତାଙ୍କର ଅଗ୍ରଣୀ ଅବଦାନ ପାଇଁ ମନେ ରଖାଯାଏ, ଗୀତିକବିତାର ସରଳତା ସହିତ ନୈତିକ ଗଭୀରତା ମିଶ୍ରଣ କରିଥାଏ । ତାଙ୍କର ଐତିହ୍ୟ ଶ୍ରେଣୀଗୃହ, ପ୍ରାର୍ଥନାଗୃହ ଏବଂ ପିଢ଼ିର ହୃଦୟରେ ରହିଛି ।

ଓଡିଶାର ସାଂସ୍କୃତିକ ଚିତ୍ରପଟରେ, ଯେଉଁଠାରେ ସାହିତ୍ୟ ଦୀର୍ଘକାଳ ଧରି ନୈତିକ ଶିକ୍ଷା, ସାମାଜିକ ପ୍ରତିଫଳନ ଏବଂ ସୌନ୍ଦର୍ଯ୍ୟ ଆନନ୍ଦ ପାଇଁ ଏକ ପାତ୍ର ଭାବରେ କାର୍ଯ୍ୟ କରିଆସିଛି, ସେଠାରେ ରାମକୃଷ୍ଣ ନନ୍ଦଙ୍କ ପରି ଅମିଳିତ ଛାପ କିଛି ବ୍ୟକ୍ତି ଛାଡ଼ି ଯାଇଛନ୍ତି । ୧୯୦୬ ମସିହାରେ କଟକର ବୈରୋଇରେ ଜନ୍ମଗ୍ରହଣ କରିଥିବା ନନ୍ଦ କେବଳ ଜଣେ ଲେଖକ ନଥିଲେ- ସେ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷକ, ଗୀତିକବିତା କାରିଗର ଏବଂ ଜଣେ ସୌମ୍ୟ ସଂସ୍କାରକ ଥିଲେ ଯିଏ କାହାଣୀ କହିବାର ପରିବର୍ତ୍ତନଶୀଳ ଶକ୍ତିକୁ ବୁଝିଥିଲେ । ତାଙ୍କ ନାମ ପ୍ରତ୍ୟେକ ଓଡ଼ିଆ ପରିବାରରେ ସ୍ମୃତିସ୍ପୃହା ସୃଷ୍ଟି କରେ, କେବଳ ତାଙ୍କ ଲେଖାଥିବା କାହାଣୀ ପାଇଁ ନୁହେଁ ବରଂ ସେ ଯେଉଁ ମୂଲ୍ୟବୋଧ ସୃଷ୍ଟି କରିଥିଲେ ତାହା ପାଇଁ । ଓଡ଼ିଶାର ପ୍ରତ୍ୟେକ କୋଣରେ ତାଙ୍କୁ କାହିଁକି ମନେରଖାଯାଏ ତାହା ବୁଝିବା ପାଇଁ, ତାଙ୍କ କୃତିର ଆତ୍ମାକୁ ଖୋଜିବାକୁ ପଡିବ: ଏକ ସାହିତ୍ୟ ଯାହା ପିଲାମାନଙ୍କ ସହିତ କଥା ହୋଇଥିଲା, କିନ୍ତୁ ସମାଜର ବିବେକ ସହିତ ପ୍ରତିଧ୍ୱନିତ ହୋଇଥିଲା ।

ଓଡ଼ିଆ ସାହିତ୍ୟ, ବିଶେଷକରି ଶିଶୁ ସାହିତ୍ୟରେ ରାମକୃଷ୍ଣ ନନ୍ଦଙ୍କ ଅବଦାନ ମୂଳ ଏବଂ ବିପ୍ଳବୀ । ଯେତେବେଳେ ଶିଶୁ ଲେଖା ଶିକ୍ଷାଗତ କିମ୍ବା ବ୍ୟୁତ୍ପନ୍ନ ଥିଲା, ନନ୍ଦ ଏହାକୁ ମୌଳିକତା, ସାଂସ୍କୃତିକ ମୂଳ ଏବଂ ଭାବପ୍ରବଣ ବୁଦ୍ଧି ସହିତ ଭରପୁର କରିଥିଲେ । ତାଙ୍କର ସବୁଠାରୁ ପ୍ରତୀକାତ୍ମକ ସୃଷ୍ଟି, ପ୍ରାର୍ଥନା ଗୀତ ଆହେ ଦୟାମୟ ବିଶ୍ୱ ବିହାରୀ, ସମଗ୍ର ଓଡ଼ିଶାରେ ଏକ ଆଧାତ୍ମିକ ସଙ୍ଗୀତ ହୋଇଗଲା । ସକାଳ ସଭା ସମୟରେ ଅଗଣିତ ବିଦ୍ୟାଳୟରେ ଗାନ କରାଯାଇଥିବା ଏହି ଗୀତଟି ଏହାର ଗୀତିକବିତା ସୌନ୍ଦର୍ଯ୍ୟକୁ ଅତିକ୍ରମ କରି ଯୁବ ମନ ପାଇଁ ଏକ ନୈତିକ ଦିଗଦର୍ଶିକା ହୋଇଗଲା । ଏହା କେବଳ ଏକ ସ୍ତୋତ୍ର ନଥିଲା- ଏହା କରୁଣା, ନମ୍ରତା ଏବଂ ବିଶ୍ୱ ଭ୍ରାତୃତ୍ୱର ଏକ କୋମଳ ଆହ୍ୱାନ ଥିଲା । ମହାତ୍ମା ଗାନ୍ଧୀ ନିଜେ ସାବରମତୀ ଆଶ୍ରମରେ ଥିବା ସମୟରେ ଏହି ଗୀତକୁ ପ୍ରଶଂସା କରିଥିଲେ, ଯାହା ଏହାର ଦାର୍ଶନିକ ଗଭୀରତା ଏବଂ ସୁରଳୀ ଅନୁଗ୍ରହର ପ୍ରମାଣ ।

କିନ୍ତୁ ନନ୍ଦଙ୍କ ସାହିତ୍ୟିକ ବ୍ରହ୍ମାଣ୍ଡ ଏହି ପ୍ରସିଦ୍ଧ ପ୍ରାର୍ଥନାଠାରୁ ବହୁତ ଦୂରରେ ବିସ୍ତାରିତ ହୋଇଥିଲା । ସେ ସାହିତ୍ୟ ସୋପାନ ଭଳି ପାଠ୍ୟପୁସ୍ତକ ଲେଖିଥିଲେ, ଯାହା ଭାଷା ଶିକ୍ଷାକୁ ସାଂସ୍କୃତିକ କାହାଣୀ ସହିତ ଅବିଚ୍ଛେଦ୍ୟ ଭାବରେ ସଂଯୋଜିତ କରିଥିଲା । ତାଙ୍କର ଲେଖା ମନୋରଞ୍ଜନ ପର୍ଯ୍ୟନ୍ତ ସୀମିତ ନଥିଲା ସେଗୁଡ଼ିକ ଶିକ୍ଷାଗତ ଉପକରଣ ଥିଲା ଯାହା ପିଲାମାନଙ୍କର ଭାଷାଗତ ଏବଂ ନୈତିକ ବିକାଶକୁ ଆକାର ଦେଇଥିଲା । ପ୍ରବନ୍ଧ, କବିତା ଏବଂ କାହାଣୀ ମାଧ୍ୟମରେ, ସେ ଯୁବ ପାଠକମାନଙ୍କୁ ଓଡ଼ିଆ ଶବ୍ଦକୋଷର ସମୃଦ୍ଧି, ଏହାର ଛନ୍ଦୋକ୍ତିର ତାଳ ଏବଂ ଦୈନନ୍ଦିନ ଜୀବନର ନୈତିକ ଦ୍ୱନ୍ଦ୍ୱ ସହିତ ପରିଚିତ କରାଇଥିଲେ । ତାଙ୍କର ବ୍ୟାକରଣ ପୁସ୍ତକ, ଜ୍ଞାନକୋଷ ଏବଂ ସଂକଳନ - ଯେପରିକି ଲେଖାନିରା ପାଠଶାଳା, ବିଶ୍ୱ ପରିହାୟ, ଏବଂ ପୌଷ ସନ୍ଧ୍ୟାର ଗପା - ଓଡ଼ିଶାରେ ଶିଶୁ ଶିକ୍ଷାର ମୂଳଦୁଆ ପାଲଟିଥିଲା ।



ନନ୍ଦଙ୍କୁ ଯାହା ଅଲଗା କରିଥିଲା ତାହା ହେଉଛି ଶିଶୁ ଦୃଷ୍ଟିକୋଣରୁ ବିନା ଅବଜ୍ଞାରେ ଲେଖିବାର ତାଙ୍କର କ୍ଷମତା । ତାଙ୍କ କାହାଣୀଗୁଡ଼ିକରେ ପ୍ରାୟତଃ ସମ୍ପର୍କୀୟ ଚରିତ୍ରଗୁଡ଼ିକ- ଜିଜ୍ଞାସୁ, ଦୁଷ୍ଟ, ଦୟାଳୁ- ଆଶ୍ଚର୍ଯ୍ୟ ଏବଂ ସାଧୁତାର ସହିତ ବିଶ୍ୱକୁ ପରିଚାଳିତ କରୁଥିବା ଦର୍ଶାଯାଇଥିଲା । ସେ ବୁଝିଥିଲେ ଯେ ପିଲାମାନେ ନୀତିର ନିଷ୍କ୍ରିୟ ପ୍ରାପ୍ତକର୍ତ୍ତା ନୁହଁନ୍ତି ବରଂ ଏହାକୁ ଗଠନ କରିବାରେ ସକ୍ରିୟ ଅଂଶଗ୍ରହଣକାରୀ । ତାଙ୍କ କାହାଣୀଗୁଡ଼ିକ ପ୍ରଶ୍ନ କରିବା, ସହାନୁଭୂତି ଏବଂ କଳ୍ପନାକୁ ଉତ୍ସାହିତ କରିଥିଲା । ଏହା କରି, ସେ ଶିଶୁ ସାହିତ୍ୟକୁ କେବଳ ନିର୍ଦ୍ଦେଶନାରୁ ସାଂସ୍କୃତିକ ଆଲୋଚନାର ଏକ ରୂପରେ ଉନ୍ନତ କରିଥିଲେ ।

ନନ୍ଦଙ୍କ ପ୍ରଭାବ କେବଳ ପୁସ୍ତକ ପର୍ଯ୍ୟନ୍ତ ସୀମିତ ନଥିଲା । ସେ ମାସିକ ଶିଶୁ ପତ୍ରିକା 'ସଂସାର' ପ୍ରତିଷ୍ଠା କରିଥିଲେ, ଯାହା କାହାଣୀ କହିବା, କବିତା ଏବଂ ଶିକ୍ଷାଗତ ଆଲୋଚନା ପାଇଁ ଏକ ସ୍ପନ୍ଦନଶୀଳ ମଞ୍ଚ ହୋଇଯାଇଥିଲା । ଏହି ପତ୍ରିକା ମାଧ୍ୟମରେ ସେ ଯୁବ ପାଠକ ଏବଂ ଲେଖକମାନଙ୍କର ଏକ ପିଢ଼ିକୁ ପ୍ରତିପାଳନ କରିଥିଲେ, ଯାହା ଶୈଶବକୁ ସୃଜନଶୀଳତା ଏବଂ ଶିକ୍ଷାର ସ୍ଥାନ ଭାବରେ ପାଳନ କରୁଥିବା ଏକ ସାହିତ୍ୟିକ ଇକୋସିଷ୍ଟମ ସୃଷ୍ଟି କରିଥିଲା । ତାଙ୍କର ସମ୍ପାଦକୀୟ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ ଥିଲା, ପ୍ରାୟତଃ ଲୋକକଥା, ପଜଲ୍ ଏବଂ ପ୍ରବନ୍ଧଗୁଡ଼ିକୁ ପ୍ରଦର୍ଶିତ କରିଥିଲା ଯାହା ଆଦିବାସୀ ପରମ୍ପରାଠାରୁ ଆରମ୍ଭ କରି ସହରାଞ୍ଚଳ ଆକାଂକ୍ଷା ପର୍ଯ୍ୟନ୍ତ ଓଡ଼ିଆ ଜୀବନର ବିବିଧତାକୁ ପ୍ରତିଫଳିତ କରିଥିଲା ।

ତାଙ୍କର ଶିକ୍ଷାଗତ ଦର୍ଶନ ଗଭୀର ଭାବରେ ଗାନ୍ଧୀବାଦୀ ଥିଲା । ସେ ସରଳତା, ସତ୍ୟବାଦୀ ଏବଂ ଆତ୍ମନିର୍ଭରଶୀଳତାର ଶକ୍ତିରେ ବିଶ୍ୱାସ କରୁଥିଲେ । ଏହି ମୂଲ୍ୟବୋଧଗୁଡ଼ିକ ତାଙ୍କ ଲେଖାରେ ପରିପୂର୍ଣ୍ଣ ଥିଲା, ସେଗୁଡ଼ିକୁ କେବଳ ସାହିତ୍ୟିକ କଳାକୃତି ନୁହେଁ ବରଂ ନୀତିଗତ ମାର୍ଗଦର୍ଶକ କରିଥିଲା । ଔପନିବେଶିକ ପରିବର୍ତ୍ତନ ଏବଂ ସ୍ୱାଧୀନତା ପରବର୍ତ୍ତୀ ରାଷ୍ଟ୍ର ନିର୍ମାଣର ଯୁଗରେ, ନନ୍ଦଙ୍କ ସାହିତ୍ୟ ଆଦିବାସୀ ଜ୍ଞାନରେ ମୂଳ ସାଂସ୍କୃତିକ ନିରନ୍ତରତାର ଏକ ମଡେଲ ପ୍ରଦାନ କରିଥିଲା । ସେ ପାଶ୍ଚାତ୍ୟ ଶିଶୁ ସାହିତ୍ୟକୁ ଅନୁକରଣ କରିବାକୁ ଚେଷ୍ଟା କରିନଥିଲେ ବରଂ, ସେ ଏକ ଅନନ୍ୟ ଓଡ଼ିଆ ଭାବନା ସୃଷ୍ଟି କରିଥିଲେ ଯାହା ସାର୍ବଜନୀନ ମୂଲ୍ୟବୋଧକୁ ଗ୍ରହଣ କରିବା ସହିତ ସ୍ଥାନୀୟ ପରମ୍ପରାକୁ ସମ୍ମାନ ଦେଇଥିଲା ।

ଓଡ଼ିଶାର ପ୍ରତ୍ୟେକ କୋଣରେ ରାମକୃଷ୍ଣ ନନ୍ଦଙ୍କୁ ମନେ ରଖାଯିବାର କାରଣ କେବଳ ତାଙ୍କର ପ୍ରଚୁର ଉତ୍ପାଦନ ପାଇଁ ନୁହେଁ, ବରଂ ତାଙ୍କ କାର୍ଯ୍ୟ ଓଡ଼ିଆ ଶୈଶବର ଜୀବନ୍ତ ଅଭିଜ୍ଞତାର ଅଂଶ ହୋଇଯାଇଥିଲା । ତାଙ୍କ ଗୀତ ଗାନ କରାଯାଇଥିଲା, ତାଙ୍କ କାହାଣୀ କୁହାଯାଉଥିଲା, ତାଙ୍କ ପାଠ୍ୟପୁସ୍ତକ ଅଧ୍ୟୟନ କରାଯାଇଥିଲା ଏବଂ ତାଙ୍କ ମୂଲ୍ୟବୋଧଗୁଡ଼ିକୁ ଅବଶୋଷିତ କରାଯାଇଥିଲା । ଶିକ୍ଷକମାନେ ତାଙ୍କୁ ଶ୍ରଦ୍ଧା କରୁଥିଲେ, ପିତାମାତାମାନେ ତାଙ୍କୁ ବିଶ୍ୱାସ କରୁଥିଲେ ଏବଂ ପିଲାମାନେ ତାଙ୍କୁ ଆଦର କରୁଥିଲେ । ତାଙ୍କର ଐତିହ୍ୟ କେବଳ ପାଠାଗାରରେ ସୀମିତ ନୁହେଁ - ଏହା ରାଜ୍ୟର ମୌଖିକ ପରମ୍ପରା, ବିଦ୍ୟାଳୟ ରୀତିନୀତି ଏବଂ ସାଂସ୍କୃତିକ ସ୍ମୃତିରେ ବଞ୍ଚି ରହିଛି ।

ଆଜି ମଧ୍ୟ, ଯେତେବେଳେ ଓଡ଼ିଶା ଆଧୁନିକ ଶିକ୍ଷା ଏବଂ ସାଂସ୍କୃତିକ ସଂରକ୍ଷଣର ଚ୍ୟାଲେଞ୍ଜ ସହିତ ସଂଘର୍ଷ କରୁଛି, ନନ୍ଦଙ୍କ କାର୍ଯ୍ୟ ଏକ ସ୍ପର୍ଶକାତର ପଥର ଭାବରେ ରହିଯାଇଛି । ତାଙ୍କର ଲେଖାଗୁଡ଼ିକୁ ଡିଜିଟାଇଜେଡ୍ କରାଯାଉଛି ଏବଂ କ୍ରିଏଟିଭ୍ କମନ୍ସ ଲାଇସେନ୍ସ ଅଧୀନରେ ଉପଲବ୍ଧ କରାଯାଉଛି, ଯାହା ନିଶ୍ଚିତ କରୁଛି ଯେ ଭବିଷ୍ୟତ ପିଢ଼ି ତାଙ୍କ ଜ୍ଞାନକୁ ମୁକ୍ତ ଭାବରେ ପାଇପାରିବେ । ତାଙ୍କ ଜୀବନ ଆମକୁ ମନେ ପକାଇ ଦିଏ ଯେ ସାହିତ୍ୟ କେବଳ ଶବ୍ଦ ବିଷୟରେ ନୁହେଁ - ଏହା ମନକୁ ଗଠନ କରିବା, ହୃଦୟକୁ ପୋଷଣ କରିବା ଏବଂ ସମାଜ ଗଠନ କରିବା ବିଷୟରେ ।

ଶେଷରେ, ଓଡ଼ିଆ ଶିଶୁ ସାହିତ୍ୟରେ ରାମକୃଷ୍ଣ ନନ୍ଦଙ୍କ ଅବଦାନ ଅତୁଳନୀୟ । ସେ ଓଡ଼ିଶାକୁ କେବଳ କାହାଣୀ ନୁହେଁ, ବରଂ ଏକ ସାହିତ୍ୟିକ ନୀତି ଦେଇଥିଲେ ଯାହା ଶୈଶବକୁ ପବିତ୍ର, ଶିକ୍ଷାକୁ ପରିବର୍ତ୍ତନକାରୀ ଏବଂ ଭାଷାକୁ ପରମ୍ପରା ଏବଂ ପ୍ରଗତି ମଧ୍ୟରେ ଏକ ସେତୁ ଭାବରେ ପାଳନ କରିଥିଲା । ସାରା ଓଡ଼ିଶାରେ ତାଙ୍କର ସ୍ମୃତି ବିଷୟ ନୁହେଁ - ଏହା ଏପରି ଜଣେ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଯିଏ ସାହିତ୍ୟକୁ ଦୈନନ୍ଦିନ ଜୀବନର ଏକ ଜୀବନ୍ତ, ନିଃଶ୍ୱାସ ପ୍ରଶ୍ୱାସୀ ଅଂଶ କରିଥିଲେ ।

ସୁଜନପୁର, ଯାଜପୁର
ମୋ. ୯୪୩୭୨୮୮୦୨୮

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ଅକ୍ଟୋବର ୨୦୨୫ ମଙ୍ଗଳବାର ପୃଷ୍ଠା ୫




# ଗୋରୁଗାଈଙ୍କ ଲମ୍ପି ଚର୍ମରୋଗ


ଡା. ବୀର କିଶୋର ପରିଡ଼ା


ଆମ ରାଜ୍ୟରେ ଏହି ରୋଗ ୨୦୧୯ ଜୁନରୁ ଡିସେମ୍ବର ମଧ୍ୟରେ ୬ଟି ଜିଲ୍ଲା ଯଥା- କନ୍ଧମାଳ, କୋରାପୁଟ, ମାଲାକାନାଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ବ୍ୟତୀତ ଅନ୍ୟାନ୍ୟ ୨୪ଟି ଜିଲ୍ଲାରେ ଗୋରୁଗାଈଙ୍କଠାରେ ଦେଖା ଦେଇଥିଲା ଏବଂ ରାଜ୍ୟ ସରକାର ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ତୁରନ୍ତ ପଦକ୍ଷେପ ଗ୍ରହଣ ଯୋଗୁ ଡିସେମ୍ବର ସୁଦ୍ଧା ଏହି ରୋଗକୁ ସଂପୂର୍ଣ୍ଣ ଆୟତାଧୀନ କରାଯାଇପାରିଥିଲା । ଚଳିତ ବର୍ଷ ଆମ ଦେଶର ୧୪ଟି ରାଜ୍ୟରେ ଏହି ରୋଗ ଦେଖାଦେଇଅଛି । ସେଥିପାଇଁ ସରକାର ତଥା ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ତରଫରୁ ଆମ ରାଜ୍ୟରେ ଏହି ରୋଗ ନହେବା ପାଇଁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବର୍ଡ଼ର ରାଜ୍ୟ ଯଥା-ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଆଦିରୁ ଏହି ରୋଗ ଆମ ରାଜ୍ୟକୁ ନ ଆସିବା ପାଇଁ ବିଭାଗୀୟ ଜିଲ୍ଲା ପ୍ରାଣୀ ଚିକତ୍ସା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ରୋଗର କାରଣ** : ଲମ୍ପି ଚର୍ମ ରୋଗ ହେଉଛି ଏକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭୂତାଣୁ ପକ୍ସଭିରିଡ଼େ ପରିବାରର ଅନ୍ତର୍ଭୁକ୍ତ ଏବଂ କାପ୍ରିପକ୍ସ ନାମକ ଭୂତାଣୁ ଦ୍ୱାରା ଏହି ରୋଗ ସୃଷ୍ଟି ହୋଇଥାଏ ।

**ସଂକ୍ରମିତ ହେଉଥିବା ପ୍ରାଣୀ**: ବାଛୁରୀ, ଛଡ଼ା, ବଳଦ, ଗାଈ, ମଇଁଷି ଆଦି ପ୍ରାଣୀ ।

**ରୋଗ ବ୍ୟାପେ କିପରି**: ମଶା, ଡାଆଁଶ, ଟିଙ୍କ ଆଦି ରକ୍ତଶୋଷଣକାରୀ କୀଟପତଙ୍ଗ ପରଜିବୀ ଦ୍ୱାରା ସହଜରେ ଏହିରୋଗ ସଂକ୍ରମିତ ପ୍ରାଣୀଠାରୁ ସୁସ୍ଥ ପ୍ରାଣୀକୁ ବ୍ୟାପିଥାଏ । ସୁସ୍ଥ ପ୍ରାଣୀ ଏହିରୋଗରେ ପୀଡ଼ିତ ପ୍ରାଣୀଙ୍କ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସିଲେ, ଏହି ରୋଗ ମଧ୍ୟ ବ୍ୟାପିବାରେ ସହାୟକ ହୋଇଥାଏ । ପରୋକ୍ଷଭାବେ ସଂକ୍ରମିତ ଗୋରୁଗାଈର ଘା'ର ପୂଜପାଣି, ବକଳା, ଲାଳ, ସିଂଘାଣୀ, ଶୁକ୍ର, ବ୍ୟବହୃତ ଖାଦ୍ୟ ଓ ପାଣିପାତ୍ରର ସଂସ୍ପର୍ଶରେ ଆସିଲେ ସୁସ୍ଥ ଗୋରୁଙ୍କ ଠାରେ ଏହି ରୋଗ ଦେଖାଦେଇଥାଏ ।

**ଲକ୍ଷଣ** : ପ୍ରଥମେ ଗୋରୁଗାଈଙ୍କଠାରେ ୨-୩ ଦିନ ପର୍ଯ୍ୟନ୍ତ ଜ୍ୱର ହୁଏ । ତା'ପରେ ମୁଣ୍ଡ, ବେକ, ପେଟ, ଗୋଡ଼, ପହ୍ନା ଆଦି ସର୍ବାଙ୍ଗ ଶରୀରରେ ଶକ୍ତ, କଠିନ, ଟାଣ ଧରଣର ଆବୁ ବାହାରେ । ଏତଦ୍‌ବ୍ୟତୀତ, ପାଟି, ପାଟି ଭିତର, ଶ୍ୱାସନଳୀ ଆଦିରେ ମଧ କ୍ଷତ ସୃଷ୍ଟି ହୁଏ । ଏହି ଆବୁଗୁଡ଼ିକ ସାଧାରଣତଃ ଦେଖିବାକୁ କଳାରଙ୍ଗର ଏବଂ ଚିପିଲେ ଟାଣ ପରି ଲାଗେ । ଛୋଟ ଆବୁଗୁଡ଼ିକ ଧୀରେ ଧୀରେ ବଡ଼ ଆବୁରେ ପରିଣତ ହୋଇ ଫାଟିଯାଇ ଘା' ସୃଷ୍ଟି ହୁଏ ଏବଂ ଚିକିତ୍ସା ନ କଲେ ଏହି ଘା' ପୋକରା ଘା'ରେ ପରିଣତ ହୁଏ । ଏଥିଯୋଗୁ ଗୋରୁଗାଈଙ୍କର କ୍ଷୁଧା ଶକ୍ତି କମିଯାଏ, ଦୁଗ୍ଧ ଉତ୍ପାଦନ ହ୍ରାସ ପାଏ । ଗୋରୁଙ୍କ ଶରୀର ଦୁର୍ବଳ ଦିଶେ । ଲସିକା ଗ୍ରନ୍ଥିମାନ ଫୁଲି ଯାଏ । ଗୋଡ଼ରେ ମଧ ବେଳେବେଳେ ଫୁଲା ପଡ଼େ । ଗର୍ଭଗାଈଙ୍କର ଗର୍ଭପାତ ହୁଏ । ଗୋରୁ ଚାଲିଲାବେଳେ କଷ୍ଟ ଅନୁଭବ କରନ୍ତି । ସଂକ୍ରମିତ ଗୋରୁର ଯତ୍ନ ନେଲେ ଏହା ୨ ରୁ ୩ ସପ୍ତାହ ମଧ୍ୟରେ ସଂପୂର୍ଣ୍ଣ ଆରୋଗ୍ୟଲାଭ କରେ । ଏହି ରୋଗର ସଂକ୍ରମଣ ହାର ୧୦ ରୁ ୨୦% ଏବଂ ମୃତ୍ୟୁହାର ହେଉଛି ୧ ରୁ ୫% ।





ଚିକିତ୍ସା :

୧. ଅସୁସ୍ଥ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖିବା ଉଚିତ ।

୨. ଡାକ୍ତରଙ୍କ ପରାମର୍ଶ କ୍ରମେ ଆକ୍ରାନ୍ତ ପ୍ରାଣୀକୁ ଲକ୍ଷଣ ଅନୁଯାୟୀ ତୁରନ୍ତ ଚିକିତ୍ସା ପ୍ରଦାନ କରିବା ଆବଶ୍ୟକ।

୩. ରୋଗରେ ପୀଡ଼ିତ ଗାଈଗୋରୁଙ୍କୁ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ୫ ରୁ ୭ ଦିନ ବିଭିନ୍ନ ଆଁଣ୍ଟିବାଓଟିକ୍ ଯଥା ଅକ୍ସିଟେଟ୍ରା ସାଇକ୍ଲିନ୍, ଅକ୍ସିଭେଟ୍ ଏଲ.ଏ ଆଦି ଦ୍ୱାରା ଚିକିତ୍ସା କଲେ ଗୋରୁ ଶିଘ୍ର ଆରୋଗ୍ୟ ଲାଭ କରନ୍ତି ।

୪. ଗୋରୁଙ୍କ ଠାରେ ଜ୍ୱର ଦେଖାଦେଲେ ପାରାସିଟାମଲ କିମ୍ବା ମେଲୋନିକ୍ସମ୍ ଓ ଆଣ୍ଟିହିଷ୍ଟାମିନ୍ ବା ଆଭିଲ୍ ଆଦି ଇଂଜେକସନ୍ ବ୍ୟବହାର କରିବା ଉଚିତ ।

୫. ସେହିପରି ମଲ୍‌ଟିଭିଟାମିନ୍ ପାଟି ବାଟରେ କିମ୍ବା ଇଂଜେକସନ୍ ଆକାରରେ ମଧ ଦିଆଯାଇପାରିବ ।

୬. ସଂକ୍ରମିତ ଗୋରୁଗାଈଙ୍କ ପାଟିରେ ଘା' ହୋଇଥିଲେ ପାଟିକୁ ଭଲଭାବରେ ଖାଇବା ସୋଡ଼ା ଉଷୁମ ପାଣିରେ ଧୋଇ ବୋରୋଗ୍ଲିସେରିନ୍ ଲେପନ କରିବା ଆବଶ୍ୟକ ।

୭. ସଂକ୍ରମିତ ଗୋରୁଗାଈଙ୍କୁ ତରଳ କିମ୍ବା ନରମ ଖାଦ୍ୟ, ସବୁଜ ଘାସ ଆଦି ଖାଇବାକୁ ଦେଲେ ଗୋରୁ ଶିଘ୍ର ଆରୋଗ୍ୟଲାଭ କରନ୍ତି ।

ପ୍ରତିଷେଧକ ଟିକା:

୧. ୪ମାସରୁ ଉର୍ଦ୍ଧ୍ୱ ସୁସ୍ଥ ବାଛୁରୀ ଓ ଗାଈଗୋରୁଙ୍କୁ ଚମଡାତଳେ ଛେଳିବସନ୍ତ ଟିକା ଦେଇଦେବା ଦରକାର ।

୨. ଆକ୍ରାନ୍ତ ଗୋରୁଙ୍କୁ ପ୍ରତିଷେଧକ ଟିକା ଦେବା ଅନୁଚିତ ।

୩. କେବଳ ସମ୍ଭାବ୍ୟ ବା ସନ୍ଦିଗ୍ଧ ଅଂଚଳରେ ଟିକା ଦେବା ଆବଶ୍ୟକ ।

୪. ପ୍ରତିଷେଧକ ଟିକା ଦେବା ପୂର୍ବରୁ ବା ସମୟରେ ଟିକାର ଉପଯୁକ୍ତ ମାତ୍ରା, ସଂରକ୍ଷଣ, ରକ୍ଷଣାବେକ୍ଷଣ, ଇଂଜେକସନ୍‌ର ସଠିକ୍ ମାତ୍ରା ଆଦି ଥଣ୍ଡା ତାପମାତ୍ରାରେ ଦିଆଯିବା ଦରକାର ।

ରୋଗ ନିୟନ୍ତ୍ରଣ :

୧. ରାଜ୍ୟର ବର୍ଡ଼ର କିମ୍ବା ସୀମାର୍ବୀ ଅଞ୍ଚଳରେ ୫ କିଲୋମିଟର ଦୂରତା ମଧ୍ୟରେ ଥିବା ବର୍ଡ଼ର ବ୍ଲକ ଓ ଗ୍ରାମଗୁଡ଼ିକୁ ଚିହ୍ନଟି କରି ରୋଗ ଅନୁଧ୍ୟାନ କରିବା ଉଚିତ ।

୨. ରୋଗ ସମ୍ଭାବିତ ବା ସନ୍ଦିଗ୍ଧ ଅଞ୍ଚଳରେ ଗୋରୁଗାଈଙ୍କୁ ଛେଳିବସନ୍ତ ଟିକା ପ୍ରଦାନ କରିବା ଉଚିତ ।

୩. ରାଜ୍ୟ-ରାଜ୍ୟ ବା ଜିଲ୍ଲା-ଜିଲ୍ଲା ମଧ୍ୟରେ ଗାଈଗୋରୁଙ୍କ ପରିବହନ ବାରଣ କରାଯିବା ଉଚିତ ।

୪. ଗାଈଗୋରୁ ବିକ୍ରିବଟାକୁ ନିରୁତ୍ସାହିତ କରିବା ସହିତ ସ୍ଥାନୀୟ ଗୋରୁହାଟ ଗୁଡ଼ିକୁ ସାମୟିକଭାବେ ବନ୍ଦ ରଖିବା ଆବଶ୍ୟକ ।

୫. ଗୋ-ମେଳା ଓ ଗୋ-ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମକୁ ବନ୍ଦ କରାଯିବା ଉଚିତ ।

୬. ଛାପା ଓ ବୈଦୁତିକ ଗଣମାଧମ ବା ସୋସିଆଲ ମିଡ଼ିଆରେ ଏହି ରୋଗ ସଂପର୍କିତ ସମସ୍ତ ତଥ୍ୟ ବା ସୂଚନା ଉପରେ ଜନ ସଚେତନତା ନେଇ ବ୍ୟାପକ ପ୍ରଚାର ଓ ପ୍ରସାର କରିଯିବା ଦରକାର ।

୭. ଏହି ରୋଗରେ ବିଶେଷ ଭାବେ ପ୍ରାଣୀମାନଙ୍କର ମୃତ୍ୟୁ ଘଟିନଥାଏ । କାରଣ ଏହା ଚର୍ମନିହିତ ରୋଗ ହୋଇଥିବାରୁ ପ୍ରାଣୀଙ୍କ ମୃତ୍ୟୁ ଉପରେ ବିଶେଷ ପ୍ରଭାବ ପଡ଼ିନଥାଏ । ତେଣୁ ରୋଗ ଆରମ୍ଭରେ ଚିକିତ୍ସା କଲେ ଗାଈଗୋରୁ ଶିଘ୍ର ଆରୋଗ୍ୟଲାଭ କରନ୍ତି । ତେଣୁ ଅଯଥାରେ ଭୟଭୀତ ନହୋଇ ନିଜେ ପାଳିଥିବା ଗାଈଗୋରୁଙ୍କ ଯତ୍ନନେଲେ ଏହି ରୋଗକୁ ଆମେ ସଂପୂର୍ଣ୍ଣ ଆୟ ରଖିପାରିବା ।

୮. ଗାଈଗୋରୁଙ୍କ ଗୁହାଳକୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହିତ ଖାଦ୍ୟ ଓ ପାଣିପାତ୍ର ଆଦିକୁ ସଫା ସୁତୁରା ରଖନ୍ତୁ । ସଂକ୍ରମିତ ଗୁହାଳକୁ ୨ରୁ ୩% ସୋଡ଼ିୟମ୍ ହାଇପୋକ୍ଲୋରାଇଟ୍, ୧% ଫରମାଲିନ୍ କିମ୍ବା ୦.୫ % କ୍ୱାଟେରିନାରୀ ଆମୋନିୟମ କମ୍ପାଉଣ୍ଡ ଆଦି ଦ୍ରବଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ । ଏଥିସହିତ ଗୁହାଳର ଚଟାଣକୁ ଫିନାଇଲ, ଲାଇସୋଲ, କ୍ରିସୋଲ କିମ୍ବା ଖାରସୋଡ଼ା ପାଣିରେ ବିଶୋଧନ କରାଇ ନିଅନ୍ତୁ ।

୯. ଗୁହାଳ ଘରକୁ ବା ଗାଈଗୋରୁ ବନ୍ଧା ହୋଇଥିବା ସ୍ଥାନକୁ ଟିଙ୍କ, ଉକୁଣୀ, ମଶା, ଡାଆଁଶ ଆଦି ରକ୍ତଶୋଷଣକାରୀ ପରଜିବୀ କୀଟ-ପତଙ୍ଗଠାରୁ ମୁକ୍ତ ରଖନ୍ତୁ ।

୧୦. ଆକ୍ରାନ୍ତ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କ ଠାରୁ ଦୂରେଇ ବା ଅଲଗା ରଖନ୍ତୁ । ବାହାରୁ ଆସିଥିବା ଗାଈଗୋରୁଙ୍କୁ ଅତିକମ୍‌ରେ ୩ ସପ୍ତାହ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନରେ ଅଲଗା ରଖନ୍ତୁ ।

୧୧. ସଂକ୍ରମିତ ପ୍ରାଣୀକୁ ଅନ୍ୟ ପ୍ରାଣୀଙ୍କ ସହିତ ଗୋଠରେ ବା ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ଏମାନଙ୍କୁ ଘରେ ରଖି ଉପଯୁକ୍ତ ଯତ୍ନ ନିଅନ୍ତୁ ।

୧୨. ଗୋରୁଗାଈଙ୍କୁ ସୁଷମ ଦାନା, ସବୁଜ ଘାସ, ଧାତବଲବଣ ଆଦି ଖାଇବାକୁ ଦିଅନ୍ତୁ ଏବଂ ଆମେ ପିଉଥିବା ସ୍ୱଚ୍ଛ ପରିଷ୍କାର ପାଣି ସେମାନଙ୍କୁ ପିଇବାକୁ ଦିଅନ୍ତୁ ।

୧୩. ସଂକ୍ରମିତ ଗୋରୁଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା କରନ୍ତୁ । ଶରୀରରେ କଳା ଆବୁପରି ଫୋଟକାଗୁଡ଼ିକ ଫାଟି ଘା' ସୃଷ୍ଟି ହେଲେ, ମାଛି ନିରୋଧକ ମଲମ ଲଗାଇ ନିୟମିତଭାବେ ଡ୍ରେସିଂ କରିବା ସହିତ ଆଁଣ୍ଟିବାଓଟିକ୍ସ ଇଂଜେକସନ୍, ଜ୍ୱର ଥିଲେ ଆଣ୍ଟିପାଇରେଟିକ୍ ଇଂଜେକସନ୍ ଆଦିର ସାହାଯ୍ୟ ନିଆଯାଇପାରେ ।

୧୪. ଯଦି ଏହି ରୋଗରେ କୌଣସି ପ୍ରାଣୀର ମୃତ୍ୟୁ ଘଟେ, ତେବେ ମୃତ ପ୍ରାଣୀକୁ ଏଣେତେଣେ ନ ଫିଙ୍ଗି କିମ୍ବା ଘୋଷାରି ଘୋଷାରି ନନେଇ ଗଭୀର ଗର୍ତ୍ତ (୬ଫୁଟ୍ ଗଭୀର, ୬ଫୁଟ ଲମ୍ବ, ୬ଫୁଟ୍ ଚଉଡ଼ା) କରି ପୋତିଦେଇ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ ।

୧୫. ଗୋରୁ ରଖୁଥିବା ସ୍ଥାନ ବା ଗୁହାଳର ଜୈବ-ନିରାପା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବାହାର ଜୀବଜନ୍ତୁ, ପକ୍ଷୀ ଆଦି ପ୍ରାଣୀଙ୍କୁ ଫାର୍ମ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ । ଯାନବାହନ ଚଳାଚଳକୁ ବାରଣ କରନ୍ତୁ ।

୧୬. ଯଦି କୌଣସି ଅଞ୍ଚଳରେ ଏହି ରୋଗ ଦେଖାଦିଏ, ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀଚିକିତ୍ସା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ବି.ଦ୍ର - ଏହି ରୋଗ ଚର୍ମଜନିତ ଭୂତାଣୁ ରୋଗ ହୋଇଥିବାରୁ ଏହା ଆପେ ଆପେ ସଂକ୍ରମଣ ହୋଇ ଭଲ ହୋଇଯାଏ । ଉପଯୁକ୍ତ ଯତ୍ନ ନେଲେ ୨ ରୁ ୩ ସପ୍ତାହ ମଧ୍ୟରେ ଗୋରୁଗାଈମାନେ ଶିଘ୍ର ଆରୋଗ୍ୟଲାଭ କରନ୍ତି। ତେଣୁ ଅଯଥାରେ ଆମେ ଆତଙ୍କିତ ନ ହୋଇ ସମସ୍ତ ସତର୍କତା ଅବଲମ୍ବନ ସହିତ ପଦକ୍ଷେପ ଗ୍ରହଣ କରିବା ଉଚିତ। କେବଳ ଏହି ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରାଯିବା ସହିତ ଲାଳନପାଳନ ଓ ଖାଦ୍ୟପେୟରେ ଯତ୍ନ ନେଲେ ଗୋରୁଗାଈ ଶିଘ୍ର ଆରୋଗ୍ୟଲାଭ କରନ୍ତି ଏବଂ ଗାଈଙ୍କର ଉତ୍ପାଦନ ଦକ୍ଷତା ପୁର୍ନବାର ଫେରିଆସେ ଏବଂ ଏହି ରୋଗକୁ ସଂପୂର୍ଣ୍ଣ ନିୟନ୍ତ୍ରଣ ଓ ସୀମିତ ରଖାଯାଇପାରିବ । ମନେ ରଖନ୍ତୁ - ପ୍ରତିକାର ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ସର୍ବଦା ଶ୍ରେୟଷ୍କର ।











---

# ବାଘଠାରୁ ଭୟଙ୍କର ହୋଇପାରନ୍ତି ଏମାନେ

ଦୁନିଆରେ ସବୁଠାରୁ ବିଶ୍ୱସ୍ତ ପଶୁ ବିଷୟରେ ଆଲୋଚନା କଲେ ପ୍ରଥମେ ମନକୁ ଆସେ କୁକୁରର ନା । ହିନ୍ଦୁ ପୁରାଣ କହେ ଧର୍ମଦେବତା ମଧ୍ୟ କୁକୁର ରୂପ ଧରିଥିଲେ । ଏମିତି ଅନେକ ଉଦାହରଣ ଦେଖିବାକୁ ମିଳେ ଯେଉଁଥିରେ ଘରର ପୋଷାକୁକୁର ନିଜ ଜୀବନକୁ ବାଜି ଲଗାଇ ବିଶ୍ୱସ୍ତତାର ପ୍ରମାଣ ଦିଏ । ଆବଶ୍ୟକ ହେଲେ ସେ ଶତ୍ରୁର ଜୀବନ ମଧ୍ୟ ନେଇପାରେ । କିନ୍ତୁ ଦୁନିଆରେ ଏମିତି କିଛି କୁକୁର ଅଛନ୍ତି ଯେଉଁମାନଙ୍କ ନାକରେ ବିପଦର ଗନ୍ଧ ବାଜିଲେ କିମ୍ବା ସେମାନଙ୍କ ମନ ଆକ୍ରମଣ କରିବାକୁ ହେଲେ ସେମାନେ ବାଘ, ସିଂହଠାରୁ ବି ଭୟଙ୍କର ହୋଇଯାଆନ୍ତି । ସେମାନେ ଆକ୍ରମଣ କଲେ ଜୀବନ ନେଇ ଫେରିବା ଯମ କବଳରୁ ଫେରିବା ସହ ସମାନ । ଏଗୁଡିକ ମଧ୍ୟରୁ କିଛି ପ୍ରଜାତିକୁ ଘରେ ପୋଷା ମନେଇ ରଖିବା ଉପରେ ବିଭିନ୍ନ ଦେଶ କଟକଣା ମଧ୍ୟ ଜାରି କରିସାରିଲେଣି ।







## ପିଟ୍‌ବୁଲ

ଏମାନେ ସବୁଠାରୁ ବିପଜ୍ଜନକ ଏବଂ ଆକ୍ରମଣାତ୍ମକ ପ୍ରଜାତିର କୁକୁର । ବିଶ୍ୱର ଅନେକ ଦେଶ ଏହି ପ୍ରଜାତିକୁ ଘରେ ପୋଷା ଭାବରେ ରଖିବା ଉପରେ କଟକଣା ଜାରି କରିଛନ୍ତି । ତେବେ ଆମେରିକା ସମେତ କେତେକ ଦେଶରେ ଆଜିବି ପିଟ୍‌ବୁଲ ପୋଷାକୁକୁର ଭାବରେ ରହିଛନ୍ତି । କିନ୍ତୁ ସେମାନଙ୍କ ଆକ୍ରମଣତା ହ୍ରାସ କରିବା ପାଇଁ ବ୍ୟାପକ ତାଲିମ୍ ଦେବାକୁ ହୁଏ । ୨୦୧୪ ମସିହାରେ କେବଳ ଆମେରିକାରେ ପିଟ୍‌ବୁଲ୍ ଆକ୍ରମଣରେ ୨୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହା କେବଳ ମଣିଷ ନୁହେଁ ଅନ୍ୟ ଜୀବଜନ୍ତୁ ଏବଂ ଅନ୍ୟ ପ୍ରଜାତିର କୁକୁରକୁ ଆକ୍ରମଣ କରନ୍ତି ।

## ରଟ୍‌ୱେଲର

ଏହି ପ୍ରଜାତି ଖୁବ୍ ଶକ୍ତିଶାଳୀ ହେବା ସହ ଅନ୍ୟକୁ ଖୁବ୍‌ଶୀଘ୍ର କାମୁଡ଼ିବାରେ ପ୍ରବୀଣ । ୨୦୧୪ରେ ଏହି କୁକୁର ଯୋଗୁ ଦୁଇଜଣଙ୍କ ପ୍ରାଣ ଯାଇଛି । ଏହି କାମୁଡ଼ିବା ବେଳେ ୧୪୮ କିଲୋ ଓଜନର ଚାପ ପ୍ରୟୋଗ କରି କାମୁଡ଼ି ଥାଏ ।







ରୋମାନ ସାମ୍ରାଜ୍ୟ ସମୟରୁ ଏହି ପ୍ରଜାତିର କୁକୁର ଥିବା ବିଷୟରେ ଜଣାପଡ଼ିଛି । ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଭିନ୍ନ ସେନା ପକ୍ଷରୁ ଏମାନଙ୍କୁ ବ୍ୟବହାର କରାଯାଉଥିଲା ।

## ଜର୍ମାନ ସେଫର୍ଡ

ସାରା ବିଶ୍ୱର ପୋଲିସ ଫୋର୍ସରେ ଏମାନଙ୍କ ଆଦର ଅଧିକ । ୧୦୮ କେଜି ଓଜନରୁ ଅଧିକ ଶକ୍ତି ଏହା ଆକ୍ରମଣ କରେ ଯାହାପରେ ବଞ୍ଚିବା ଯେକୌଣସି ବ୍ୟକ୍ତି ପକ୍ଷରେ ଅସମ୍ଭବ ହୋଇଯାଏ ।

## ଡୋବରମ୍ୟାନ୍ ପିନ୍‌ଶ୍ଚର

ଏଗୁଡ଼ିକ ମଧ ପୋଲିସ୍ କୁକୁର, କିନ୍ତୁ ସାଧାରଣ ଲୋକ ବି ଏହାକୁ ଘରେ ପାଳନ୍ତି । କୌଣସି ଅଚିହ୍ନା ଲୋକଙ୍କୁ ଦେଖିଲେ ଏମାନେ ଆକ୍ରମଣାତ୍ମକ ହୋଇଯାଆନ୍ତି । କିନ୍ତୁ ମାଲିକକୁ ଦେଖିଲେ ଶାନ୍ତ ପଡ଼ନ୍ତି ।

## ବୁଲମାଷ୍ଟିକ୍

ଏହି ଭୟଙ୍କର କୁକୁର ଗୋଡ଼ ତୁଳନାତ୍ମକ ଭାବରେ ଲମ୍ଵା । ଏମାନଙ୍କ ଓଜନ ୫୫ରୁ ୬୦ କେଜି ମଧ୍ୟରେ ରହେ ।

## ହୋସ୍କି

ଏହି ପ୍ରଜାତିର କୁକୁର ବିପଜ୍ଜନକ ହେବା ସହ ବୁଦ୍ଧିମାନ ବି । ଏମାନଙ୍କୁ ସ୍ଲେଜ୍ ଡଗ୍ ମଧ କୁହାଯାଏ । ବରଫ ଅଞ୍ଚଳରେ ଚକ ନଥିବା ସ୍ଲେଜ୍‌ଗାଡ଼ିକୁ ଏମାନେ ଟାଣନ୍ତି । କିନ୍ତୁ ଯେତେବେଳେ ଏମାନେ ହିଂସ୍ର ଓ ଅଶାନ୍ତ ହୋଇଉଠନ୍ତି ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡେ । ଆକ୍ରମଣ କଲେ ତା' କବଳରୁ ବଞ୍ଚିବା ଅସମ୍ଭବ ହୋଇଯାଏ । ଏହି କୁକୁର କାମୁଡ଼ିବା ଆରମ୍ଭ କଲେ ଜୀବନ ନେବା ପର୍ଯ୍ୟନ୍ତ ଲାଗି ରହନ୍ତି ।

ଖୁବ୍ ଶକ୍ତିଶାଳୀ ହେବା ସହ ଦ୍ରୁତଗତିରେ ଦୌଡିପାରନ୍ତି ଏମାନେ । ରଙ୍ଗିନ ଆଖି ଏହି ପ୍ରଜାତିର ଅନ୍ୟତମ ବିଶେଷତ୍ୱ । ଗୋଟିଏ ରଙ୍ଗର ଆଖି ଥିବା ମା' ବାପାଙ୍କଠାରୁ ବିଭିନ୍ନ ରଙ୍ଗର ଆଖିଥିବା ଶିଶୁ ଜନ୍ମ ହୁଅନ୍ତି । ନୀଳ, ସବୁଜ, ମାଟିଆ, ଘନନୀଳ, ହଳଦିଆ ଏପରିକି ଗୋଲାପୀ ରଙ୍ଗର ଆଖି ମଧ ଦେଖାଯାଏ ଏହି ପ୍ରଜାତିରେ ।

## ୱୁଲ୍ଫ ହାଇବ୍ରିଡ୍

ଏହି କୁକୁର ଗଧିଆର ବଂଶଜ ବୋଲି କୁହାଯାଏ । ଗଧିଆ ଓ କୁକୁରର ମିଶ୍ରଣରେ ଏହି ପ୍ରଜାତିର ସୃଷ୍ଟି । ବିଶ୍ୱର ଅନେକ ଦେଶ ଏହି କୁକୁର ପାଳନ ଉପରେ କଟକଣା ଜାରି କରିଛନ୍ତି । ଏହା ଯେକୌଣସି ମୁହୂର୍ତ୍ତରେ ଯେକୌଣସି ବ୍ୟକ୍ତି ଉପରେ ଆକ୍ରମଣ କରିପାରେ । ବେଳେବେଳେ ମାଲିକ ମଧ୍ୟ ଏହାର ଆକ୍ରମଣର ଶିକାର ହୁଅନ୍ତି ।

## ବକ୍ସର

ଏମାନେ ଶିକାରୀ କୁକୁରର ବଂଶଜ । ଏମାନଙ୍କ ଦାନ୍ତ ଏବଂ ମାଢ଼ି ଖୁବ୍ ମଜଭୁତ । କାହାକୁ କାମୁଡ଼ିଲେ ରକ୍ଷା ପାଇବା ମୁସ୍କିଲ । ସୁରକ୍ଷା ପାଇଁ ଇଚ୍ଛୁକ ପରିବାର ପାଇଁ ଏହା ସବୁଠାରୁ ଭଲ ବିକଳ୍ପ । ଭୟଙ୍କର ହେଲେ ବି ଏହା ଭୀଷଣ ଅଳସୁଆ କିନ୍ତୁ ଜିଦିଆ ।

## ଗ୍ରେଟ୍‌ଡେନ

ଏହି କୁକୁର ବିପଜ୍ଜନକ ଏବଂ ଆକ୍ରମଣାତ୍ମକ ହେଲେ ବି ଉଚିତ୍ ତାଲିମ୍ ଦ୍ୱାରା ଏହା ସୁରକ୍ଷା ଦୃଷ୍ଟିରୁ ସବୁଠାରୁ ଭଲ ପୋଷାକୁକୁର ହୋଇପାରିବ । କିନ୍ତୁ ତାଲିମ ନମିଳିଲେ ଏହାର ବନ୍ୟ ପ୍ରକୃତି ସ୍ନେହ ଶ୍ରଦ୍ଧାରେ ବି କମ୍ ହୁଏ ନାହିଁ । ଏହି କାରଣରୁ ତାକୁ କିଲିଙ୍ଗ ମେସିନ୍ ମଧ କୁହାଯାଏ ।







# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ଅକ୍ଟୋବର ୨୦୨୫ । ମଙ୍ଗଳବାର


## ଇଂଜିନିୟରିଂ ୱ୍ୱାର୍କଚାର୍ଜଡ କର୍ମଚାରୀ ଫୋରମ ବୈଠକ

**କେନ୍ଦ୍ରାପଡ଼ା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ଇଂଜିନିୟରିଂ ୱ୍ୱାର୍କଚାର୍ଜଡ଼ କର୍ମଚାରୀ ଫୋରମ ବୈଠକ କେନ୍ଦ୍ରାପଡ଼ା ପୌରପରିଷଦ ଟାଉନହଲ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା । ଏହି ଦାବି ଗୁଡ଼ିକ ମଧ୍ୟରେ ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ୨୨୭୬୪ ତା.୧୫.୦୫.୧୯୯୭ ଅନୁସାରେ ୧୦ ବର୍ଷ ଏବଂ ୱ୍ୱାର୍କଚାର୍ଜଡ୍ ନିୟମ ସର୍ତ୍ତାବଳୀ ଅନୁସାରେ ୫ବର୍ଷ ଚାକିରୀ ପୂରଣ ହୋଇସାରିଥିବାରୁ ଇଂଜିନିୟରିଂ ବିଭାଗର ୱ୍ୱାର୍କଚାର୍ଜଡ଼ କର୍ମଚାରୀଙ୍କ ସମୁଦାୟ ଚାକିରୀ କାଳକୁ ହିସାବକୁ ନେଇ ପେନ୍ସନ ନିୟମ ୧୯୯୨ ଭୁକ୍ତ କରାଯାଉ । ଅବସରକାଳୀନ ପେନ୍ସନ ସହିତ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ ପ୍ରଦାନ କରାଯାଉ । ରାଜ୍ୟ ସରକାରଙ୍କ ଇଂଜିନିୟରିଂ ବିଭାଗ ଯଥା ଜଳସଂପଦ, ନଗର ଉନ୍ନୟନ ଓ ଗୃହ ନିର୍ମାଣ, ପୂର୍ତ୍ତ, ଗ୍ରାମ୍ୟଉନ୍ନୟନ ଏବଂ ପଞ୍ଚାୟତରାଜ ଅଧିନରେ କଟ-ଅଫ-ଡେଟ ତା.୧୨.୦୪.୧୯୯୩ ପୂର୍ବରୁ କାର୍ଯ୍ୟରତ ସମସ୍ତ ଏନଏମଆର/ଡ଼ିଏଲଆର କର୍ମଚାରୀ ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା ୨୨୭୬୪ ତା.୧୫.୦୫.୧୯୯୭ ଅନୁସାରେ ୧୦ ବର୍ଷ ଚାକିରୀ ପୂରଣ କରିଥିବାରୁ ସେମାନଙ୍କୁ ୨୦୦୩ ମସିହାରୁ ନିୟମିତ କର୍ମଚାରୀ ଭାବେ ଗଣାଯାଇ ପେନସନ ପ୍ରଦାନ କରାଯାଉ । ଫୋରମର ମୁଖ୍ୟ ସଂଯୋଜକ ରଣଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ନଗର ଉନ୍ନୟନ ବିଭାଗ କର୍ମଚାରୀ ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ ଅଶୋକ କୁମାର ମୁଦୁଲି, ଗ୍ରାମ୍ୟ ଉନ୍ନୟନ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ନାୟକ ଓ ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଜଳ ସମ୍ପଦ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଅଜିତ୍ କୁମାର ଦାଶ, ପଞ୍ଚାୟତିରାଜ, ପୂର୍ତ୍ତ ବିଭାଗ ସମ୍ପାଦକ ଆଷିଶ ନନ୍ଦ, ଜିଲା ସଭାପତି କ୍ଷୀତିନ୍ଦ୍ର ମିତ୍ର, ପୂର୍ତ୍ତ ବିଭାଗ ସଂଗଠକ କପିଳେଶ୍ୱର ବାରିକ ଏବଂ କଲ୍ୟାଣ ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ବିଭିନ୍ନ ଇଂଜିନିୟରି ସଂଘ ସଭାପତି, ସମ୍ପାଦକ ଓ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ନବ ଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ନବଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ (ଉଲ୍ଲାସ)ରେ ପଞ୍ଜୀକରଣ କରିଥିବା ଅଣସାକ୍ଷରମାନଙ୍କର ପରୀକ୍ଷା କେନ୍ଦ୍ରାପଡା ବ୍ଲକର ୪ଟି ପରୀକ୍ଷା କେନ୍ଦ୍ରରେ ରବିବାର ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଦେପୁର ସରସ୍ୱତୀ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅଭିରାମ ଉଚ୍ଚ ଶିକ୍ଷାଶ୍ରମ, ତରାଣ୍ଡୋ ଉଚ୍ଚ ବିଦ୍ୟାଳୟ, ଦୁତିଆଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବଳଦେବ ପ୍ରସାଦ ଜେନା, କେନ୍ଦ୍ର ସୁପରିନଟେଣ୍ଡେଣ୍ଟ ତଥା ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକ, ଅବଜରଭର ଅନନ୍ତ କୁମାର ପରିଡା, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସେକ ଫୟାଜୁଦ୍ଦିନ, କାକଟମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧନ କେନ୍ଦ୍ର ସଂଯୋଜକ ସଦାଶିବ ସାହୁ, କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ସାଧନ କେନ୍ଦ୍ର ସଂଯୋଜକ ରଶ୍ମିରଞ୍ଜନ ପ୍ରଧାନ ଓ କୋରୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧନକେନ୍ଦ୍ର ସଂଯୋଜକ ପ୍ରଜ୍ଞାଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷା ଚାଲୁଥିବା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡା ପରୀକ୍ଷା କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ମାହାଙ୍ଗା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଇଓ ସୁଶ୍ରୀ ମୋନାଲିସା ସରକାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦଘାଟକ ଓ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଦୀପା ମଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ନିଶ୍ଚିନ୍ତକୋଇଲି ବିଇଓ ସଂଯୁକ୍ତା ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ସମିତିସଭ୍ୟା ସଂଯୁକ୍ତା ମହାନ୍ତି, ଏବିଇଓ ସୋମନାଥ ରାମ, ଏବିଇଓ ସବିତା କୁମାରୀ ସ୍ୱାଇଁ, ପୂର୍ବତନ ଏବିଇଓ ସଂଯୁକ୍ତା କୁମାରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଉଦଯାପନୀ ଉତ୍ସବରେ ବିଇଓ ସୁଶ୍ରୀ ମୋନାଲିସା ସରକାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଅନ୍ତଃନିହିତ ଗୁଣର ବିକାଶ ହୋଇପାରିବ ବୋଲି କହିଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ତହସିଲଦାର ସୁଭାଶିଷ ପାଲଟା, ଆଇନଜୀବୀ କୃଷ୍ଣ ମଲିକ, ଶିକ୍ଷୟିତ୍ରୀ ଅନ୍ନପୁର୍ଣ୍ଣା ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ହେଉଛନ୍ତି ଆଗାମୀ ଦିନର ଭବିଷ୍ୟତ ବୋଲି କହିବା ସହ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୩୫ଟି ବିଭାଗରେ ୪୪୨ ଜଣ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ତପନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ରଞ୍ଜନ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ରାମନାଗୁଡା/ରାୟଗଡ:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାମନାଗୁଡା ବ୍ଲକ ସଦଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ୍ତ କୁମାର ସୁବୁଦ୍ଧି, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ । ସୋମବାର ମୋଟ ୭୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୬୧ଟି ବ୍ୟକ୍ତିଗତ, ୧୭ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ତିନି ଜଣଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ଜିଲ୍ଲାପାଳ ଚାଳିଶି ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ସମସ୍ତ ଦରଖାସ୍ତ ପାଇବା ପରେ ସେ ଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କ ଅବଗତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

## ବିଧାୟକଙ୍କ ବିରୁଦ୍ଧରେ ମେଳି ବାନ୍ଧିଲେ ଜନପ୍ରତିନିଧି

**ମାଲକାଗିରି:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ୧୧ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ସୋମବାର ମିଳିତ ହୋଇ ଚିତ୍ରକୋଣ୍ଡା ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଏକ ଦାବିପତ୍ର ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନ ମୂଳକ କାମ ହେଉଛି ଏବଂ ଗ୍ରାମର କେଉଁ କେଉଁ କାମ ହେବ ଗ୍ରାମ ସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ଯାଉଛି ଏବଂ ସେଥିରୁ ୪୦ ପ୍ରତିଶତ ଉନ୍ନୟନ ମୂଳକ କାର୍ଯ୍ୟର ତାଲିକା ବିଧାୟକ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି କିନ୍ତୁ କାମ ଗୁଡିକ ଅନୁମୋଦନ ହୋଇ ଆସିଲାପରେ ବିଧାୟକ ସମସ୍ତ କାମର ଠିକାଦାରୀ କଂଗ୍ରେସ କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି । ଫଳରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁନାହିଁ । ତେଣୁ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ବିଧାୟକ କେଉଁ ଅଧିକାରରେ ସମସ୍ତ କାମକୁ କଂଗ୍ରେସ କର୍ମୀଙ୍କ ଭିତରେ ବାଣ୍ଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ ଏବଂ ଆସିଥିବା ସମସ୍ତ କାମରେ ପଞ୍ଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବି କରିଥିଲେ ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମତିଥି ଅବସରରେ ପଦଯାତ୍ରା ପ୍ରସ୍ତୁତି

**ବ୍ରହ୍ମପୁର:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମତିଥି ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିଲେ । ସେ ୫୬୦ ରାଜ୍ୟକୁ ଭାରତ ବର୍ଷରେ ମିଶାଇଥିଲେ । ସେହି ମହାପୁରୁଷଙ୍କ ୧୫୦ତମ ଜନ୍ମତିଥି ସୁନ୍ଦର ଭାବେ ପାଳନ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଧାନ୍ୟ ଦେଇଛନ୍ତି । ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ହେଲେ ସମସ୍ତ ଯୁବ ବର୍ଗ ଏଥିରେ ସାମିଲ ହେବାକୁ ପଡିବ । ବିଶ୍ୱର ୧୯୫ ଦେଶ ମଧ୍ୟରେ ଅର୍ଥନୈତିକ କ୍ଷେତ୍ରରେ ଭାରତ ଚତୁର୍ଥ ସ୍ଥାନରେ ରହିଛି । ସ୍ୱଚ୍ଛ ଭାରତ, ବୃକ୍ଷ ରୋପଣ, ଏକ ଭାରତ, ଆତ୍ମ ନିର୍ଭର ଭାରତ ଉପସ୍ଥାପନ କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ଉଦ୍ଦେଶ୍ୟ । ଗଞ୍ଜାମ ଜିଲ୍ଲା ଅର୍ଥନୈତିକ ଓ ସଂସ୍କୃତିକ କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି ବୋଲି ଡ.ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମହାପାତ୍ର, ଆସ୍କା ସାଂସଦଙ୍କ ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ସମସ୍ତ ଜିଲ୍ଲାରେ ୩୧ ଅକ୍ଟୋବର ୨୦୨୫ରୁ ୨୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ । ପ୍ରତି ସଂସଦୀୟ କ୍ଷେତ୍ରରେ ୩ଟି ପଦଯାତ୍ରା ଅନୁଷ୍ଠିତ ହେବ । ଏହି ପଦଯାତ୍ରା ୮କିଲୋମିଟର ମଧ୍ୟରେ ଅନୁଷ୍ଠିତ ହେବ । ଆସ୍କା ସଂସଦୀୟ କ୍ଷେତ୍ରରେ ୩ଟି ପଦଯାତ୍ରା ଯଥା ଖଲିକୋଟ, କବିସୂର୍ଯ୍ୟ ନଗର ଓ ପୋଲସରାରେ ଅନୁଷ୍ଠିତ ହେବ । କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭଞ୍ଜନଗର ଠାରେ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ବ୍ରହ୍ମପୁର ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହେବ ।

## ତୈଳିକ ବୈଶ ସମାଜ ବାମଣ୍ଡାର ସାମାଜିକ ବୈଠକ

**କୁଚିଣ୍ଡା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଖଣ୍ଡକଟା କଂସ ମଣ୍ଡପ ଠାରେ ଉତ୍ତର ଉତ୍କଳ ବୈଶ ସମାଜ ବାମଣ୍ଡାର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ବନ୍ଧାଭାର, ଛାତବର, ବାଙ୍କ, ଖଣ୍ଡୋକଟା ଏବଂ ନୂଆ ଗାଁ ଗ୍ରୁପକୁ ନେଇ ବାମଣ୍ଡା ଉପକେନ୍ଦ୍ରର ଏହି ବୈଠକରେ ସମାଜର ଉନ୍ନତି ପାଇଁ ଆଲୋଚନା, ସଂଗଠନକୁ ସୁଦୃଢ, ଉପକେନ୍ଦ୍ର ଭାବେ ଖଣ୍ଡୋକଟାକୁ ମୁଖ୍ୟାଳୟ କରିବା ପାଇଁ ନିଷ୍ପତ୍ତି ନିଆଯାଇ ଆଲୋଚନା କରାଯାଇଥିଲା । ଏହା ସହ ସର୍ବ ସମ୍ମତି କ୍ରମେ ପତ୍ରାପାଲି ଗ୍ରୁପର ନାଁ ବଦଳ କରାଯାଇ ଏହାକୁ ଖଣ୍ଡକଟା ଗ୍ରୁପ ନାଁରେ ନାମିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସଭାରେ ବାମଣ୍ଡା ଉପକେନ୍ଦ୍ର ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ରାଜେନ୍ଦ୍ର ପୃସେଠ, ଖଣ୍ଡକଟା ଗ୍ରୁପ ସଭାପତି ପର୍ଶୁରାମ ସାହୁ, ନୂଆ ଗାଁ ଗ୍ରୁପ ସଭାପତି ଅଲେଖ ବେହେରା, ସମ୍ପାଦକ ଝସକେତନ ସାହୁ, ଛତାବର ଗ୍ରୁପ ସଭାପତି ଗୁଣସାଗର ସାହୁ, ସମ୍ପାଦକ କିଶୋର ଚନ୍ଦ୍ର ପୃସେଠ, ବାଙ୍କ ଗ୍ରୁପ ସମ୍ପାଦକ ତରୁଣ ପୃସେଠ, ବାରବ ଗ୍ରୁପ ସମ୍ପାଦକ ଛବିଳ ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସଭା ପରିଚାଳନା ଖଣ୍ଡକଟା ଗ୍ରୁପ ସମ୍ପାଦକ ସୁରେଶ ଚନ୍ଦ୍ର ନାଏକ, ଓ ଧନ୍ୟବାଦ ଅର୍ପଣ ଡିଲେଶ୍ୱର ସାହୁ କରିଥିଲେ ।

## ପୁରୁଣା ପେନ୍ସନ୍ ଲାଗି ଏନ୍‌ଏମ୍‌ଓପିଏସ୍‌ର ସାମ୍ବାଦିକ ସମ୍ମିଳନୀ




**ଭୁବନେଶ୍ୱର:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

'ପୁରୁଣା ପେନ୍ସନ୍ ପାଇଁ ଜାତୀୟ ଆନ୍ଦୋଳନ' (ଏନ୍‌ଏମ୍‌ଓପିଏସ୍), ଓଡ଼ିଶା ପକ୍ଷରୁ ନୂତନ ପେନ୍ସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନ୍ସନ୍ ଲାଗୁ କରିବା ନିମନ୍ତେ ରବିବାର ଭୁବନେଶ୍ୱରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ସଭାପତି ବିଜୟ ମଲ୍ଲଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ପ୍ରଯନ୍ତ୍ ବରାଳଙ୍କ ପରିଚାଳନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନ୍‌ଏମ୍‌ଓପିଏସ୍ ଓଡ଼ିଶାର ସମସ୍ତ କର୍ମକର୍ତ୍ତା ତଥା ରାଜ୍ୟର ସମସ୍ତ ସଂଗଠନର ସଭାପତି, ସମ୍ପାଦକ, ଜିଲ୍ଲା ନେତୃତ୍ୱ ଓ ବିଭାଗର ମୁଖ୍ୟମାନେ ଯୋଗ ଦେଇଥିଲେ । ଆସନ୍ତା ନଭେମ୍ବର ୨୫ ଦିଲ୍ଲୀଠାରେ ଦେଶର ସବୁ ରାଜ୍ୟର କର୍ମଚାରୀମାନେ ମହାଆନ୍ଦୋଳନ କରି ଏନ୍‌ପିଏସ୍ କି ୟୁପିଏସ୍ ନୁହେଁ, ପୁରୁଣା ପେନ୍ସନ୍ କର୍ମଚାରୀଙ୍କର ଅଧିକାର, ତାହାକୁ ହାସଲ କରିବା ପାଇଁ ଗର୍ଜନ ସମାବେଶ କରିବେ । ଏହି ସମାବେଶରେ ଓଡ଼ିଶାର ସମସ୍ତ ଏନ୍‌ପିଏସ୍ କର୍ମଚାରୀ ଯୋଗ ଦେବା ପାଇଁ ଏନ୍‌ଏମ୍‌ଓପିଏସ୍ ତରଫରୁ ଅନୁରୋଧ କରାଯାଉଛି । ଏବେକାର ମୁଖ୍ୟମନ୍ତ୍ରୀ ତଥା ପୂର୍ବ ସରକାର ବିରୋଧୀ ଦଳର ମୁଖ୍ୟ ସଚେତକ ଥିଲେ, ସେତେବେଳେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଯଦି ଛତିଶଗଡ଼, ରାଜସ୍ଥାନ ପୁରୁଣା ପେନସନ କରିପାରୁଛନ୍ତି, ତାହେଲେ ଓଡ଼ିଶା ସରକାର କାହିଁକି କରିପାରିବେନି । ଏହା କେବଳ ସରକାରଙ୍କର ଆନ୍ତରିକତାର ଅଭାବ ବୋଲି କହିଥିଲେ । ଏବେ ଯେହେତୁ ନିଜେ ମୁଖ୍ୟମନ୍ତ୍ରୀ ଓଡ଼ିଶାର କର୍ମଚାରୀ ଆଶା ରଖିଛନ୍ତି ରାଜ୍ୟ ସରକାର ନିଶ୍ଚିତ ପୁରୁଣା ପେନସନ ଲାଗୁ କରିବେ । ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ନୂତନ ପେନ୍ସନ୍ ସ୍କିମ୍ (ଏନ୍‌ପିଏସ୍) ପରିବର୍ତ୍ତେ ପୁରୁଣା ପେନ୍ସନ ସ୍କିମ୍ (ଓପିଏସ୍) ଲାଗୁ କରିବା ପାଇଁ ସମସ୍ତେ ଏକ ସ୍ୱରରେ ଶପଥ ନେଇଥିଲେ । କେନ୍ଦ୍ର ସରକାର ୨୦୦୪ ମସିହାରେ ଓ ରାଜ୍ୟ ସରକାର ୨୦୦୫ ମସିହାରେ ପୁରୁଣା ପେନ୍ସନ୍ ଉଚ୍ଛେଦ କରି ନୂତନ ପେନ୍ସନ୍ ବ୍ୟବସ୍ଥା ଲାଗୁ କରିଥିଲେ । ଫଳରେ ହଜାର ହଜାର ସରକାରୀ କର୍ମଚାରୀ ୩୦ରୁ ୩୫ ବର୍ଷ ଚାକିରି କରି ଅବସର ପରେ ୧୦୦୦ରୁ ୧୨୦୦ ଟଙ୍କା ପେନ୍ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଯେତେବେଳେ କି ବିଧାୟକ ଓ ସାଂସଦଙ୍କର ପୁରୁଣା ପେନ୍ସନ୍ ପୂର୍ବପରି ପାଉଛନ୍ତି । ନିକଟରେ କେନ୍ଦ୍ର ସରକାର ଏକ କମିଟି କରି ଏନ୍‌ପିଏସ୍ ଉଚ୍ଛେଦ କରିବା ପରିବର୍ତ୍ତେ ୟୁପିଏସ୍ ଘୋଷଣା କରିଥିଲେ । ତାହାକୁ ଓଡ଼ିଶା ସମେତ ସବୁ ରାଜ୍ୟ ବିରୋଧ କରିଥିଲେ ଏବଂ କେନ୍ଦ୍ର ସରକାରଙ୍କ ଏନପିଏସ୍‌ରୁ ୟୁପିଏସ୍‌କୁ ପରିବର୍ତ୍ତନ କରିବା ଲାଗି ଦୁଇ ପ୍ରତିଶତ କର୍ମଚାରୀ ସମ୍ମତି ହୋଇଛନ୍ତି । ଏଥିରୁ ସ୍ପଷ୍ଟ ଅନୁମାନ ଯେ, ଓଡ଼ିଶା ସମେତ ସମସ୍ତ ରାଜ୍ୟ କେବଳ ପୁରୁଣା ପେନ୍ସନ୍ ଚାହୁଁଛନ୍ତି । ବିଭିନ୍ନ ରାଜ୍ୟ ଯଥା ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳ ପ୍ରଦେଶ ରାଜ୍ୟ କର୍ମଚାରୀମାନଙ୍କର ଗରୁତର ସ୍ୱାର୍ଥ ଦୃଷ୍ଟିରୁ ପୁରୁଣା ପେନ୍ସନ ଲାଗୁ କରିଛନ୍ତି । ଅନ୍ୟ ରାଜ୍ୟ ଉତ୍ତରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ରର ରାଜ୍ୟ ସରକାରମାନେ ଏକ କମିଟି ଗଠନ କରି ପୁରୁଣା ପେନ୍ସନ୍ ଲାଗୁ କରିବାକୁ ଅଗ୍ରସର ହେଉଛନ୍ତି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତା

**ରାୟଗଡ/ରାମନାଗୁଡ଼ା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାୟଗଡ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ୨୭ତାରିଖ ରାମନାଗୁଡା ବ୍ଲକ ପରିସରରେ ଜିଲ୍ଲାପାଳ, ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ, ଉପଖଣ୍ଡ ସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ଶପଥ ପାଠ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରାୟଗଡ ଆଶୁତୋଷ କୁଲକର୍ଣ୍ଣି, ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଅଭିଷେକ ଦିଲୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ୍ତ କୁମାର, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ ଠାରେ ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଉପସ୍ଥିତିରେ ସମସ୍ତ କର୍ମଚାରୀ ଓ ପଦାଧିକାରୀଙ୍କୁ ମାର୍ଗ ଦୁର୍ନୀତି ନିବାରଣ ଉପରେ ମାର୍ଗ ଦର୍ଶନ କରି ଶପଥ ପାଠ କରାଇଥିଲେ । ସେହିପରି ଜିଲ୍ଲାର ସମସ୍ତ କାର୍ଯ୍ୟାଳୟମାନଙ୍କରେ କର୍ମଚାରୀମାନେ ଶପଥ ପାଠ କରିଥିଲେ ।



## କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ

**ରାଜନଗର:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟଶମ୍ଭୁ ନୋଡାଲ କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷକ କଳ୍ପତରୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବେ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧାପିକା ତନୁ ଶ୍ରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ସମରେନ୍ଦ୍ର ସାହୁ, ପ୍ରଧାନ ପଣ୍ଡିତ ରତ୍ନାକର ଦାସ, ଅନ୍ତର୍ଯ୍ୟାମୀ ପଢିହାରୀ, ଶ୍ୟାମସୁନ୍ଦର ନାଥ, ଗିତାଞ୍ଜଳୀ ଜେନା ଯୋଗଦେଇଥିଲେ । ଏହି କ୍ଲଷ୍ଟରର ୧୪ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସିଆରସିସି ବୈଲୋଚନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶଶ୍ମିତା ମହାନ୍ତି, ଶିକ୍ଷକ ଦିଲିପ ସ୍ୱାଇଁ ଗୋବିନ୍ଦ ଚନ୍ଦ୍ର ଦଣ୍ଡପାଟ, ଅଶୋକ ହାତୀ, ଗୋପାଳ ସିଂ ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମୃତିରେଖା ଲେଙ୍କା, ଅନସୂୟା ସାମଲ, ସୁଚି ସ୍ମିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜ୍ଞାନ, କଳା ଓ ହସ୍ତକଳାର ଚିତ୍ତାକର୍ଷକ ପ୍ରଦର୍ଶନୀ

**କେନ୍ଦ୍ରାପଡ଼ା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଉପକଣ୍ଠରେ ଅବସ୍ଥିତ ଏହି ଜିଲ୍ଲାର ଏକମାତ୍ର ଆଇସିଏସିଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସେଣ୍ଟଯୋସେଫ୍ ସ୍କୁଲର ବାର୍ଷିକ ବିଜ୍ଞାନ, କଳା ଓ ହସ୍ତକଳାର ଚିତ୍ତାକର୍ଷକ ପ୍ରଦର୍ଶନୀ ଗତ ଶନିବାର ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟର ବିଭିନ୍ନ କକ୍ଷ ମଧ୍ୟରେ ଆୟୋଜିତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ନବକିଶୋର ଦିଗାଲ୍, ବିଦ୍ୟାଳୟର ମ୍ୟାନେଜର ଫାଦର ରମେଶ ବଳିଆର ସିଂହ ଏବଁ ବିଦ୍ୟାଳୟର ଉପଦେଷ୍ଟା ସିଷ୍ଟର ମାନସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା । ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବରେ ମେହେନ୍ଦିପୁର ସ୍ଥିତ ଲାଲ୍ ବାହାଦୁର ହାଇସ୍କୁଲର ଇଂରାଜୀ ବିଭାଗ ମୁଖ୍ୟ ସମ୍ମାନନୀୟ ପ୍ରକାଶ କୁମାର ବେହେରା ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, କଳା ଓ ହସ୍ତକଳା ସମ୍ପର୍କିତ ମୂଲ୍ୟବାନ ଓ ସାରଗର୍ଭକ ଉପଦେଶ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ବିଭାଗ ଯଥା ବିଜ୍ଞାନ ବିଭାଗ, ଫିଜିକ୍ସ, କେମେଷ୍ଟ୍ରି, ବାୟଲୋଜି, କଳା ବିଭାଗ, ଇଂରାଜୀ, ଗଣିତ, ସାମାଜିକ ବିଜ୍ଞାନ, ଇତିହାସ, ଭୂଗୋଳ ତଥା କମ୍ପ୍ୟୁଟର ଏବଂ ଚିତ୍ରାଙ୍କନ ଓ ବିଭିନ୍ନ ହସ୍ତକଳାର ସର୍ବମୋଟ ୧୧୮ଟି ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ କଟକ ଓ ଭୁବନେଶ୍ୱର ସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୨୫ ଜଣ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରଦର୍ଶନୀ ଗୁଡିକର ମୂଲ୍ୟାଙ୍କନ କରିଥିଲେ । କୋମଳମତି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ରାଙ୍କନ ଓ ହସ୍ତକଳା ଗୁଡିକ ବେଶ୍ ଚିତ୍ତାକର୍ଷକ ଥିଲା । ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନୀରେ ସନ୍ତୋଷତା ପ୍ରକାଶ କରିଥିଲେ । ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ବିଜ୍ଞାନ, କଳା ଓ ହସ୍ତକଳା ପ୍ରଦର୍ଶନୀର ମୁଖ୍ୟ ଆୟୋଜିକା ସୁସ୍ମିତା ମିଶ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ସଭ୍ୟସଭ୍ୟାଙ୍କ ମିଳିତ ଉଦ୍ୟମରେ ସେଣ୍ଟଯୋସେଫ୍ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ବିଜ୍ଞାନ, କଳା ଓ ହସ୍ତକଳା ପ୍ରଦର୍ଶନୀ ଉଚ୍ଚକୋଟିର ମାନ୍ୟତା ପାଇବା ସଙ୍ଗେ ସଫଳତା ଲାଭ କରିଥିଲେ । କେନ୍ଦ୍ରାପଡା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର୍ ରଞ୍ଜିତ କୁମାର ଦାସ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଭୁବନେଶ୍ୱର କେଟି ଗ୍ଲୋବାଲ ସ୍କୁଲ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପି.ଚନ୍ଦ୍ରଶେଖର, କେନ୍ଦ୍ରାପଡା ବାରୋ ନବୋଦୟ ସ୍କୁଲ ପିଜିଟି ଶିକ୍ଷକ ପି. ଘଡେଇ ଓ ରସାୟନ ବିଜ୍ଞାନ ପିଜିଟି ଶିକ୍ଷକ ଜିଏସ୍ ସାହୁ, କେନ୍ଦ୍ରାପଡା ମହାବିଦ୍ୟାଳୟ ଅଧ୍ୟାପକ ଆକାଶ କୁମାର ପଣ୍ଡା, ଭୁବନେଶ୍ୱର କେଟି ଗ୍ଲୋବାଲ ସ୍କୁଲ ଜିବ ବିଜ୍ଞାନ ଅଧ୍ୟାପକ ଶଶାଙ୍କ ଶେଖର ସିଂ ଓ କେନ୍ଦ୍ରାପଡା ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, କମ୍ପ୍ୟୁଟରରେ ଭୁବନେଶ୍ୱର କେଟି ଗ୍ଲୋବାଲ ସ୍କୁଲ ଶିକ୍ଷକ ମନୋରଞ୍ଜନ ସାହୁ ଓ କେନ୍ଦ୍ରାପଡା ମୁଖ୍ୟଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଆର୍ଥିକ ପରିବହନ ସହାୟକ ବିଦ୍ୟାଧର ବେହେରା, ଗଣିତରେ କେନ୍ଦ୍ରାପଡା ଅଙ୍କୁର ଶିକ୍ଷା ନିକେତନର ପୂର୍ବତନ ଉପାଧ୍ୟକ୍ଷ ଗଣେଶ୍ୱର ସାହୁ, ସେଣ୍ଟଯୋସେଫ ସ୍କୁଲର କିଶୋର କୁମାର ସାହୁ, ବିଜ୍ଞାନରେ ଜିଲ୍ଲା କମିଶନର ସ୍କାଉଟ୍ ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପିତବାସ ପଣ୍ଡା ଓ ସେଣ୍ଟଯୋସେଫ ସ୍କୁଲର ପ୍ରହ୍ଲାଦ ପାତ୍ର, ସାମାଜିକ ବିଜ୍ଞାନରେ ବାରିମୂଳ ପଞ୍ଚାୟତ ଉଚ୍ଚବିଦ୍ୟାଳୟ କଳା ସାମାଜିକ ବିଜ୍ଞାନର ଟିଜିଟି ଶିକ୍ଷକ ରେଖାଞ୍ଜଳି ବେହେରା ଓ ସେଣ୍ଟ ଜୋସେଫ ସ୍କୁଲ ମାନସ ରଞ୍ଜନ ମହାପାତ୍ର, ହସ୍ତଶିଳ୍ପରେ କେନ୍ଦ୍ରାପଡା ବ୍ଲକ୍ କ୍ଲଷ୍ଟର ଜୁଡିଆଳ ଶ୍ରୀ ଜଗନ୍ନାଥ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଜୟଶ୍ରୀ ସାହୁ, କଳାରେ ଏଣ୍ଡର ୟୁଜିୟୁପି ସ୍କୁଲ କଳା ଶିକ୍ଷକ ହିମାଂସୁ କୁମାର ଦାସ, ଇଂରାଜୀରେ ମେହେନ୍ଦିପୁର ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ସେଣ୍ଟ ଯୋସେଫ ସ୍କୁଲର ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## ଗ୍ରାମବାସୀଙ୍କ ଅଭିଯୋଗକୁ ବିଡିଓଙ୍କ ଦବଙ୍ଗଗିରି

**ବୈଶିଙ୍ଗା:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଦବଙ୍ଗ ବିଡିଓଙ୍କ ଦବଙ୍ଗଗିରି ବ୍ଲକର ଅଞ୍ଚଳବାସୀଙ୍କୁ ହତଚକିତ କରିଦେଇଛି । ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣିବା ପରିବର୍ତ୍ତେ ପ୍ରଶାସନ ଏବଂ ଠିକାଦାର ପକ୍ଷରୁ ଜୋର ଜବରଦସ୍ତ ଚାଲୁଛି ନିର୍ମାଣ କାର୍ଯ୍ୟ ଓ ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ । ସୂଚନା ମୁତାବକ ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ଅଧୀନ ରଘୁପୁର ଗ୍ରାମରେ ଦଶ ଲକ୍ଷ ଟଙ୍କା ବିନିମୟରେ ଏକ ଫେସିଲିଟି ସେଣ୍ଟର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଥିଲା । ରଘୁପୁର ଗ୍ରାମରେ ମେଳା ମହୋତ୍ସବ କିମ୍ବା ସଭାସମିତି ପାଇଁ ପର୍ଯ୍ୟାପ୍ତ ଜାଗା ନଥିବା ଏବଂ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଉକ୍ତ ଗ୍ରାମର ଗ୍ରାମବାସୀମାନେ ବେତନଟୀ ବିଡ଼ିଓ ସୁଶାନ୍ତ ସୁତାରଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ ଖାତିର ନକରି ସମ୍ପୃକ୍ତ ଠିକାଦାର ଜଣକ ଜୋରଜବରଦସ୍ତ ସେଠାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମ୍ପୃକ୍ତ ଠିକାଦାର ମନୋଜ ଜଣକ ସରକାରୀ ଦଳର ପଦ ପଦବୀରେ ଥିବାରୁ ଦଳୀୟ ଚାପରେ ଚେପା ହୋଇ ପ୍ରଶାସନ ନିରବ ରହୁଥିବା ଅଭିଯୋଗ ହେଉଛି । ତେବେ ଗ୍ରାମବାସୀଙ୍କ ଅଭିଯୋଗକୁ ବେତନଟୀ ବିଡ଼ିଓ ଭୃକ୍ଷେପ ନକରି ସମ୍ପୃକ୍ତ ଯୁବକଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଉଛନ୍ତି ଏବଂ କାହା ଚାପରେ ଚେପା ପ୍ରଶାସନ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଗ୍ରାମବାସୀଙ୍କ କହିବା କଥା କି ଠିକାଦାର ମନୋଜ ବିଧାୟକଙ୍କ ଲୋକ ଓ ତେଣୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ବିଧାୟକଙ୍କ ହାତ ବାରିସୀ ସାଜିଥିବା ବିଡିଓ ମହାଶୟ ଏବେ ଧରାକୁ ସରା ଭାବୁଛନ୍ତି । ଯଦି ବ୍ଲକ କର୍ତ୍ତୃପକ୍ଷ ଏହାର ଖୁବଶୀଘ୍ର ସମାଧାନ ନକରନ୍ତି ତେବେ ଗ୍ରାମବାସୀ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ନତପୁର ପଞ୍ଚାୟତର ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟ ଏବଂ ଶିଳପୁରିଆ ଗ୍ରାମର ଗ୍ରାମ୍ୟ ରାସ୍ତା ଅନୁରୂପ ଭାବେ ବିଧାୟକଙ୍କ ଚାପରେ କାର୍ଯ୍ୟ ହେଉଥିବାରୁ ତିନି ତିନି ଥର କାର୍ଯ୍ୟ ଫଳକ ଭଙ୍ଗାଯିବା ପରେ ଉତ୍ତେଜନା ଜାରି ରହିଛି । ଆଉ ଗୋଟିଏ କାର୍ଯ୍ୟ ସନ୍ତରା ପଞ୍ଚାୟତର ତିଳପଦା ଗ୍ରାମର ଡ୍ରେନ୍ ନିର୍ମାଣ ପାଇଁ ଉତ୍ତେଜନା ଲାଗି ରହିଛି । ବିଡ଼ିଓ ଏବଂ ସହକାରୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ଗ୍ରାମବାସୀଙ୍କୁ ଭୟଭୀତ କରିବା ସହିତ ବିରୋଧ କରିଲେ ସମସ୍ତଙ୍କୁ ପୋଲିସ୍ ଦ୍ୱାରା ବାନ୍ଧି ନିଆଯିବ । ଏହି ଘଟଣାକୁ ନେଇ ବିଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ କହିଲେ ମୁଖ୍ୟମନ୍ତ୍ରୀଙ୍କ କାମ ଯିଏ ବିରୋଧ କରିବ ସେ ଦଣ୍ଡିତ ହେବ ଏବଂ ଯାହାକୁ ଦାୟିତ୍ୱ ଦିଆଯାଇଛି ସେ ହିଁ କାମ କରିବ । ବିଡିଓଙ୍କର ଏତାଦୃଶ କାର୍ଯ୍ୟ ପାଇଁ ସାରା ବ୍ଲକରେ ଅଶାନ୍ତି ଦେଖାଦେଇଛି ।


**Affidavit**

By virtue of an affidavit sworn before The Executive Magistrate, Sukinda, Jajpur, Dated: 24/10/2025, I, Ashok Rout, resident of Vill-Raitikar, Po- Pingal, Ps-Kalinganagar, Block-Sukinda, Dist-Jajpur, Pin-755026, Odisha declare that I have changed name of my son from Chandra Kanta Rout to Purna Chandra Rout. Henceforth, he shall be known as Purna Chandra Rout for all purposes.


## ସଂସ୍କୃତ ପରିଷଦର ମାସିକ ଅଧିବେଶନ

**ବଲାଙ୍ଗିର:୨୭।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ ଆଇନଜିବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କେଶବ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅହଂ ଭାବରକୁ ପ୍ରଭାବ ଓ ଏହାର ଦୂରୀକରଣର ସରଳ ସମାଧାନ ସୂତ୍ର ସମାଧାନ ସୂତ୍ର ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥ ମୁଖ୍ୟଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ ଅହଙ୍କାର ଶୂନ୍ୟ ହେବା ସହଜ କଥା ନୁହେଁ । ନିଜକୁ ବାଲିଗରଡା ପରି ଧୈର୍ଯ୍ୟଶୀଳ ହେବା ସହିତ ମଣିଷ ଜିବନର ସାର୍ଥକତା ରକ୍ଷା କରିବା ସହ ପଦଯାତ୍ରାର ସୁପ୍ରଭାବ, ନିଜର ଅନୁଭୂତିରୁ ବର୍ଣ୍ଣନା କରି ଅହଙ୍କାର ଠାରୁ ନିଜକୁ ଦୂରେଇ ରହିବା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ରାଜ କିଶୋର ପଣ୍ଡା ଗତ ଅଧିବେଶନର ବିବରଣୀ ପଠନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅଧିବେଶନରେ ସିତାଂଶୁ ଶେଖର ନାୟକ, ବ୍ରଜ କିଶୋର ପଣ୍ଡା, ପର୍ଶୁରାମ ନାୟକ, ଯୁଧିଷ୍ଠିର ପଣ୍ଡା, ବିଘ୍ନରାଜ ମିଶ୍ର, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବାମା ବଲ୍ଲଭ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ଭସାଣିରେ ହିଂସା ଘଟଣା: କ୍ଷତି ପୂରଣ ଦାବି କଲା ଏଆଇପିଏମଏମ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକରେ ଦୁର୍ଗାପୂଜା ଭସାଣି ସମୟରେ ଯେଉଁ ହିଂସା ହୋଇଥିଲା, ତାହାର କ୍ଷତିପୂରଣ ଦାବି କରିଛି ଏଆଇପିଏମଏମ ସଂଗଠନ। ହିଂସା ପଛରେ ଯାହାବି କାରଣ ଥାଉ, ଏଥିରେ କିନ୍ତୁ ଅନେକ କ୍ଷୁଦ୍ର ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରେ ଅନେକ ମହିଳା କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଅଛନ୍ତି। ଏମାନେ ଛୋଟ ଛୋଟ ବ୍ୟବସାୟ ପ୍ରତିଷ୍ଠାନ କରିଥାରେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗତ ୫ ତାରିଖ ଅପରାହ୍ନରେ ଅନେକ ଅସାମାଜିକ ବ୍ୟକ୍ତି ଦରଘାବଜାର ଓ ଗୌରୀଶଙ୍କର ପାର୍କ ନିକଟରେ ବ୍ୟାପକ ପୋଡ଼ାଜଳା କରିଥିଲେ। ଯେଉଁଥିରେ ଅନେକ ଦୋକାନୀ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ହିଂସାକାଣ୍ଡରେ ଏମାନଙ୍କର କୌଣସି ପ୍ରକାରର ସଂପୃକ୍ତି ନଥିଲା। କିନ୍ତୁ ସବୁ କ୍ଷତି ଏମାନଙ୍କୁ ସହିବାକୁ ପଡ଼ିଛି। ତେଣୁ ରାଜ୍ୟ ସରକାର ଏହି କ୍ଷତି ଭରଣ କରନ୍ତୁ ବୋଲି ସୋମବାର ଜିଲ୍ଲାପାଳଙ୍କ ନିକଟରେ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ପାଚିଲା ଧାନ ଲହଡି ଭାଙ୍ଗୁଛି ବାତ୍ୟା ଆଶଙ୍କାରେ ଚାଷୀକୂଳ



**ଜଲେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଅନୁକୂଳ ପାଗରେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଉନ୍ନତ ଧାନ ଫସଲ ଫଳିଛି। ୧୦/୧୫ ଦିନ ଭିତରେ ସୁନାର ଫସଲ ଅମଳ ହେବାକୁ ଥିବା ବେଳେ, ବାତ୍ୟା 'ମୋନ୍ଥା' ଚିନ୍ତାରେ ଚାଷୀକୂଳ ଆଶା ଆଶଙ୍କାରେ ରହିଛନ୍ତି। ଜଳେଶ୍ୱର ବ୍ଲକ କୃଷି କ୍ଷେତ୍ର ୨୨ହଜାର ୨୦୦ଶହ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ସମ୍ଭାବିତ ବାତ୍ୟା ପ୍ରଭାବରେ ଫଳିଥିବା ଧାନ ଫସଲ, ଖଳାକୁ ଆସିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ପାଣି ପାଗ କାର୍ଯ୍ୟାଳୟ ସୂଚନା ପ୍ରକାଶ, ଅତିବୃଷ୍ଟି ଅତି ପ୍ରବଳ ବର୍ଷା, ପବନ ଓ ହୋହଲା ପାଗ ସହିତ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଅନୁମାନ କରାଯାଉଛି। ଫଳରେ ଧାନ ଫୁଲ, ସୂର୍ଯ୍ୟ କିରଣ ବିନା, ଆହାର ନଖାଇ ଧାନ ଅଗାଡ଼ି ହେବାର ଆଶଙ୍କା ଦେଖା ଦେଉଛି। ଏହା ସହିତ ଧାନ ଗଛ ଜମିରେ ଶୋଇଯିବା ଫଳରେ, ଧସା, ପଚା ରୋଗ ଇତ୍ୟାଦି ରୋଗ ଲାଗି ବ୍ୟାପକ ଧାନ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ କହିଛନ୍ତି। ୧୫ ଶହ ୧୦ ହେକ୍ଟର ପନି ପରିବା ଚାଷ ହୋଇଥିବା ବେଳେ ତାହା ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଲଗାତାର ୬ଥର ବନ୍ୟା ଯୋଗୁଁ କୃଷକମାନେ ବ୍ୟାପକ କ୍ଷତି ସହିଥିଲେ। ଏବେ ଜଳରେ ପନି ପରିବାର, ଚଢ଼ା ଦର ରହିଥିବା ବେଳେ, ନୂଆ ଲଗା ଯାଇଥିବା ପରିବା ଚାରା ନଷ୍ଟ ହେଲେ ପରିସ୍ଥିତି ଜଟିଳ ହେବ ବୋଲି ପରିବା ଚାଷୀ ଓ ଖାଉଟି ଆଶଙ୍କା କରିଛନ୍ତି। ନିକଟରେ ଗର୍ଭଣା ସଂକ୍ରାନ୍ତିରେ ନିରୋଗ ଓ ଅଧିକ ଫସଲ ଅମଳ ଆଶାରେ ପୂଜାର୍ଚ୍ଚନା କରିଥିବା ବେଳେ ବାତ୍ୟା 'ମୋନ୍ଥା' ପ୍ରଭାବ ନେଇ ଚାଷୀ କୂଳ ପ୍ରକୃତି ଦେବତାଙ୍କୁ ପ୍ରାର୍ଥନା କରୁଛନ୍ତି।

## ମହାନଦୀକୁ ଡେଇଁଥିବା ମହିଳା ଜୀବନ୍ତ ଉଦ୍ଧାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଯୋବ୍ରା ବ୍ୟାରେଜରୁ ମହାନଦୀକୁ ଡେଇଁ ପଡ଼ିଥିବା ଜଣେ ମହିଳାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ଜଣେ ମହିଳା ଯୋବ୍ରା ବ୍ୟାରେଜରୁ ମହାନଦୀକୁ ଡେଇଁ ପଡ଼ିଥିବା ସୂଚନା ଚାଉଳିଆଗଂଜ ଅଗ୍ନିଶମ ବିଭାଗ ନିକଟକୁ ଖବର ଆସିଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହେଲେ ପୂର୍ବରୁ ସ୍ଥାନୀୟ ମତ୍ସ୍ୟଜୀବିମାନେ ମହିଳାଙ୍କୁ ଜୀବିତ ଉଦ୍ଧାର କରିଥିଲେ। ଅଗ୍ନିଶମ ବାହିନୀ ସ୍ଥାନୀୟ ବାସିନ୍ଦାଙ୍କ ସହିତ ତୁରନ୍ତ ମହିଳାଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଏହାପରେ ମହିଳାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମହିଳାଜଣକ ହେଲେ ମାହେଶ୍ୱରୀ ପାଣ୍ଡେ (୩୭)। ସେ ସ୍ଥାନୀୟ ବକ୍ସିବଜାର ବେପାରୀ ସାହିର ବାସିନ୍ଦା ବୋଲି ପୋଲିସ ସୂଚନା ଦେଇଛି।

## ନୂଆଁଖାଇ ଭେଟଘାଟରେ ଝୁମିଲା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅତ୍ୟନ୍ତ ହର୍ଷୋଲ୍ଲାସ ମଧ୍ୟରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇକୋ କ୍ଲବ୍ ଓ ଐତିହ୍ୟ କ୍ଲବ୍ ସହଯୋଗରେ ଆୟୋଜିତ ଦିବସବ୍ୟାପୀ ଏହି ଭେଟଘାଟ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ଡ. ତେଜପ୍ରତାପ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଏହା ରାଜ୍ୟର ସଭ୍ୟତା ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ତଥା ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପାର୍ଥସାରଥି ମିଶ୍ର, ସୀମା ତ୍ରିପାଠୀ, ସ୍ୱାଧୀନ ମହାନ୍ତି, ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ମେଣ୍ଟର ଥିବାବେଳେ ଛାତ୍ର ସୌମ୍ୟଦର୍ଶୀ ପ୍ରୟାସ ପ୍ରଧାନ ସଂଯୋଜକ ଦାୟିତ୍ୱରେ ଥିଲେ। ରିତେଶ ନାୟକ ଲୋକସମ୍ପର୍କ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶୀ ନୃତ୍ୟ ପ୍ରଦର୍ଶନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପରେ ପରେ ସମବେତ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ସମ୍ବଲପୁରୀ ଆଉଟ୍ ଫିଟରେ ରାମ୍ପ୍ ୱାକ୍, ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କବିତା ଆବୃତି ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏଥିସହ ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ କଳାକାର ଜେଆରଏମ୍ ବାୱା, ଦ ଆର୍ ସ୍କ ?ୟାର୍ ଏସ୍, ହାପି ଷ୍ଟିଡ୍, ଅଙ୍କିତ ରାଜ୍ ଏବଂ ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ରଙ୍ଗାରଙ୍ଗ ପ୍ରଦର୍ଶନ ସାଙ୍ଗକୁ ଶରଧାପାଲି ଶରଗମାଲି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ସୁସ୍ୱାଦୁ ଫୁଡ୍ ଷ୍ଟଲ୍ ଗୁଡ଼ିକରେ ମଧ ଉପସ୍ଥିତ ଖାଦ୍ୟପ୍ରେମୀମାନେ ଭିଡ଼ ଜମାଇଥିଲେ।

# ମହିଳାଙ୍କ ମଦ ବିରୋଧୀ ଅଭିଯାନ

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ନବକିଶୋରପୁର ପଞ୍ଚାୟତରେ ଆଜି ଶହଶହ ମହିଳା ମଦ ବିରୋଧି ଆନ୍ଦୋଳନରେ ସାମିଲ ହୋଇ ପଞ୍ଚାୟତରୁ ସମ୍ପୂର୍ଣ୍ଣ ଭାବେ ମଦର ବହୁଳ ବ୍ୟବହାରକୁ ରୋକିବା ସହିତ ଏ ଦିଗରେ ସଚେତନ ହେବା ପାଇଁ ରାସ୍ତାରେ ପ୍ଲା କାର୍ଡ ସହିତ ସାଉଣ୍ଡ ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ପଞ୍ଚାୟତ ସରପଞ୍ଚ ରୋଜାଲିନ ସାମଲଙ୍କ ନେତୃତ୍ୱରେ ଆଜି ନବକିଶୋରପୁର ଗ୍ରାମର ବହୁ ମହିଳା ସ୍ୱୟଂ ସହାୟିକା ସଂଘର ସଦସ୍ୟାମାନେ ରାସ୍ତାର ଉଭୟ ପାର୍ଶ୍ୱରେ ମଦ ବିରୋଧି ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲା କାର୍ଡ ଧରି କପି ସାହି, କଳାଙ୍ଗ, ଫାସିଙ୍ଗା ଆଦି ଗ୍ରାମକୁ ଯାଇ ମହିଳାମାନଙ୍କୁ ଏକଯୁଟ କରି ଏ ଦିଗରେ ସକ୍ରିୟ ରହିବାକୁ ସମସ୍ତଙ୍କୁ ବଜ୍ର ଶପଥ କରାଇଥିଲେ। ବହୁ ମହିଳା ଏଥିରେ ପ୍ରେରଣା ପାଇ ଏଥିରେ ଯୋଗଦେଇ ମଦ ବିରୋଧି ଆନ୍ଦୋଳନକୁ କ୍ରିୟାଶିଳ ହେବାକୁ ନିଷ୍ପତ୍ତି ନେଇଥିଲେ। ପଞ୍ଚାୟତର ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହନ୍ତ ସେଥିରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ଉପସ୍ଥିତ ରହିଥିଲେ।



ସୂଚନାଯୋଗ୍ୟ ଯେ ହିନ୍ଦୋଳ ଉପଖଣ୍ଡର ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଗାଁ ଗଣ୍ଡାରେ ଦେଶୀ ରନ୍ଧା ମହୁଲି, ପାଉଚ୍ ଓ ବିଦେଶୀ ମଦ କାରବାର ମାତ୍ରାଧିକ ବଢ଼ିଥିବା ବେଳେ ଏହାକୁ ପାନ କରି ଅନେକ ବ୍ୟକ୍ତି ବିପଥଗାମୀ ହେଉଥିବା ଲକ୍ଷ୍ୟ କରାଯାଉଛି। ଘରେଘରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଜଣାଯାଉଛି। ଏହାକୁ ରୋକିବା ଦିଗରେ ସ୍ଥାନୀୟ ଅବକାରୀ ବିଭାଗ ନେଉଥିବା ପଦକ୍ଷେପ ନାମକୁ ମାତ୍ର ରହୁଥିବାରୁ ମଦ୍ୟପ ଅଭିଯୁକ୍ତମାନେ କୋର୍ଟ ଚାଲାଣ ହେବା ପରେ ପୁନର୍ବାର ଜାମିନ ପାଇ ଘରେ ଓ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେହିଭଳି କେତେକ ସ୍ଥାନରେ ବେଆଇନ ଭାବେ ବିଦେଶୀ ମଦ ପ୍ରସ୍ତୁତ କରାଯାଇ ଏହାର ବହୁଳ କାରବାର ଆରମ୍ଭ ହେଉଥିବାବେଳେ କୌଣସି ପ୍ରକାର ବିଭାଗୀୟ ନଜର ପଡ଼ିବାରୁ କେତେକାଂଶରେ ରୋକାଯାଇ ପାରିଛି। ଏହାକୁ ସଂପୂର୍ଣ୍ଣ ବନ୍ଦ କରାଗଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କର୍ମଚାରୀଙ୍କ ଶପଥ ଗ୍ରହଣ

**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**

ସତର୍କତା ସଚେତନତା ସପ୍ତାହ–୨୦୨୫ ଅବସରରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅଲୋକ ତ୍ରିପାଠୀ ଆଜି ପୂର୍ବାହ୍ନରେ ରେଳମଣ୍ଡଳ କାର୍ଯ୍ୟାଳୟରେ ସତର୍କତା ଶପଥ ସମ୍ବନ୍ଧରେ ରେଳ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥ ଦ୍ୱାରା ରେଳ କର୍ମଚାରୀମାନେ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ଉନ୍ନତି ପାଇଁ ସତ୍ୟନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟପଦ୍ଧତି ପାଳନ କରି ଦୁର୍ନୀତିକୁ ମୂଳରୁ ଲୋପ କରିବା ନିମନ୍ତେ ଅତୁଟ ସଙ୍କଳ୍ପ ନେଇଥିଲେ।



୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ଅନୁଷ୍ଠିତ ହେଉଛି ଏବଂ ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ସତର୍କତା: ଆମର ସଂଯୁକ୍ତ ଦାୟିତ୍ୱ' ଅନୁସାରେ ପାଳନ କରାଯାଉଛି ଯାହାକି ସମସ୍ତଙ୍କ ମଧ୍ୟରେ ନୈତିକତା ଓ ଏକତାର ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି। ଏହି ସପ୍ତାହ ଅବଧିରେ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ରେଳ କର୍ମଚାରୀ ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହାତକୁ ନେଇଛି। ବିଭିନ୍ନ ରେଳ କାର୍ଯ୍ୟାଳୟ, ଷ୍ଟେସନ ଓ ଡିପୋଗୁଡ଼ିକରେ ସେମିନାର, ୱର୍କଶପ୍, ନିବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଓ ଜାଗୃକତା ଅଧିବେଶନ ଆୟୋଜନ ହେଉଛି। ଏହା ସହିତ, ବ୍ୟାନର, ପୋଷ୍ଟର, ରାସ୍ତା ନାଟକ ଓ ନାଟ୍ୟ ପ୍ରଦର୍ଶନ ମାଧ୍ୟମରେ ରେଳ କର୍ମଚାରୀ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ସତର୍କତା ସଚେତନତା ସୃଷ୍ଟି କରାଯାଉଛି। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକମାନେ, ଶାଖା ଅଧିକାରୀମାନେ, ବରିଷ୍ଠ କର୍ମଚାରୀ ଓ ରେଳ କର୍ମଚାରୀ ମାନେ ଯୋଗଦେଇଥିଲେ। ଅଲୋକ ତ୍ରିପାଠୀ ଏହି ଅବସରରେ କହିଲେ ଯେ, ସତର୍କତା କେବଳ କିଛି ବିଭାଗର ଦାୟିତ୍ୱ ନୁହେଁ ବରଂ ଏହା ସମସ୍ତ କର୍ମଚାରୀଙ୍କର ସାଧାରଣ ଦାୟିତ୍ୱ ଯାହା ଦ୍ୱାରା ରେଳ ବ୍ୟବସ୍ଥାରେ ପାରଦର୍ଶିତା ଓ ଦୁର୍ନୀତି ମୁକ୍ତ ଶାସନ ସୁନିଶ୍ଚିତ ହେବ।

## ଜାତୀୟ ସ୍ତରରେ ଚମକିଲେ କେନ୍ଦୁଝରର ଝିଅ ବୈଷ୍ଣବୀ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝରର ଝିଅ ବୈଷ୍ଣବୀ ଗୁପ୍ତା ଗୁଜରାଟର ସୁରଟଠାରେ ଅନୁଷ୍ଠିତ ୧୬ତମ ଜାତୀୟ କୁଡୋ ପ୍ରତିଯୋଗିତାର କନିଷ୍ଠବର୍ଗରେ ସ୍ୱର୍ଣ୍ଣପଦକ ଜିତି ଜିଲ୍ଲା ଓ ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। କେନ୍ଦୁଝରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଚତୁର୍ଥଶ୍ରେଣୀର ଛାତ୍ରୀ ବୈଷ୍ଣବୀଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିବା ବିଦ୍ୟାଳୟ ଏବଂ ଜିଲ୍ଲା ପାଇଁ ଏକ ବଡ଼ ଆନନ୍ଦର ମୁହୂର୍ତ୍ତ ଆଣିଦେଇଛି। କେନ୍ଦୁଝର ପୂର୍ବତଟ ରେଳବାଇରେ ଟ୍ରେନ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାରଙ୍କ ଝିଅ ବୈଷ୍ଣବୀଙ୍କ ବିଜୟ ତାଙ୍କ ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବର ପ୍ରମାଣ ଭାବେ ବିଦିତ ହୋଇଛି। ଏହି ଅବସରରେ ଅତ୍ୟନ୍ତ ଖୁସି ପ୍ରକାଶ କରି, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ବୈଷ୍ଣବୀ ଏବଂ ତାଙ୍କ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା କେନ୍ଦୁଝର ଏବଂ ଓଡ଼ିଶାର ଅନେକ ଯୁବ ଖେଳାଳିଙ୍କୁ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

## କିଟରେ ପାରମ୍ପରିକ ଉତ୍ସାହ ସହ ଛଟ ପୂଜା




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

କିଟ୍ ବିଶ୍ୱବିଦ୍ୟାଳୟରେ ଭକ୍ତି ଓ ପାରମ୍ପରିକ ଉତ୍ସାହ ସହିତ ସୋମବାର ଉତ୍ତର ଭାରତର ଗଣପର୍ବ ପବିତ୍ର ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିହାର ଓ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। ପାରମ୍ପରିକ ପୋଷାକ ପିନ୍ଧି ସେମାନେ ସୂର୍ଯ୍ୟ ଭଗବାନଙ୍କୁ ପୂଜା କରିଥିଲେ। ଏହା ଏକ ସ୍ପନ୍ଦନଶୀଳ ଏବଂ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ। ଶ୍ରୀ ସାମନ୍ତ କହିଲେ, ସାରା ଭାରତରେ ଛଟ୍ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଏ। ନିର୍ବାସନରୁ ଫେରିବା ପରେ ମାତା ସୀତା ମଧ୍ୟ ଛଟ୍ ପାଳନ କରିଥିଲେ। ଏହି ପର୍ବ ଗଭୀର ସାଂସ୍କୃତିକ ଓ ଆଧାତ୍ମିକ ଗୁରୁତ୍ୱକୁ ପ୍ରତିଫଳିତ କରେ। ମୁଁ ଖୁସି ଯେ, କିଟର ଛାତ୍ରଛାତ୍ରୀମାନେ ଏହି ଉତ୍ସବକୁ ହୃଦୟର ସହିତ ଗ୍ରହଣ କରି ଛଟ୍ ପୂର୍ବ ପାଳନ କରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ. ଡି., କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ ବିଶ୍ୱବିଦ୍ୟାଳୟର ବହୁ ଅଧିକାରୀ, ଅଧ୍ୟାପକ ଏବଂ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ପୁରୋହିତପୁରରେ ଜନ ଅଭିଯୋଗ ଶୁଣାଣି ଶିବିର

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନ ପୁରୋହିତପୁର ମେଳଣ ପଡ଼ିଆଠାରେ ଅଭିଯୋଗ ଶୁଣାଣୀ ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ବିଧାୟକ ନବ କିଶୋର ମଲ୍ଲିକ୍, ବାଲିଅନ୍ତା ପଞ୍ଚାୟତ ସମିତି ଉପାଧକ୍ଷା ଇତିଶ୍ରୀ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ସମିତି ସଭ୍ୟ ମନୋରଞ୍ଜନ ପ୍ରଧାନ ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୬୬ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୩ଟି, ଭତ୍ତା ସମ୍ବନ୍ଧୀୟ ୧୬ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୪ଟି ଅଭିଯୋଗ ହସ୍ତଗତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ଦ୍ୱାରା ସିଙ୍ଗିରିଶାସନ ଗ୍ରାମର ୭୮ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଗନ୍ଧର୍ବ ଦଳେଇଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

## ପାରାଦୀପ ବନ୍ଦରରେ ସତର୍କତା ସଚେତନତା ସପ୍ତାହ



**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପ ବନ୍ଦର ପକ୍ଷରୁ ଆଜି ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଯାଇଛି। ଏହା ଅକ୍ଟୋବର ମାସ ୨୭ ତାରିଖଠାରୁ ଆରମ୍ଭ ହୋଇ ନଭେମ୍ବର ମାସ ୨ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଚଳିତ ବର୍ଷର ବିଷୟ ବସ୍ତୁ ହେଲା 'ସତର୍କତା ଆମର ସହଭାଗୀ ଦାୟିତ୍ୱ'। ଏହି ଉଦଘାଟନୀ ଉତ୍ସବକୁ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ କର୍ମଚାରୀମାନେ କର୍ମ କ୍ଷେତ୍ରରେ ନିଜର ନୈତିକ ଆଚରଣକୁ ସୁଦୃଢ କରିବା ପାଇଁ ସଚେତନତା ଉପରେ ପ୍ରତିଯୋଗିତା କରାଯାଇଥିଲା। କାନମାସ ପକ୍ଷରୁ ଏକ ପ୍ରଭାବଶାଳୀ ନାଟକ 'ଗଳାବାଟ' ମଧ୍ୟ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଓ ସୁଶାସନର ମୂଲ୍ୟ ବୋଧକୁ ବୁଝିବା ପାଇଁ ସେମାନଙ୍କ ମଧ୍ୟରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୭ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ପ୍ରଭୃତି ଅନେକ କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି ବୋଲି ପାରାଦୀପ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ମିଳିଛି।

## ବ୍ୟାସନଗର କାଳୀପୂଜା ସନ୍ଧ୍ୟାରେ ବଢୁଛି ଭିଡ଼

**ବ୍ୟାସନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବ୍ୟାସନଗର ଗଣପର୍ବ କାଳୀପୂଜା ୮ମ ଦିନରେ ପହଞ୍ଚିଛି। କାଳୀପୂଜା ଶେଷ ହୋଇ ଆସୁଥିବା ବେଳେ ଭିଡ଼ କିନ୍ତୁ ବଢ଼ିବାରେ ଲାଗିଛି। କହିବାକୁ ଗଲେ ସନ୍ଧ୍ୟା ସମୟଠାରୁ ବ୍ୟାସନଗର ସହର ଜନସମୁଦ୍ର ପାଲିଟିଯାଉଛି। ବ୍ୟାସନଗର ରଙ୍ଗୀନ ଆଲୋକ ମାଳାରେ ଝଲସୁଛି। ବ୍ୟାସନଗର ଏହି ପୂଜା ଦେଖିବାକୁ ବିଶେଷ କରି ସନ୍ଧ୍ୟା ପରେ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଛି। ବ୍ୟାସନଗର ଅଞ୍ଚଳରେ ଥିବା ଦଳା ପୋଖରୀଠାରୁ ଚୋରଦା ବାଇପାସ ଦେଇ ଚାନ୍ଦମା ଗୋଲେଇ ଛକ ପର୍ଯ୍ୟନ୍ତ, ସେପଟେ କୋପଣ୍ଡ ଛକରୁ ଡାକବଙ୍ଗଳା ଛକ ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ, ଡାକବଙ୍ଗଳାରୁ ନହକା ବାଇପାସ ସବୁଆଡେ ଆଲୋକମୟ। ବିଶେଷକରି ନହାକ ଛକରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଭିଡକୁ ଆୟତ କରିବା ପାଇଁ ପୁଲିସ ବାହିନୀ ନାକେଦମ ହୋଇ ପଡୁଛନ୍ତି। ବ୍ୟାସନଗରର ଚୋରଦା ଛକ ମେଢ଼ ୫୦ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାରୁ ସେଠାରେ ବିଶେଷ କରି ଲୋକମାନଙ୍କର ଭିଡ ଦେଖିବାକୁ ମିଳୁଛି। ସେହିପରି ଚାନ୍ଦମାରେ ମାଙ୍କ ସାମ୍ନାରେ ଥିବା ତୋରଣ ସାଜସଜ୍ଜା ଦେଖିବାକୁ ଲୋକଙ୍କର ବେଶୀ ଭିଡ଼ ଜମୁଛି। ସେହିପରି ନହକା ଗୋଲେଇ ଛକ ଥିବାରୁ ଏହାର ଚାରିପାଖ ମଧ୍ୟ ଜୋରଦାର ଭିଡ ଦେଖିବାକୁ ମିଳୁଛି। ଏହାର ଗୋଟିଏ ପାର୍ଶ୍ୱ ମୀନାବଜାର ଥିବାରୁ ମା'ମାନଙ୍କ ପାଇଁ ହରେକ ମାଲ ମିଳୁଛି। ସେଥିପାଇଁ ମହିଳାମାନଙ୍କ ଭିଡ ଦେଖିବାକୁ ମିଳୁଛି। ଅନ୍ୟ ପାର୍ଶ୍ୱରେ ଅନେକ ପ୍ରକାରର ଦୋଳି ପଡିଥିବାରୁ କୁନିକୁନି ପିଲାମାନଙ୍କ ସହ ଦୋଳିପ୍ରେମୀ ଖୁବ ମଜା ନେଉଥିବାର ଦେଖିବାକୁ ମିଳୁଛି। ବହୁ ପ୍ରକାରର ଖାଇବାର ଷ୍ଟାଲ ଯେପରି ଲଙ୍କାଚପ, ଠୁଙ୍ଗାପୁରୀ, ଚାମିନ, ଚାଟ, ମଥୁରା କେକ ଆଦି ନାନାଦୀ ଚଟପଟାଖାଦ୍ୟ ମିଳୁଛି। ସେହିପରି ବ୍ୟାସନଗର ଶାନ୍ତିକମିଟିର ମେମ୍ବର ସମସ୍ତ ପୂଜାମଣ୍ଡପ ପରିଦର୍ଶନ କରିବା ସହିତ ପୂଜା କମିଟିର ମେମ୍ବର ମାନଙ୍କୁ ଉତ୍ସାହିତ କରିଥିଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ନବାଗତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ନବକାକଳି' ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଓ ସ୍ନାତକ ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ନବକଳିକା'ର ପୌରୋହିତ୍ୟ ବିଭାଗ ମୁଖ୍ୟ ଡକ୍ଟର ଉଷାରାଣୀ ରଥ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ସମୂହର ଅଧକ୍ଷ ଡକ୍ଟର ମନୋଜ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲପଢ଼ିବା ସହ ଭଲ ମଣିଷ ହେବା ନିମନ୍ତେ ଉତ୍ସାହିତ କରିଥିଲେ। ଏହାସହ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ମଧ ନବାଗତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ବନମାଳୀ ପାଣିଗ୍ରାହୀ, ଡକ୍ଟର ମନୋରଞ୍ଜନ ବିଷୋୟୀ, ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ମଂଚାସୀନ ଥିଲେ। ମଂଚାସୀନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ନିଜନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଭବିଷ୍ୟତ ପାଇଁ ସରଣୀ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ସ୍ନାତକ ଶେଷବର୍ଷ ଦୁଇଛାତ୍ରୀ ଶୁଭଲକ୍ଷ୍ମୀ, ଅପରାଜିତା ଛାତ୍ର ପ୍ରିନ୍ସ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଶକ୍ତିକପୁର, ସୁମନ, ଇତିଶ୍ରୀ, ପ୍ରିୟା, ଜସ୍ମିନ। ନବାଗତଙ୍କ ପାଇଁ ସ୍ୱାଗତ ଅଭିଭାଷଣ ରଖିଥିଲେ ବରିଷ୍ଠଙ୍କ ପକ୍ଷରୁ ସ୍ନାତକୋତ୍ତର ଶ୍ରେଣୀର ବିଶ୍ୱରଂଜନ, ଲିପିକା ସ୍ନାତକ ଶ୍ରେଣୀର ଡମ୍ବରୁ, ରୁଦ୍ର, ଅପରାଜିତା, ସୁମନ, ସମେତ ବହୁ ଛାତ୍ରଛାତ୍ରୀ। ସେମାନେ ନିଜ ନିଜ ସ୍ୱାଗତ ଅଭିଭାଷଣରେ ବିଭାଗ ଓ ବିଶ୍ୱବିଦ୍ୟାଳୟର ଗାରିମା କିପରି ଅତୁଟ ରହିବ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନବାଗତମାନେ ମଧ ନିଜ ନିଜର ପରିଚୟ ରଖିବା ସହ ସ୍ୱାଗତର ପ୍ରତ୍ୟୁତ୍ତ ରଖି ବିଜୟଲକ୍ଷ୍ମୀ, ଦ୍ରୌପଦୀ, ଦୀପ୍ତିମୟ, ସୁଜ୍ଞାନୀ, ନନ୍ଦନ ଆଦି ବହୁ ଛାତ୍ରଛାତ୍ରୀ ଏହି ବିଭାଗରେ ନାମ ଲେଖାଇ ବେଶ ଉତ୍ସାହିତ ବୋଲି ମତ ରଖିଥିଲେ। ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସ୍ୱାଗତ କରାଯିବା ସହ କାର୍ଯ୍ୟକ୍ରମ ଶେଷରେ ନବାଗତ ମାନଙ୍କ ମଧ୍ୟରେ ହୋଇଥିବା କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରତିଯୋଗିତାର ବିଜେତା ସୁଜ୍ଞାନୀ, ପୂଜା, ଓମକାର ଓ ନମିତା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ହୋଇଥିବା ପ୍ରତିଯୋଗିତାରେ ସୋନାଲି ସ୍ୱାଇଁ, ଦୀପକ ରାଗସ କୃତିତ୍ୱ ଲାଭ କରି ବିଭାଗର ଶ୍ରେଷ୍ଠ ନବାଗତ ହେବାର ଗୌରବ ଲାଭ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରିନ୍ସ, ସୁମନ, ଶକ୍ତି, ଦୀପକ, ସରୋଜ, ବିଶ୍ୱରଂଜନ, ରତିରମଣ, ଲକ୍ଷ୍ମୀପ୍ରିୟା, ବିଭୂପ୍ରିୟା, ଜ୍ୟୋସ୍ନା, ଲିପିକା, ରୋଜାରାଣୀ, ସୁମିତ୍ରା, ଗୀତା, ଲିପ୍ସା, ଡମ୍ବରୁ, ରୁଦ୍ର, ଯଜ୍ଞ, ସିଦ୍ଧାର୍ଥ, ଅଜିତ, ସନ୍ଧ୍ୟା, ମହେଶ୍ୱତା, ଇତିଶ୍ରୀ, ଶେଖର, ସଞ୍ଜୟ, ଗୌରୀ, ଜସ୍ମିନ, ନିହାରିକା, ପ୍ରିୟଙ୍କା, ନୀଳାମ୍ବର, ଉମାଶଙ୍କର, ରଘୁନାଥ, ଶୁଭମ, ଆନନ୍ଦ, ପ୍ରତାପ, ଶୁଭ, ମିନି, ଉପାସନା, ଦିଶା, ମାଧବୀ ସମେତ ବହୁ ବରିଷ୍ଠ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ନୂଆପଡ଼ାରେ କେବଳ କଂଗ୍ରେସ ଦେଇଛି ଆଦିବାସୀ ପ୍ରାର୍ଥୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନ ପାଇଁ ଗତ କାଲିଠାରୁ ପ୍ରତ୍ୟହ ହେଉଥିବା ସାମ୍ବାଦିକ ସମ୍ମିଳନୀରେ ଆଜି ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନୂଆପଡା ଉପନିର୍ବାଚନ ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନୂଆପଡାରେ ଏକ ବିଚିତ୍ର ରାଜନୈତିକ ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପି ଓ ବିଜେଡି ଉଭୟ ପୋଷ୍ଟରରେ ସ୍ୱର୍ଗତ ବିଧାୟକ ରାଜୁ ଢୋଲାକିଆଙ୍କ ଫଟୋ ବ୍ୟବହାର କରୁଛନ୍ତି। ପ୍ରକୃତରେ ସେ କାହାର ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଜନସମାଗମ ନ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ସଭା ଭଣ୍ଡୁର ହେଲା। କାରଣ ବିଜେଡିରେ ଥିବା ସ୍ୱର୍ଗତ ରାଜୁ ଢୋଲକିଆଙ୍କ ପୁତ୍ରଙ୍କୁ ବିଜେପି ପ୍ରାର୍ଥୀ କରିଥିବାରୁ ବିଜେପି ଦଳରେ ଘୋର ଅସନ୍ତୋଷ ଏବଂ କର୍ମୀ ସହଯୋଗ କରୁନାହାନ୍ତି। ସ୍ଥାନୀୟ କର୍ମୀଙ୍କ ନିରୁତ୍ସାହ ପାଇଁ ଛତିଶଗଡ ନେତାଙ୍କୁ ଆସି ପ୍ରଚାର କରିବାକୁ ପଡୁଛି। ବିଜେଡି ଚଳାଉଥିବା ବ୍ୟକ୍ତି ଓ ବିଜେପି ମଧ୍ୟରେ ସାଲିସ ହୋଇଛି ସେମାନେ ବନ୍ଧୁତ୍ୱପୂର୍ଣ୍ଣ ଲଢେଇ କରୁଛନ୍ତି। ଏପଟେ କଂଗ୍ରେସର ପ୍ରଚାରରେ ଖୋଦ ଆମ ଦଳର ସଭାପତି ଭକ୍ତ ଦାସ ନୂଆପଡାରେ ରହି ପ୍ରଚାର ଦାୟିତ୍ୱ ନେଇଛନ୍ତି ପୁଣି ସିଏ ସେଠାକାର ସ୍ଥାନୀୟ ନେତା ଏବଂ ତାଙ୍କ ଅମଳରେ ନୂଆପଡା ବିକାଶର ସ୍ୱାଦ ଚାଖିଥିଲା। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଜଣେ ଆଦିବାସୀ ଏବଂ ନିର୍ବିବାଦୀୟ ସର୍ବମାନ୍ୟ ନେତା। ୪ ଥର ନିର୍ବାଚନ ଲଢ଼ି ଭୋଟ ସଂଖ୍ୟା ବୃଦ୍ଧି ପାଇଛି ଗତ ନିର୍ବାଚନରେ ୫୧ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଜିଲ୍ଲାରେ ମୋଟ ୪୦% ଆଦିବାସୀ ଥିବାବେଳେ ବିଜେଡି ବିଜେପି ଆଦିବାସୀ ଜଣଙ୍କୁ ପ୍ରାର୍ଥୀ କରି ପାରିଲା ନାହିଁ। କିନ୍ତୁ କଂଗ୍ରେସ ରାହୁଲ ଗାନ୍ଧୀଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ବଦ୍ଧପରିକର। ଆମେ ଆଦିବାସୀ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଟିକେଟ ଦେଇଛୁ ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ।



ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନାରୀ, ଶ୍ରମିକ, ଆଦିବାସୀ ଦଳିତ, ବେକାରୀ ଓ କୃଷକଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ବିକାଶ ହେଉଛି କଂଗ୍ରେସର ମୁଦ୍ଦା। ବିଜେପି-ବିଜେଡିଙ୍କ ପାଖରେ କୌଣସି ମୁଦ୍ଦା ନାହିଁ କେବଳ ଗୋଟିଏ ଲକ୍ଷ୍ୟ କଂଗ୍ରେସକୁ ପରାଜିତ କରିବା। ୩୦୦ ୟୁନିଟ ବିଜୁଳି ଛାଡ଼, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା ଯୋଜନା ନାମରେ ବିଜେପି ପ୍ରତାରଣା କରିଛି ତେଣୁ ଭୋଟରଙ୍କ ପାଖକୁ କ'ଣ ମୁଦ୍ଦା ନେଇ ଯିବେ ? କୌଣସି ମୁଦ୍ଦା ନାହିଁ। ସମସ୍ତ ରଣ କୌଶଳ କଂଗ୍ରେସ ଆଗରେ କାମ ଦେଉ ନଥିବାରୁ ଏକ ନୂତନ ନକାରାତ୍ମକ ପନ୍ଥା ଆପଣାଇଛନ୍ତି। ୟୁପିଏ ସରକାର ସମୟରେ ଶିକ୍ଷା ସ୍ୱାସ୍ଥ୍ୟ, ଜଳସେଚନ, ବିଜୁଳି ଓ ରାସ୍ତାଘାଟକୁ ପ୍ରାଧାନ୍ୟ ଦିଆଯାଇ ଅନେକ ବିକାଶମୂଳକ କାମ କରାଯାଇଛି। ଆମେ ବିରୋଧୀ ବିଜେଡି ବିଜେପିଙ୍କୁ ଆହ୍ୱାନ କରୁଛୁ ଏକ ମୁହାଁମୁହିଁ ଆଲୋଚନା ପାଇଁ। କଂଗ୍ରେସ ସରକାର ସମୟରେ କଣ ବିକାଶ ହୋଇଥିଲା ଏବଂ ଗତ ୨୫ ବର୍ଷର ବିଜେଡି ବିଜେପି ଓ ଡବଲ ଇଞ୍ଜିନ ଶାସନରେ କଣ ବିକାଶ କରିଛନ୍ତି। ସାଧାରଣ ଜନତା ନିର୍ଣ୍ଣୟ କରିବେ କାହା ସମୟରେ ପ୍ରକୃତ ବିକାଶ ହୋଇଥିଲା। କଂଗ୍ରେସର ବିଜୟ ହେବ କୌଣସି ଚୋରୀ କିମ୍ବା ଅପପ୍ରଚାର କାମ ଦେବନାହିଁ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ସହିତ ପିସିସିର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ନଳିନୀକାନ୍ତ ନାୟକ ଉପସ୍ଥିତ ଥିଲେ।

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 28th October, 2025 Tuesday | RNI Regd. No. ODIODI/2009/28880

# ମ୍ୟାଚ୍ ବେଳେ ଆହତ ଶ୍ରେୟସ ଆଇସିୟୁରେ



**ନୂଆଦିଲ୍ଲୀ,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆଇସିୟୁରେ ଭର୍ତ୍ତି ହୋଇଛନ୍ତି ଟିମ ଇଣ୍ଡିଆର ନୂଆ ଉପ ଅଧିନାୟକ ଶ୍ରେୟସ ଆୟର। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ବେଳେ ଆହତ ହୋଇଥିବା ଶ୍ରେୟସ ଆୟରଙ୍କ ଚିକିତ୍ସା ଏବେ ସିଡ୍‌ନୀର ଗୋଟିଏ ହସ୍ପିଟାଲରେ ଚାଲିଛି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆରେ ଆହତ ହୋଇଥିଲେ ଶ୍ରେୟସ।

ସେ ଆଲେକ୍ସ କେରୀଙ୍କ କ୍ୟାଚ୍ ଧରିବା ବେଳେ ତାଙ୍କ ବାମ ପଟ ପିଞ୍ଜରାରେ ଗଭୀର ଆଘାତ ଲାଗିଥିଲା। କେରୀ ଆଉଟ ହୋଇଥିଲେ ହେଁ ଆହତ ସମସ୍ୟା ଯୋଗୁ ତୁରନ୍ତ ପଡିଆ ଛାଡିଥିଲେ ଆୟର। ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାଙ୍କ ଅବସ୍ଥା ଗୁରୁତର ହୋଇଛି। ଏଥିପାଇଁ ତାଙ୍କୁ ହସ୍ପିଟାଲର ଆସିୟୁରେ ଭର୍ତ୍ତି କରାଯାଇଛି।

ଟିମ ଇଣ୍ଡିଆ ସୂତ୍ରରୁ ଜଣାପଡିଛି ଯେ ଶନିବାର ଠାରୁ ଆୟର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପିଞ୍ଜରରେ ମାଡ ଯୋଗୁ ତାଙ୍କର ସ୍କାନ ହୋଇଥିଲା। ଆଭ୍ୟନ୍ତରୀଣ ରକ୍ତସ୍ରାବ କଥା ରିପୋର୍ଟରୁ ଜଣାପଡିବା ପରେ ଶନିବାର ଠାରୁ ହିଁ ଆୟର ଆସିୟୁରେ ରହିଛନ୍ତି। ଏବେ ସେ ୭ ଦିନ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ହସ୍ପିଟାଲରେ ରହିବେ। ରକ୍ତସ୍ରାବ ଯୋଗୁ ସଂକ୍ରମଣର ଭୟ ସୃଷ୍ଟି ହୋଇଛି। ତେଣୁ ତାଙ୍କୁ ଆସିୟୁରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ଏହି ସୂତ୍ରରେ କୁହାଯାଇଛି।

ଶନିବାର ମ୍ୟାଚ୍ ବେଳେ ଆହତ ହୋଇଥିବା ଶ୍ରେୟସ କିଛି ସମୟ ଡ୍ରେସିଂ ରୁମରେ ରହିଥିଲେ। ଏହି ସମୟରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟେଙ୍ଗରେ ସମସ୍ୟା ଦେଖାଯାଇଥିଲା। ଏହା ଉପରେ ନଜର ରଖିଥିବା ବିସିସିଆଇର ମେଡିକାଲ ଟିମ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇଥିଲା। ଟିମ ଡାକ୍ତର ଓ ଫିଜିଓ କୌଣସି ପ୍ରକାରର ରିସ୍କ ନନେଇ ଆୟରଙ୍କୁ ହସ୍ପିଟାଲ ନେଇ ଯାଇଥିଲେ।

ଏବେ ସେଠାରେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଯଦି ଠିକଣା ସମୟରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ନଥାଆନ୍ତା, ତା'ହେଲେ ସ୍ଥିତି ଅତ୍ୟନ୍ତ ଜଟିଳ ହେବାର ଆଶଙ୍କା ରହିଥିଲା। ଆୟର ଯଥାଶୀଘ୍ର ସୁସ୍ଥ ହୋଇ ଭାରତ ଫେରିବେ ବୋଲି ମଧ୍ୟ ବିସିସିଆଇ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

ପିଞ୍ଜରରେ ଆଘାତ ଯୋଗୁ ପ୍ରଥମେ ଆୟର ୩ ସପ୍ତାହ କ୍ରିକେଟ ପଡିଆରୁ ଦୂରେଇ ରହିବେ ବୋଲି କୁହାଯାଉଥିଲା। କିନ୍ତୁ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ସେ ଫିଟ ହେବାକୁ ଅଧିକ ସମୟ ଲାଗିପାରେ। ସେ କେବେ କ୍ରିକେଟ ପଡିଆକୁ ଫେରିବେ, ସେକଥା କହିବା ବେଶ ମୁସ୍କିଲ ବୋଲି ଜଣାପଡିଛି।

ଅନ୍ୟପକ୍ଷରେ ଆୟର ଆସିୟୁରେ ରହିଥିବା ବିସିସିଆଇ ନିଶ୍ଚିତ କରିବା ପରେ ଭାରତରେ ଥିବା ତାଙ୍କ ବାପା ମା' ପୂରା ବିଚଳିତ ହୋଇପଡିଛନ୍ତି। ସେମାନେ ସିଡ୍‌ନୀ ଯାଇ ପୁଅକୁ ଦେଖାକରିବାକୁ ଚାହୁଁଛନ୍ତି। ଏଥିପାଇଁ ଉଭୟ ତତ୍କାଳ ଭିସା ପାଇଁ ଆବେଦନ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଆୟରଙ୍କ ବାପା ମା'ଙ୍କ ଭିସା ଆବେଦନକୁ ଗ୍ରହଣ କରାଯାଇଛି କି ନାହିଁ, ସେକଥା ଜଣାପଡିନାହିଁ। ବିସିସିଆଇ ପକ୍ଷରୁ କୁହାଯାଇଛି ଯେ ବୋର୍ଡର ମେଡିକାଲ ଟିମ ଏବେ ସିଡ୍‌ନୀ ଓ ଭାରି ସ୍ପେଶାଲିଷ୍ଟ ଡାକ୍ତରଙ୍କ ଯୋଗାଯୋଗରେ ରହିଛି। ଡାକ୍ତରୀ ଟିମ ବେଶ ତୀକ୍ଷ୍ଣ ଭାବେ ଆୟରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ଟିମ ଇଣ୍ଡିଆର ଡାକ୍ତର ସିଡ୍‌ନୀରେ ଆୟରଙ୍କ ସହ ରହିଛନ୍ତି। ସେ ପୂରା ସ୍ଥିତି ଉପରେ ନଜର ରଖିଛନ୍ତି।

# ୮ ହଜାର ସ୍କୁଲରେ ନାହାନ୍ତି ଜଣେ ବି ବିଦ୍ୟାର୍ଥୀ: ପଢାଇବାକୁ ଅଛନ୍ତି ୨୦ ହଜାର ଶିକ୍ଷକ

**ନୂଆଦିଲ୍ଲୀ,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ଦେଶରେ ୨୦୨୪-୨୫ ଶିକ୍ଷା ବର୍ଷ ଲାଗି ପାଖାପାଖି ୮ ହଜାର ସ୍କୁଲରେ ଜଣେ ବି ଛାତ୍ରଛାତ୍ରୀ ନାଁ ଲେଖାଇ ନାହାନ୍ତି। ଅଧିକାରୀକ ତଥ୍ୟ ଅନୁସାରେ ପଶ୍ଚିମବଙ୍ଗରେ ଏପରି ସର୍ବାଧିକ ୩,୮୧୨ ସ୍କୁଲ ଥିଲେ ଯେଉଁଠି ଜଣେ ବି ପିଲାର ନାମ ଲେଖା ହୋଇ ନାହିଁ। ଏହା ପଛକୁ ତେଲେଙ୍ଗାନା ୨,୨୪୫ଟି ସ୍କୁଲ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ହେଲେ ଏହି ଶୁନ ନାମଲେଖା ସ୍କୁଲରେ ମୋଟ ୨୦,୮୧୭ ଜଣ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ଲାଗି ନିଯୁକ୍ତ ଅଛନ୍ତି।

ତେବେ ସବୁଠୁ ଖାସ କଥା ଯାହା ତାହା ହେଉଛି ପଶ୍ଚିମବଙ୍ଗର ଏପରି ସ୍କୁଲରେ ୧୭,୯୬୫ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷାମନ୍ତ୍ରାଳୟଙ୍କ ତଥ୍ୟ ଅନୁସାରେ ୨୦୨୩-୨୪ ଶିକ୍ଷା ବର୍ଷରେ ଏହି ପରି ଶୁନ ନାମଲେଖା ସ୍କୁଲ ସଂଖ୍ୟା ୧୨,୯୫୪ ଥିଲା। ତେବେ ୨୦୨୪-୨୫ରେ ଏହା ହ୍ରାସ ହୋଇ ୭,୯୯୩କୁ ପହଞ୍ଚିଛି। ହରିୟାଣା, ମହାରାଷ୍ଟ୍ର, ଗୋଆ, ଆସାମ, ହିମାଚଳପ୍ରଦେଶ ଛତିଶଗଡ଼, ନାଗାଲ୍ୟାଣ୍ଡ, ସିକ୍କିମ ଓ ତ୍ରିପୁରାରେ ଏପରି ଗୋଟେ ବି ସ୍କୁଲ ନଥିଲା।

ଶିକ୍ଷା ବିଭାଗର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ 'ସ୍କୁଲ ଶିକ୍ଷା' ରାଜ୍ୟଙ୍କ ବିଷୟ। ଏଣୁ ରାଜ୍ୟ ସରକାରମାନଙ୍କୁ ଶୁନ ନାମଲେଖା ସମସ୍ୟାର ମୁକାବିଲା ନିମନ୍ତେ ପରାମର୍ଶ ଦିଆଯାଇଛି। ଏହି ଅନୁସାରେ କେତେକ ରାଜ୍ୟ ସରକାର ସଂସାଧନ ଯେପରି ଇନଫ୍ରାଷ୍ଟ୍ରକ୍ଚର ଓ କର୍ମଚାରୀଙ୍କ ଉପଯୋଗ ନିମନ୍ତେ ସ୍କୁଲମାନଙ୍କୁ ବିଲୟ କରିଛନ୍ତି। ତେବେ ପୁଡୁଚେରୀ, ଲକ୍ଷଦ୍ୱୀପ, ଦାଦର ଓ ନଗରହାଭେଲୀ, ଆଣ୍ଡାମାନ ଓ



ନିକୋବର ଦ୍ୱୀପ ସମୂହ, ଡାମନ ଡ୍ୟୁ ଓ ଚଣ୍ଡିଗଡ଼ ଭଳି କେନ୍ଦ୍ର ଶାସିତ ରାଜ୍ୟମାନଙ୍କରେ ଏପରି ଶୁନ ନାମଲେଖା ଗୋଟିଏ ବି ସ୍କୁଲ ନାହିଁ। ଏପରିକି ରାଜଧାନୀ ଦିଲ୍ଲୀରେ ମଧ୍ୟ ଏପରି ସ୍କୁଲ ନାହିଁ ଯେଉଁଠି ଶିକ୍ଷା ବର୍ଷ ଆରମ୍ଭରେ ନୂଆ ନାମ ଲେଖା ହେଉନାହିଁ।

ହେଲେ ମଧ୍ୟପ୍ରଦେଶରେ ଏପରି ୪୬୩ଟି ସ୍କୁଲ ଥିଲା ଯେଉଁଠି ଶିକ୍ଷାବର୍ଷ ଆରମ୍ଭରେ ଜଣେ ବି ଛାତ୍ରଛାତ୍ରୀ ନାମ ଲେଖାଇ ନଥିଲେ। ହେଲେ ଏହି ସ୍କୁଲ ମାନଙ୍କରେ ୨୨୩ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସେହିପରି ତେଲେଙ୍ଗାନାରେ ଏପରି ସ୍କୁଲ ମାନଙ୍କରେ ୧,୦୧୬ ଶିକ୍ଷକ କାର୍ଯ୍ୟରତ ଥିବା ଦେଖା ଯାଇଛି। ଉତ୍ତର ପ୍ରଦେଶରେ ଏହିପରି ୮୧ଟି ସ୍କୁଲ ଥିବା ବେଳେ ପିଛିଲା ୩ ଶିକ୍ଷା ବର୍ଷରେ ବିଦ୍ୟାଳୟ ନୂଆ ଛାତ୍ରଛାତ୍ରୀଙ୍କୁ ଆଡମିସନ ନକଲେ ସେହିସବୁ ସ୍କୁଲର ମାନ୍ୟତା ରଦ୍ଦ କରାଯିବ ବୋଲି ୟୁପି ମାଧ୍ୟମିକ ଶିକ୍ଷା ପରିଷଦ ଘୋଷଣା କରିଛନ୍ତି।

ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଦେଶର ୩୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଜଣେ ଶିକ୍ଷକ ଥିବା ୧ ଲକ୍ଷରୁ ଅଧିକ ସ୍କୁଲରେ ପାଠ ପଢୁଛନ୍ତି। ଏପରି ସ୍କୁଲଙ୍କ ସଂଖ୍ୟା ଆନ୍ଧ୍ରପ୍ରଦେଶରେ ସବୁଠୁ ଅଧିକ। ଯେଉଁଠି ଜଣେ ଜଣେ ଶିକ୍ଷକ ଶହଶହ ଛାତ୍ରଛାତ୍ରୀଙ୍କୁ ପାଠ ପଢାଉଛନ୍ତି। ତେବେ ଜଣେ ଶିକ୍ଷକ ଥିବା ସ୍କୁଲରେ ଅଧିକ ଛାତ୍ରଛାତ୍ରୀଙ୍କ ଆଡମିସନରେ ଉତ୍ତରପ୍ରଦେଶ ଆଗରେ ରହିଛି। ଏହା ପଛକୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ମଧ୍ୟ ପ୍ରଦେଶ ଅଛନ୍ତି। ୨୦୨୨-୨୩ରେ ଏପରି ଜଣେ ଶିକ୍ଷକଙ୍କ ସ୍କୁଲ ସଂଖ୍ୟା ୧୧୮୧୯୦ ଥିଲା। ୨୦୨୩-୨୪ରେ ଏପରି ସ୍କୁଲ ସଂଖ୍ୟା ୧୧୦୯୭୧କୁ ଖସି ଆସିଛି, ଯାହା ପାଖାପାଖି ୬% ହ୍ରାସ ଦର୍ଶାଉଛି।

## ଏସଆଇ ପରୀକ୍ଷା ଜାଲିଆତି ମାମଲା

# ସିବିଆଇ ତଦନ୍ତ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ

**କଟକ,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାଇକୋର୍ଟରେ ପୋଲିସ ଏସଆଇ ପରୀକ୍ଷା ଜାଲିଆତି ମାମଲାର ଆଜି ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ସିବିଆଇ ତଦନ୍ତ ନେଇ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଥିବା ସଂପର୍କରେ ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟକୁ ଅବଗତ କରିଥିଲେ। ଏହି ବିଜ୍ଞପ୍ତି ବିଷୟରେ ଅବଗତ ହେବା ପରେ ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି।

ସୂଚନା ଯୋଗ୍ୟ, ବହୁ ଚର୍ଚ୍ଚିତ ପୋଲିସ ଏସଆଇ ଜାଲିଆତି ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲାବେଳେ ସିବିଆଇ ତଦନ୍ତ ଦାବିରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଥିଲା। ଆଇନଜୀବି ଶିବଶଙ୍କର ମହାନ୍ତି ଏହି ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ପରୀକ୍ଷାରେ ଏକ ବଡ଼ ଧରଣର ଜାଲିଆତି ହୋଇଥିବାବେଳେ ଏଥିରେ ଆନ୍ତଃ ରାଜ୍ୟ ସଂପୃକ୍ତି ରହିଥିବା ସନ୍ଦେହ କରି ଏହି ମାମଲା ଦାୟର ହୋଇଥିଲା। ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚର ଜଣେ ଡିଏସପି ର୍ୟାଙ୍କର ଅଧିକାରୀ କରୁଥିଲେ। କିନ୍ତୁ ଏହି ସ୍କାମର ତଦନ୍ତ ସିବିଆଇ କଲେ ସେ ଘଟଣାର ମୂଳ ପର୍ଯ୍ୟନ୍ତ ପହଞ୍ଚି ପାରିବେ ବୋଲି ଜନସ୍ୱାର୍ଥ ମାମଲାରେ ଦର୍ଶା ଯାଇଥିଲା। ଏହି ମାମଲାରେ ଗୃହସଚିବ ଓପିଆରବି ଅଧକ୍ଷ ଓ ପୋଲିସ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏସଆଇ ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ ଜଣଙ୍କୁ ଗିରଫ କରିଥିବାବେଳେ ଘଟଣାର ତଦନ୍ତ ଭାର ରାଜ୍ୟ ସରକାର ସିବିଆଇକୁ ହସ୍ତାନ୍ତର କରିଛନ୍ତି। ସୋମବାର ଶୁଣାଣି ବେଳେ ସିବିଆଇ ତଦନ୍ତ ନେଇ ସରକାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ବୋଲି ଆଜି ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟକୁ ଅବଗତ କରିଥିଲେ। ଏହି ବିଜ୍ଞପ୍ତି ବିଷୟରେ ଅବଗତି ହେବା ପରେ ହାଇକୋର୍ଟ ଆଜି ମାମଲାର ଅନ୍ତ ଘଟାଇଛନ୍ତି।

# ବାତ୍ୟା ମନ୍ଥା ପାଇଁ ୩୨ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୨୭।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମନ୍ଥାକୁ ଦୃଷ୍ଟି ରଖି ଯାତ୍ରୀ ସୁରକ୍ଷା ଏବଂ ଟ୍ରେନ ପରିଚାଳନା ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବ୍ୟାପକ ପ୍ରସ୍ତୁତି ହୋଇଛି। ପରିସ୍ଥିତିର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରିଛି। ଘୂର୍ଣ୍ଣିଝଡ଼ ସମୟରେ ନିରନ୍ତର ସଂଯୋଗ ବଜାୟ ରଖିବା ପାଇଁ ସାଟେଲାଇଟ୍ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରସ୍ତୁତ ରଖାଯାଇଛି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି। ରେଳ ପରିସର ନିକଟରେ ସମସ୍ତ ହୋର୍ଡିଂ, ଲୁଜ୍ ସିଟ୍ ଏବଂ ନିର୍ମାଣ ସାମଗ୍ରୀକୁ ସୁରକ୍ଷିତ ରଖାଯାଇଛି। ସୁଗମ ଜଳ ନିଷ୍କାସନ ମାର୍ଗ ପାଇଁ ଡ୍ରେନେଜ୍ ଲାଇନ୍ ସଫା କରି ନିମ୍ନଭାଗ ଏବଂ ଜଳ ଜମା-ପ୍ରବଣ ଅଞ୍ଚଳଗୁଡ଼ିକୁ କଡ଼ାକଡ଼ି ତଦାରଖ କରାଯାଉଛି। ୨୭ ତାରିଖରେ ବିଶାଖାପାଟଣାରୁ ଏବଂ ୨୮ ତାରିଖରେ ବ୍ରହ୍ମପୁରରୁ ୧୮୫୨୬/୧୮୫୨୫ ବିଶାଖାପାଟଣା-ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ୨୭ ତାରିଖରେ ବିଶାଖାପାଟଣାରୁ ଏବଂ ୨୯ ତାରିଖରେ ଅମୃତସରରୁ ୨୦୮୦୫/୨୦୮୦୬ ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ରହିବ। ୨୮ ଅକ୍ଟୋବର ୨୦୨୫ରେ ଉଭୟ ପାର୍ଶ୍ୱରୁ ୬୭୨୮୯/୬୭୨୯୦ ବିଶାଖାପାଟଣା-ପଲାସା-ବିଶାଖାପାଟଣା ମେମୁ ଏବଂ ୫୮୫୩୧/୫୮୫୩୨ ବ୍ରହ୍ମପୁର-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ବାତିଲ ରହିବ। ୨୮ ତାରିଖରେ କଟକରୁ ଏବଂ ୨୯ ଅକ୍ଟୋବର ରେ ଗୁଣୁପୁରରୁ ୬୮୪୩୩/ ୬୮୪୩୪ କଟକ-ଗୁଣୁପୁର-କଟକ ମେମୁ ବାତିଲ ରହିବ। ୨୮ ଅକ୍ଟୋବରରେ ଭୁବନେଶ୍ୱରରୁ ଛାଡୁଥିବା ୧୮୪୬୩ ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ୍, ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ୨୦୮୫୧ ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍ ବାତିଲ ରହିବ। ଆଜି ଭୁବନେଶ୍ୱରରୁ ଛାଡିବାକୁ ଥିବା ୧୮୪୪୭ ଭୁବନେଶ୍ୱର-ଜଗଦଳପୁର ହୀରାଖଣ୍ଡ ଏକ୍ସପ୍ରେସ୍ ରାୟଗଡା ପର୍ଯ୍ୟନ୍ତ ଚଳାଚଳ କରିବ। ଏବଂ ରାୟଗଡାରୁ ଜଗଦଳପୁର ପର୍ଯ୍ୟନ୍ତ ବାତିଲ ରହିବ।

## ପ୍ରଥମ ପୃଷ୍ଠାରୁ...

### ମୁଖ୍ୟ ସଚିବମାନଙ୍କୁ...

ଓ ବେଙ୍ଗଲକୁ ଛାଡି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନଭେମ୍ବର ୩ ତାରିଖ ଦିନ ୧୦.୩୦ରେ ହାଜର ହେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ମାସର ନିର୍ଦ୍ଦେଶ ପରେ ମଧ୍ୟ ବୁଲା କୁକୁରଙ୍କ ଆତଙ୍କ କମି ନଥିବାରୁ ସର୍ବୋଚ୍ଚ ଅଦାଲତ ବିରକ୍ତ ପ୍ରକାଶ କରିଛନ୍ତି।

ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହତା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ "ଏଯାଏ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ଜବାବ ଆସିଲା ନାହିଁ। ଆପଣଙ୍କ ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ଖରାପ କରି ଦେଖାଯାଉଛି। ଦେଶର ଛବି ମଳିନ ହେଉଛି। ୨ ମାସ ଗଲାଣି, ତଥାପି କୌଣସି ଜବାବ ନାହିଁ।"

ଖଣ୍ଡପୀଠ କହିଛନ୍ତି, "ଆପଣମାନେ କ'ଣ ଖବରକାଗଜ ପଢୁ ନାହାନ୍ତି? ଅଗଷ୍ଟ ୨୨ରେ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇଥିଲା। ଏବେ ଜବାବ ଦାଖଲ କରି ନଥିବା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବେ ଓ ବିଳମ୍ବର କାରଣ କହିବେ।"

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି ଯେ ବେଙ୍ଗଲ, ତେଲଙ୍ଗାନା ଓ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ଜବାବ ଦାଖଲ କରିଥିଲେ। ତଥାପି ସେମାନେ ଜବାବ ଦାଖଲ କରିବା ବେଳେ ଦୀପାବଳି ବ୍ରେକ ଥିବାରୁ ସେଗୁଡିକ ରେକର୍ଡ ହୋଇନାହିଁ। ଦିଲ୍ଲୀ ସରକାର ଜବାବ ଦାଖଲ କରି ନଥିବାରୁ ଖଣ୍ଡପୀଠ ଆହୁରି ବିରକ୍ତ ହୋଇଛନ୍ତି। ଖଣ୍ଡପୀଠ କହିଛନ୍ତି, "ଏମସିଡି ଜବାବ ଦାଖଲ କରିଛି। କିନ୍ତୁ ଦିଲ୍ଲୀ ସରାକାର କାହିଁକି କରି ନାହାନ୍ତି?" ଆଡିସନାଲ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଡାଭେଙ୍କୁ ଖଣ୍ଡପୀଠ କହିଛନ୍ତି, "କାହିଁକି ଏନସିଟି (ନ୍ୟାଶନାଲ କ୍ୟାପିଟାଲ ରିଜନ ଟେରିଟୋରୀ) ତା'ର ସତ୍ୟପାଠ ଦାଖଲ କରିନାହିଁ? ମୁଖ୍ୟ ଶାସନ ସଚିବ ଏହାର ଜବାବ ଧରି ଆସନ୍ତୁ। ନଚେତ ଜୋରିମାନା ଲାଗୁ କରାଯିବ କିମ୍ବା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ଆପଣଙ୍କ ଅଫିସରଙ୍କୁ ନୋଟିସ କରନ୍ତୁ। ଆପଣଙ୍କ ଅଫିସରମାନେ ଖବରକାଗଜ କିମ୍ବା ସୋଶାଲ ମିଡିଆ ଦେଖୁନାହାନ୍ତି? ସମସ୍ତେ ଏହାକୁ (ଅଗଷ୍ଟ ୨୨ ନିର୍ଦ୍ଦେଶ) ରିପୋର୍ଟ କରିଛନ୍ତି। ନଭେମ୍ବର ୩ରେ ସମସ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ରହିବେ। ନଚେତ ଆମେ ଅଡିଟୋରିୟମରେ କୋର୍ଟ କାର୍ଯ୍ୟ କରିବୁ।" ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଅଗଷ୍ଟ ୮ରେ ଦେଇଥିବା ରାୟରେ ସାମାନ୍ୟ ସଂଶୋଧନ କରିଥିଲେ। ଦିଲ୍ଲୀ-ଏନସିଆରରେ ବୁଲୁ ଥିବା କୁକୁରମାନଙ୍କୁ ଧରି ତୁରନ୍ତ ଆଶ୍ରୟସ୍ଥଳକୁ ନେବାକୁ ଦେଇଥିବା ରାୟରେ ପରିବର୍ତ୍ତନ ହୋଇଥିଲା। ଅଗଷ୍ଟ ୨୨ରେ ସୁପ୍ରିମକୋର୍ଟ ସଂଶୋଧିତ ରାୟରେ କହିଥିଲେ ଯେ ବୁଲା କୁକୁରମାନଙ୍କୁ ପୌର ପାଳିକାର ଅଧିକାରୀମାନେ ଧରିବା ସହ ବନ୍ଧ୍ୟାକରଣ ଓ ଟିକା ଦେବେ। ଏହାପରେ ସେମାନଙ୍କୁ ଯେଉଁ ସ୍ଥାନରୁ ଧରିଥିବେ, ସେଠାରେ ଛାଡିବେ। ଅନିର୍ଦ୍ଦିଷ୍ଟ କାଳ ପାଇଁ ବୁଲା କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇ ପାରିବ ନାହିଁ। କିନ୍ତୁ ରୋଗଗ୍ରସ୍ତ ଓ କାମୁଡିବାକୁ ଗୋଡାଉଥିବା କୁକୁରମାନଙ୍କୁ ପୌର ପାଳିକା ସର୍ବସାଧାରଣରେ ଛାଡିବ ନାହିଁ। ସେମାନଙ୍କୁ ଅଲଗା ଆଶ୍ରୟସ୍ଥଳରେ ରଖାଯିବ। ଏହାବାଦ ବୁଲା କୁକୁରଙ୍କୁ ତଥାକଥିତ ପଶୁପ୍ରେମୀମାନେ ସର୍ବସାଧାରଣରେ ଖାଇବାକୁ ଦେଇ ପାରିବେ ନାହିଁ। ସେମାନଙ୍କୁ କେବଳ ପୌରପାଳିକା ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ଖାଇବାକୁ ଦିଆଯିବ। ଏହି ରାୟ କେବଳ ଦିଲ୍ଲୀ-ଏନସିଆର ନୁହେଁ, ବରଂ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହେବ। ଏଥିପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନୋଟିସ କରିଥିଲେ।

### ଦୁର୍ବଳ ଅବସ୍ଥାରେ...

ସମସ୍ତ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ କୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ୯ଟି ଅଗ୍ନିଶମ ବିଭାଗ ଏବଂ କୋରାପୁଟରୁ ଆସିଥିବା ଆଉ ଚାରୋଟି ଓଡ୍ରାଫ ଓ ଅଗ୍ନିଶମ ବିଭାଗର କର୍ମଚାରୀ ସଜାଗ ରହିଛନ୍ତି। ଜିଲ୍ଲାର ବିଶେଷକରି ମୋଟୁ, କାଲିମେଳା, ପଡିଆ ସମେତ ମାଲକାନଗିରି, ବଣ୍ଡାଘାଟି, ଚିତ୍ରକୋଣ୍ଡା ଅଞ୍ଚଳରେ ବାତ୍ୟାର ପ୍ରଭାବ ବିଶେଷ ଭାବେ ପଡିବ। ଯାହାକୁ ନେଇ ସେହି ଅଞ୍ଚଳର ସମସ୍ତ ସରକାରୀ ଅଧିକାରୀ ୨୪ ଘଣ୍ଟା ଆଲର୍ଟ ରହିବ ପାଇଁ କୁହାଯାଇଛି। ଜିଲ୍ଲାରେ ଯଦି କୌଣସି ସ୍ଥାନ ଭୂସ୍ଖଳନ କିମ୍ବା ଅନ୍ୟ କୌଣସି ଅପ୍ରତିକର ଘଟଣା ଘଟେ ତେବେ ତୁରନ୍ତ ହେଲପ୍ ଲାଇନ ନମ୍ବର ୧୦୭୭ ଏବଂ ଟେଲିଫୋନ ନମ୍ବର ୦୬୮୬୧୨୩୧୩୭୨କୁ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ନିବେଦନ କରିଛନ୍ତି। ଜିଲ୍ଲାପାଳଙ୍କ ଏନଆଇସି କଠୋରୀରେ କଣ୍ଟ୍ରୋଲ ରୁମ ପ୍ରସ୍ତୁତ କରାଯାଇଛି। ଜିଲ୍ଲାପାଳ ନିଜେ ଏହି ରୁମରେ ବସି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଜିଲ୍ଲାର ୨୫୩ ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଯେଉଁମାନେ ଆସନ୍ତା ୧୦ ଦିନ ମଧ୍ୟରେ ଡେଲିଭେରି କରିବେ। ସମସ୍ତଙ୍କୁ ମା' ଗୃହରେ ସୁରକ୍ଷିତ ଭାବେ ରଖାଯାଇଛି।

ସେହିପରି ଗଜପତି ଜିଲ୍ଲାରେ ଆଜି ସନ୍ଧ୍ୟା ୮ଟା ସୁଦ୍ଧା ୬୯୦୭ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ୧୭୦ ଜଣ ଗର୍ଭବତୀ ମା'ଗୃହକୁ ସ୍ଥାନାନ୍ତର ହୋଇଛନ୍ତି। ବାତ୍ୟା ପ୍ରଭାବ ଯୋଗୁଁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଆଳି ପଂଚାୟତର ଜୀବନ ଦାସ ଗୁଡାର ଆଶ୍ରିତ ପ୍ରସୂତି ମହିଳା ଜୟନ୍ତୀ ସଉରା ଏକ ପୁତ୍ର ସନ୍ତାନ ଜନ୍ମ କରିଛନ୍ତି। ଡାକ୍ତରଖାନା ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ଚାଷୀଙ୍କୁ ପିଟିପିଟି...

ସେମାନେ ମୋତେ ଧକ୍କା ମାରିଥିଲେ। ମୋ ଡ୍ରେସ ଚିରି ଦେବା ସହ ଆମକୁ ଡରାଇବାକୁ ଗୁଳି ମାଡ କରିଥିଲେ। ମୋ ବାପା ମା' ଚାଷ ଜମିକୁ ଯାଉଥିବା ବେଳେ ମହେନ୍ଦ୍ର, ହରିଶ ଓ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନେ ମୋ ବାପାଙ୍କ ଉପରେ ଥାର ଚଢ଼ାଇ ଦେଇଥିଲେ। ସେ ଚିତ୍କାର କରୁଥିଲେ ହେଁ କେହି ବି ସହଯୋଗ କରି ନଥିଲେ। କାରଣ ଅଭିଯୁକ୍ତମାନଙ୍କ ହାତରେ ବନ୍ଧୁକ ଥିଲା।"

କ୍ଷତାକ୍ତ ଅବସ୍ଥାରେ ରାମସ୍ୱରୂପ ଗାଁରେ ପଡି ରହିଥିଲେ ମଧ୍ୟ ଭୟରେ କେହି ଡାକ୍ତରଖାନାକୁ ନେଇନଥିଲେ। ପ୍ରାୟ ଘଣ୍ଟାଏ ପରେ ରାମସ୍ୱରୂପଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଫତେଗଡ ପୁଲିସ୍ ଷ୍ଟେସନ ଅଞ୍ଚଳରେ ଥିବା ଗଣେଶପୁର ସବୁବେଳେ ମହେନ୍ଦ୍ରଙ୍କୁ ଭୟ କରିଥାଏ। ମହେନ୍ଦ୍ର ସବୁବେଳେ ଆତଙ୍କ ସୃଷ୍ଟି କରନ୍ତି ଓ କେହି ବି ତାଙ୍କ ବିରୋଧରେ ପୁଲିସ୍‌ରେ ଅଭିଯୋଗ କରିବାକୁ ସାହାସ କରନ୍ତି ନାହିଁ।

### ସବୁ ତାପଜ...

କଂକ୍ରିଟ ବା କାରଖାନାରୁ ଫେଷ୍ଟାହୋଇଥିବା ଆସୁଥିବା କଂକ୍ରିଟରେ ତାପଜ କେନ୍ଦ୍ରର ପାଉଁଶ ବ୍ୟବହାର ହେଉଛି। ଏ କ୍ଷେତ୍ରରେ ବ୍ୟବହାର ହେଉଥିବା ପାଉଁଶର ପରିମାଣ ୦.୦୨ ନିୟୁତ ଟନ୍ ରହିଛି। ମୁକୁଳା ପଡିଥିବା ଖଣିଗୁଡ଼ିକୁ ପାଉଁଶରେ ପୋତିବା ଉପରେ ଜୋର ଦିଆଯାଉଛି। ଏଭଳି ମୁକୁଳା ଖଣିରେ ବର୍ଷକୁ ପାଖାପାଖି ସାଢେ ୩ ନିୟୁତ ମେଟ୍ରିକ ଟନ୍ ପାଉଁଶ ବ୍ୟବହାର ହେଉଥିବାବେଳେ ଡ୍ୟାମ ନିର୍ମାଣ, କୃଷି କାର୍ଯ୍ୟ, ଆଜବେଷ୍ଟସ ନିର୍ମାଣ ଆଦିରେ କମ୍ ପରିମାଣର ପାଉଁର ବ୍ୟବହାର କରାଯାଉଛି। ମୋଟାମୋଟି ଭାବେ ବର୍ଷକୁ ୪୫ ନିୟୁତ ଟନ୍‌ରୁ ଅଧିକ ପାଉଁଶ ବାହାରୁଥିବାବେଳେ ପାଖାପାକ୍ ୪୧ ନିୟୁତ ଟନ୍ ପାଉଁଶ ବ୍ୟବହାର ହେଉଛି। ଅବଶିଷ୍ଟ ବଳକା ପାଉଁଶ ଏବେ ବିଭିନ୍ନ କାରଖାନା ପାଇଁ ମୁଣ୍ଡବିନ୍ଧାର କାରଣ ହେଉଛି। ମଝିରେ ମଝିରେ କାରଖାନାଗୁଡିକ ନିର୍ମାଣ କରିଥିବା ପାଉଁଶ ପୋଖରୀ ବନ୍ଧ ଭାଙ୍ଗି ଆଖପାଖ ଅଞ୍ଚଳରେ ମାଡି ଫସଲ ନଷ୍ଟ କରିବା ସହିତ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବା ଦେଖିବାକୁ ମିଳିଥାଏ। ଏହାକୁ ନେଇ ଅନେକ ସ୍ଥାନରେ ଲୋକେ ଆନ୍ଦୋଳନକୁ ବି ଓହ୍ଲାଇଥାନ୍ତି। ବର୍ତ୍ତମାନ ରାଜ୍ୟରୁ ବାହାରୁଥିବା ତାପଜ ପାଉଁଶର ପ୍ରାୟ ୮୯ ପ୍ରତିଶତ ବିନିଯୋଗ ହେଉଥିବା ସରକାରୀ ଭାବେ ଦର୍ଶାଯାଉଥିବାବେଳେ ଅବଶିଷ୍ଟ ୧୧ ପ୍ରତିଶତ ପାଉଁଶକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

### ଦୁଇଦିନ ସ୍କୁଲ...

ମୂଳକ ପଦକ୍ଷେପ ଭାବରେ ୯ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି।

ସେହିପରି ମନ୍ଥା ପାଇଁ ୮ ଜିଲାରେ ୩୦ ଯାଏଁ ସ୍କୁଲ ବନ୍ଦ ଘୋଷଣା କରିଛନ୍ତି ରାଜ୍ୟ ସରକାର। ସେଗୁଡିକ ହେଲା ଗଂଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର। ଏହି ସବୁ ରେଡ ଜୋନ ଜିଲ୍ଲାରେ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ ମଧ୍ୟ କରାଯାଇଛି। ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍। ଜିଲା ଶିକ୍ଷା ଅଧିକାରୀଙ୍କ ଯୋଗାଯୋଗରେ ରହିବେ। ଅନୁଶାସନ ସଚିବ ଗୁଣ୍ଡାଇ ହାଁସଦାଙ୍କ ସହ ଯୋଗାଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୋବାଇଲ ନମ୍ବର ୮୦୧୮୭୬୫୨୫୬ ନମ୍ବରରେ ଯୋଗାଯୋଗ କରିପାରିବେ। ପିଲାଙ୍କ ପାଇଁ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ରିଲିଫରେ ବ୍ୟବହାର ହୋଇପାରିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଏହା କୁହାଯାଇଛି।

### ୧୨ ରାଜ୍ୟରେ...

୧୨ଟାରେ ଫ୍ରିଜ୍ କରାଯିବ। ପ୍ରତ୍ୟେକ ପୋଲିଂ ବୁଥରେ ଜଣେ ବିଏଲଓ ଏବଂ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ନିୟୋଜିତ ହେବେ। ଆଜି ସମସ୍ତ ଭୋଟରଙ୍କ ପାଇଁ ଗଣନା ଫର୍ମ ମୁଦ୍ରିତ ହେବ। ପ୍ରତ୍ୟେକ ବିଏଲଓ ସୂଚନା ସଂଗ୍ରହ କରିବା ପାଇଁ ପ୍ରତ୍ୟେକ ଘରକୁ ଅତି କମରେ ତିନିଥର ପରିଦର୍ଶନ କରିବେ। ଯେଉଁ ଭୋଟରମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀ ବାହାରେ ଅଛନ୍ତି ସେମାନେ ମଧ୍ୟ ଏହି ଫର୍ମଗୁଡ଼ିକୁ ଅନଲାଇନରେ ପୂରଣ କରିପାରିବେ। ଏହି ପ୍ରକ୍ରିୟା ସମୟରେ କୌଣସି ଅତିରିକ୍ତ ଡକ୍ୟୁମେଣ୍ଟ କିମ୍ବା ଫର୍ମ ଆବଶ୍ୟକ ହେବ ନାହିଁ।

### ଜଙ୍ଗଲ ଧ୍ୱଂସର...

ନିଶା କେଉଁଠୁ ଆସିଲା ବୋଲି ଅନେକ ପ୍ରଶ୍ନ କରୁଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା କଥା ହେଲାଯେ, ଏହି ଅଂଚଳର ପ୍ରାଚୀନ ବତିଘର ଉପରକୁ ଉଠି ଚାରିପାଖକୁ ଚାହିଁଲେ ଏହି ଅଂଚଳରେ ଜଙ୍ଗଲ ଧ୍ୱଂସ କେତେ ଦ୍ରୁତତର ହୋଇଛି। ଏହି ବତିଘର ଚାରି ପାଖରେ ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ଏବେ ଜଙ୍ଗଲ ଅପେକ୍ଷା ଅଧିକ ଆଖିର ପଡ଼ିବ ଚିଙ୍ଗୁଡ଼ି ଘେରୀ, ବିସ୍ତୀର୍ଣ୍ଣ ଧାନ କ୍ଷେତ ଓ ବହୁ କୋଠାବାଡ଼ି। ମହାକାଳପଡ଼ା ଅଂଚଳରେ ବନ ବିଭାଗ ଓ ରାଜସ୍ୱ ବିଭାଗ ପଦାଧିକାରୀଙ୍କ ମିଳିତ ଅସାଧୁ ମେଣ୍ଟ କାରଣରୁ ବନାଂଚଳରେ କେଉଁଠି ଚିଙ୍ଗୁଡ଼ି ଘେରୀ ନିର୍ମାଣ ହେଲାଣି ତ କେଉଁଠି ବହୁତଳ ବିଶିଷ୍ଟ କୋଠାବାଡ଼ି ଗଢିଉଠିଲାଣି। ମାଫିଆ ମାନେ ଡ୍ରିଲ୍ କରି ଜଙ୍ଗଲ ଜମିକୁ ଦଖଲ କରି ନେଉଛନ୍ତି ଏବଂ ପରେ ଚଂଚକତା କରି କିଶମ ପରିବର୍ତ୍ତନ କରାଇବା ସହିତ ଜବରଦଖଲ କେଶ୍ ଜରିଆରେ ନିଜ ନାମରେ ରେକର୍ଡ଼ କରାଇ ନେଉଛନ୍ତି। ସମସ୍ତଙ୍କ ଆଖି ଆଗରେ ରାସ୍ତା କଡ଼ରେ ଥିବା ଜଙ୍ଗଲ ଜମି ବି ହଡ଼ପ ହୋଇଯାଉଛି। ଏହି ଧାରା ବହୁ ବର୍ଷ ହେଲା ଚାଲିଥିବାବେଳେ ଶହ ଶହ ଏକର ଜଙ୍ଗଲ ଜମି ଚାଲିଗଲାଣି ଏବଂ ଆଗକୁ ଆହୁରି ଯିବା ପ୍ରାୟ ନିଶ୍ଚିତ। କେବଳ ସେତିକି ନୁହେଁ ଜଙ୍ଗଲରୁ ବାରହା, ହରିଣ, କଇଁଛ, କଂକଡ଼ା ଆଦି ସ୍ଥାନୀୟ ବନ ବିଭାଗ ବାବୁମାନଙ୍କ ଅର୍ଥଖୋର ମୋହ ଯୋଗୁ କ୍ରମେ ହ୍ରାସ ପାଇବାରେ ଲାଗିଛି। ବାର୍‌ହା ଓ ହରିଣଙ୍କର ଅବାଧ ଶିକାର ଚାଲିଛି। ସମସ୍ତଙ୍କ ଜାଣତରେ ଟନ୍ ଟନ୍ କଂକଡ଼ା ଚାଲାଣ ହେଉଛି। ସେହିପରି ଜଙ୍ଗଲ କଟା ହୋଇ ବଡ଼ ବଡ଼ ଗଛ ଗାଏବ ହୋଇ ଯାଉଛି। ଯେଉଁଥିପାଇଁ ବନ ବିଭାଗର ବୃକ୍ଷରୋପଣ ସନ୍ଦେହ ଘେରକୁ ଟାଣି ହୋଇ ଆସିଛି। ତେବେ ଅନେକଙ୍କ କହିବା କଥାଯେ,ବନ ବିଭାଗ ଜଙ୍ଗଲ ବିକାଶ ଲକ୍ଷ୍ୟରେ ଚାରା ରୋପଣ କରୁଛି ଭାବିବା ଠିକ୍ ନୁହେଁ। ବଂର ସରକାରୀ ଅର୍ଥକୁ ହେରଫେର କରିବା ପାଇଁ ଏହି ବୃକ୍ଷରୋପଣ କରାଯାଉଛି। ତା' ହୋଇନଥିଲେ ସୁରକ୍ଷା ବ୍ୟବସ୍ଥା ନଥାଇ ଚାରାରୋପଣ କରାଯାଇନଥାନ୍ତା। ପାଣି ବୁଡ଼ିରହୁଥିବା ଜାଗାରେ କେତେ ଗଛ ବଂଚିବ ନବଂଚିବ ତାହା ବନ ବିଭାଗ ପାଇଁ ବଡ଼ କଥା ନୁହେଁ। କେବଳ ବୃକ୍ଷରୋପଣ ନାଁରେ ଲକ୍ଷଲକ୍ଷ ଟଙ୍କା ହେରଫେର କରିବାପାଇଁ ବୃକ୍ଷରୋପଣ କରାଯାଉଛି। ବର୍ଷକ ପରେ ସେହି ସ୍ଥାନରେ ଗଛ କେତେ ରହିଥିବ ଦେଖିଲେ ସଚେତନ ଲୋକେ ଆପେ ଆପେ ବୁଝିଯିବେ। ତେବେ ବନ ବିଭାଗ ଅଧିକାରୀମାନଙ୍କୁ କ'ଣ ଏଠାରେ ନିଯୁକ୍ତି ଦିଆଯାଇଛି ଜଙ୍ଗଲ ଧ୍ୱଂସ କରି ନିଜ ନିଜର ପାଣ୍ଠି ବଢାଇବା ଏବଂ ଜଙ୍ଗଲ ସୃଷ୍ଟି ନାଁ ରେ ସରକାରୀ ତହବିଲ ଲୁଟିବାକୁ ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନ ଉଠିଛି।

### ଭୂତକୋଠି ପାଲଟିଲାଣି...

ଗୃହରେ ପରିଣତ କରାଯିବା ସହିତ ଏଠାରେ ୧୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା। ଏଥିପାଇଁ ୧୭ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ଠିକାଦାର ଓ ବିଭିନ୍ନ ମେସିନାରୀ ତଥା ଉପକରଣ ଯୋଗାଇ ଥିବା ସପ୍ଲାୟର ତାଙ୍କର ବିଲ୍ ପାଇଗଲେ ଏବଂ ଅଘୋଷିତ ଭାବେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଚାଲିଥିବା ହାରରେ ଯିଏ ଯାହା ପିସି ପାଇବା କଥା ସେମାନେ ପାଇଗଲେ। ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଯାଇ ଏହାକୁ ଉଦ୍‌ଘାଟନ କରି ନାଁ ନେଲେ। ଗଣମାଧ୍ୟମରେ ମଧ୍ୟ ଏହାର ପ୍ରଚାର ପ୍ରସାର ହେଲା। ହେଲେ ଦିନ କେଇଟା ନଯାଉଣୁ ଉକ୍ତ ସ୍ୱାବଲମ୍ବିନୀ ଗୃହ ଓ ଶୀତଳ ଭଣ୍ଡାର ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଗଲା। ଏଠାରେ ପନିପରିବା ଓ ଫଳମୂଳ ଆଦି ରଖି ପରବର୍ତ୍ତୀ ସମୟରେ ଏହାର ଉପଯୋଗ ତଥା ବିକ୍ରି ବଟା କରିବାକୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ବ୍ୟର୍ଥ ହୋଇଗଲା। ଏବେ ଏହି ଶୀତଳ ଭଣ୍ଡାର ଏକ ଅବ୍ୟବହୃତ ଗୃହଟିଏ ହୋଇ ପଡ଼ିରହିଥିବା ଦେଖାଯାଇଛି। ଏହା କେବଳ ଭାତ ହାଣ୍ଡିରୁ ଗୋଟିଏ ବୋଲି କୁହାଯାଇପାରେ। ସମଗ୍ର ଜିଲ୍ଲାରେ କରାଯାଇଥିବା ସ୍ୱାବଲମ୍ବିନୀ ଗୃହ ଓ ଶୀତଳ ଭଣ୍ଡାର ଗୁଡ଼ିକର ଅବସ୍ଥା ଅନୁରୂପ। ଏପରିକି ବିପୁଳ ଅର୍ଥ ବ୍ୟୟରେ ବିଭିନ୍ନ ବ୍ଲକ୍ ରେ ହୋଇଥିବା କାଫେ ଗୁଡ଼ିକ ମଧ୍ୟରୁ ଅଧିକାଂଶର ଅବସ୍ଥା ତଦ୍ରୂପ। ଏହାକୁ ଦେଖି ମିଶନ ଶକ୍ତି ଯେ ଜିଲ୍ଲାରେ ବାସ୍ତବତା ଠାରୁ ବହୁ ଦୂରରେ ଥିଲା ତାହା ଯେକେହି ବି ସ୍ୱୀକାର କରିବେ। ତେବେ ଏଥିନେଇ ମିଶନ ଶକ୍ତି ଦାୟିତ୍ୱରେ ଥିବା କୌଣସି ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବାତ୍ୟା ଆସିଲେ ମନେ ପଡେ ବାତ୍ୟାଶ୍ରୟସ୍ଥଳୀ କଥା

**ରାଜନଗର,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ବାତ୍ୟା ମନ୍ଥାର ସୂଚନାକୁ ନେଇ ଲୋକମାନଙ୍କ ମଧ୍ୟରେ ଛନକା ପଶିଛି। ସରକାର ଓ ପ୍ରଶାସନ ତୁହାକୁ ତୁହା ବୈଠକ କରୁଛନ୍ତି। ଧନଜୀବନ ସୁରକ୍ଷିତ ରଖିବା ପାଇଁ ଗଣମାଧ୍ୟମ ମାଧ୍ୟମରେ ରାଜସ୍ୱମନ୍ତ୍ରୀ ଲୋକମାନଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ସୂଚନା ଦେଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ମଧ୍ୟ ବାତ୍ୟାଶ୍ରୟସ୍ଥଳୀକୁ ଅନୁଧ୍ୟାନ କରିଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ରାଜନଗର ବ୍ଲକରେ ଥିବା ବାତ୍ୟାଶ୍ରୟସ୍ଥଳୀଗୁଡିକ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ୩୫ ଓସଡମା ନିର୍ମିତ ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ଥିବା ବେଳେ ୧୦ଟି ରେଡକ୍ରସ ବାତ୍ୟାଶ୍ରୟସ୍ଥଳୀ ରହିଛି। ସମୁଦ୍ରଠାରୁ ମାତ୍ର ଗୋଟିଏ କିଲୋମିଟର ମଧ୍ୟରେ ରହିଥିବା କଏଥା ରେଡକ୍ରସ ବାତ୍ୟାଶ୍ରୟସ୍ଥଳୀରେ ଥିବା ସାଇରନ ଓ ଅନେକ ଆସବାବପତ୍ର ନିକଟରେ ଚୋରୀ ହୋଇଯାଇଛି। ଯାହା ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇନାହିଁ। ଏପରିକି ଏହି ବ୍ଲକରେ ଥିବା ବାତ୍ୟାଶ୍ରୟ କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଇଥିବା ଜେନେରେଟର ଆରମ୍ଭରୁ ଅଚଳ ହୋଇ ରହିଛି। ମିଳିଥିବା ଆସ୍କା ଲାଇଟଗୁଡିକ ଅଚଳ ହୋଇପଡିଥିବା ବେଳେ ସେଗୁଡିକ ସଜଡା ଯାଉନାହିଁ। ବାତ୍ୟା ସମୟରେ ଗଛ କାଟିବା ପାଇଁ କଟର ମେସିନ୍‌ଗୁଡିକ ମଧ୍ୟ ଅଚଳ ହୋଇ ରହିଛି। ସବୁଠାରୁ ବଡକଥା ହେଲା, ଏହି ବାତ୍ୟାଶ୍ରୟସ୍ଥଳୀଗୁଡିକୁ ବର୍ଷେ ଦୁଇବର୍ଷ ବ୍ୟବଧାନରେ ମରାମତି ନାଁରେ ରଙ୍ଗ ମାରି ଲକ୍ଷାଧିକ ହରିଲୁଟ ହେଉଥିବା ବେଳେ ଆରମ୍ଭରୁ କବାଟ ଝରକାଗୁଡିକ ମରାମତି କରାଯିବା କିମ୍ବା ବଦଳା ଯାଉନଥିବାରୁ ବାତ୍ୟା ସମୟରେ କବାଟ ଓ ଝରକା ଦେଇ ଭିତରକୁ ପାଣି ପଶୁଛି। ଯାହାଫଳରେ ଲୋକମାନଙ୍କୁ ସୁରକ୍ଷା ଦେବାକୁ ନିର୍ମାଣ ହୋଇଥିବା ବାତ୍ୟାଶ୍ରୟସ୍ଥଳୀଗୁଡିକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଶୌଚାଳୟ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଅବସ୍ଥା କହିଲେ ନସରେ। ପାଣିଟାଙ୍କିଗୁଡିକରେ ଲାଗିଥିବା ପାଇପଗୁଡିକ ଫାଟିଯିବା ସହ ଟାଙ୍କିରେ ମଧ୍ୟ ଫାଟ ଦେଖା ଯାଉଛି। ବୋରିଂରେ ଲାଗିଥିବା ପାଣିମଟର ଅଚଳ ହୋଇ ପଡିଛି। ସମଗ୍ର ବ୍ଲକରେ ଥିବା ବାତ୍ୟାଶ୍ରୟସ୍ଥଳୀର ଅବସ୍ଥା ଏକାପରି। ବାତ୍ୟାଶ୍ରୟସ୍ଥଳୀଗୁଡିକୁ ସଂଯୋଗ ରାସ୍ତାଗୁଡିକ ଅବସ୍ଥା ଶୋଚନୀୟ ହୋଇପଡିଛି। ବାତ୍ୟାଶ୍ରୟସ୍ଥଳୀକୁ ସଂଯୋଗ ରାସ୍ତାଗୁଡିକ ମରାମତି ନହେବା ଫଳରେ ମରଣଯନ୍ତା ପାଲଟିଛି। ବିଭାଗୀୟ ଅଧିକାରୀମାନେ ରାସ୍ତାଗୁଡିକର ସ୍ଥିତି ଅନୁଧ୍ୟାନ ନକରି ୩୦ବର୍ଷ ଭିତରେ ଏହି ରାସ୍ତା ଖରାପ ହେବନି ବୋଲି ବାହାସ୍କୋଟ ମାରୁଥିବା ଅଭିଯୋଗ ହୋଇଛି। ନିକଟରେ ବାତ୍ୟାଶ୍ରୟସ୍ଥଳୀଗୁଡିକୁ ୬ଲକ୍ଷ ଟଙ୍କା ଲେଖାଏଁ ମରାମତି ନାଁରେ କେବଳ ରଙ୍ଗମାରି ପ୍ରଶାସନିକ ଅଧିକାରୀମାନେ ହରିଲୁଟ କରିଥିବା ଅଭିଯୋଗ ହେଉଛି। ବାତ୍ୟା ଆସିଲେ ବାତ୍ୟାଶ୍ରୟସ୍ଥଳୀଗୁଡିକ ସଂପର୍କରେ ପ୍ରଶାସନ ମନେ ପକାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସଂଭ୍ରାନ୍ତ ଅଞ୍ଚଳରେ ହାଇପ୍ରୋଫାଇଲ ସେକ୍ସ ରାକେଟ

**ରାଉରକେଲା,୨୭।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ସଂଭ୍ରାନ୍ତ ଅଞ୍ଚଳରେ ଚାଲିଥିଲା ହାଇପ୍ରୋଫାଇଲ ସେକ୍ସ ରାକେଟ। ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗରୁ ଆସୁଥିଲେ ଯୁବତୀ। ପାର୍ବଣରେ ଲାଗିଥିଲା ଗ୍ରାହକଙ୍କ ଲମ୍ବା ଲାଇନ। ରାଉରକେଲା ସହରର ସଂଭ୍ରାନ୍ତ ଅଞ୍ଚଳ ଭାବେ ପରିଚିତ ସିଭିଲ ଟାଉନସିପ ଅଞ୍ଚଳରୁ ଠାବ ହୋଇଛି ଏହି ହାଇ ପ୍ରୋଫାଇଲ୍ ସେକ୍ସ ରାକେଟ। ଘର ଭଡ଼ା ନେଇ ଚାଲିଥିଲା ଦେହ ବ୍ୟବସାୟ। ଯାହାର କିଙ୍ଗପିନ ଥିଲେ ମୁକେଶ ଗୁପ୍ତା। ରଘୁନାଥପାଲୀ ପୋଲିସ ଚଢ଼ାଉ କରି ରାଣୀ ମହୁମାଛିଙ୍କ ସହ ୫ ଜଣଙ୍କୁ କାବୁ କରିଛି। ଘରୁ ବିଭିନ୍ନ ଆପତ୍ତିଜନକ ଜିନିଷ ସହ ୭ଟି ମୋବାଇଲ ଓ ଡାଏରୀ ଜବତ କରିଛି ପୋଲିସ। ଛତିଶଗଡ଼, ପଶ୍ଚମବଙ୍ଗ, ଝାଡ଼ଖଣ୍ଡ ସହ ବାହାର ରାଜ୍ୟର ଯୁବତୀମାନଙ୍କୁ ଆଣି ଏହି ରାକେଟରେ ସାମିଲ କରାଯାଉଥିଲା। ପାର୍ବଣ ଋତୁରେ ପ୍ରତି ଗ୍ରାହକଙ୍କ ଠାରୁ ୧୫ ଶହରୁ ଦୁଇ ହଜାର ଟଙ୍କା ନିଆଯାଉଥିବା ବେଳେ ଯୁବତୀମାନଙ୍କୁ ୫ରୁ ୬ ଶହ ଟଙ୍କା ଦିଆଯାଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଗ୍ରାହକମାନଙ୍କ ନିକଟକୁ ହ୍ୱାଟସଆପରେ ପଠାଯାଉଥିଲା ଯୁବତୀଙ୍କ ଫଟୋ। ସେକ୍ସ ରାକେଟ ଚଳାଇଥିବା ଅଭିଯୋଗରେ ମୁକେଶ ଗୁପ୍ତାଙ୍କ ସହ ଜଣେ ସହଯୋଗୀ ଓ ଅନ୍ୟ ଜଣେ ରାଣୀ ମହୁମାଛି ଗିରଫ ହୋଇଥିବାବେଳେ ଉଦ୍ଧାର ଦୁଇଜଣ ଯୁବତୀଙ୍କୁ ସଖି କେନ୍ଦ୍ରରେ ରଖାଯାଇଛି। ଡାଏରୀର ତଥ୍ୟ ଅନୁସାରେ ପୋଲିସ ତଦନ୍ତ ଜାରି ରଖିଛି।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460
Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ**
Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**